

ସଂସଦରେ ମଜାକ ପାଲଟିଛନ୍ତି ବିରୋଧୀଦଳ ନେତା

ପୃଷ୍ଠା ୫

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 04 ଭାଗ ୩୪ | ସଂଖ୍ୟା 04 | Thursday 26 March 2026 | Page 8 Rs. 5.00 | ଭୁବନେଶ୍ୱର ଗୁରୁବାର ୨୬ ମାର୍ଚ୍ଚ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

## ପିଏନଜି ନ ନେଲେ ମିଳିବନି ଏଲପିଜି

- ୩ ମାସର ଅବଧି ଦେଲା କେନ୍ଦ୍ର
- ଏଣିକି ପିଏନଜି କନେକ୍ସନ ବାଧ୍ୟତାମୂଳକ

ନୂଆଦିଲ୍ଲୀ,୨୫।୩(ସଂଚାର ବ୍ୟୁରୋ): ପଶ୍ଚିମ ଏସିଆରେ ଯୁଦ୍ଧ ଯୋଗୁ ଭାରତରେ ସୃଷ୍ଟି ହୋଇଥିବା ଏଲପିଜି ସଂକଟ ଭିତରେ କେନ୍ଦ୍ର ସରକାର ଏକ ବଡ଼ ନିର୍ଦ୍ଦେଶ ଜାରି କରିଛନ୍ତି। ଯେଉଁଥିରେ ଭାରତର କୋଟି କୋଟି ପରିବାର ରୋଷେଇ ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ ଆସିପାରେ। ସହରବାସିନ୍ଦାଙ୍କ ପାଇଁ କଡ଼ା ନିର୍ଦ୍ଦେଶ ଜାରି କରି ସରକାର କହିଛନ୍ତି, ତୁରନ୍ତ ପିଏନ୍‌ଜି କନେକ୍ସନ ଲଗାଅ ନହେଲେ ଏଲ୍‌ପିଜି ସପ୍ଲାଏ ବନ୍ଦ କରିଦେବୁ। ପିଏନ୍‌ଜି କନେକ୍ସନ ପାଇଁ ୩ ମାସର ସମୟ ଦିଆଯାଇଥିବା ବେଳେ କାଉଣ୍ଟଡାଉନ୍ ଆଜିଠୁ ଆରମ୍ଭ ହୋଇଛି।

ସହରାଞ୍ଚଳରେ ଘରକୁ ଗ୍ୟାସ ପାଇପଲାଇନ ସଂଯୋଗ ଯାଇଥିଲେ,



ତୁରନ୍ତ ପିଏନଜି ସଂଯୋଗ କିଣିବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି। ୯୦ ଦିନ ଭିତରେ ପିଏନଜି କନେକ୍ସନ ନନେଲେ ତିନି ମାସ ପରେ ଏଲପିଜି ସିଲିଣ୍ଡର ଯୋଗାଣ ବନ୍ଦ ହୋଇଯିବ। ଗ୍ୟାସ୍ ସଂକଟ ଯୋଗୁ କେନ୍ଦ୍ର ସରକାର ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ମଧ୍ୟପ୍ରାଚ୍ୟରେ ଚାଲିଥିବା ➪ପୃଷ୍ଠା-୬

# ଦୁର୍ବଳ ଓ ସବଳର ସଂଜ୍ଞା ବତାଇଲେ ମୋହନ



- ରାଜ୍ୟସଭା ନିର୍ବାଚନ ଓ ନୂଆପଡ଼ା ଉପନିର୍ବାଚନରୁ ମିଳିଛି ପ୍ରମାଣ
- ୨୦୧୯ରୁ ୨୪ କିଏ ଥିଲେ ଦୁର୍ବଳ, କିଏ ଥିଲେ ସବଳ?
- ତତ୍କାଳୀନ ସବଳ ସ୍ୱାସ୍ଥ୍ୟମନ୍ତ୍ରୀଙ୍କର କାହିଁକି ହୋଇଥିଲା ହତ୍ୟା?
- ଆଉ ୭ ଦିନ ପରେ ଇତିହାସ ହୋଇଯିବ ମାଓ ହିଂସା
- ମର୍ଯ୍ୟାଦାର ସହ କାମ କରୁଛନ୍ତି ବନ୍ଧନମୁକ୍ତ ପୁଲିସ
- ସାଇବର ଅପରାଧ ଆମ ପାଇଁ ଚ୍ୟାଲେଞ୍ଜ:ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୫।୩ (ସଂଚାର ବ୍ୟୁରୋ):ଗୃହ ଓ ସାଧାରଣ ପ୍ରଶାସନ ବିଭାଗର ଖର୍ଚ୍ଚ ଦାବି ଆଲୋଚନାର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିରୋଧୀ ଦଳ ବିଶେଷକରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କଡ଼ା ସମାଲୋଚନା କରିଛନ୍ତି। ବିରୋଧୀ ଦଳ କ୍ରମାଗତ ଭାବେ ୧୦ ଦିନ ଧରି ଏସସିବି ମେଡିକାଲ କଲେଜ ପ୍ରସଙ୍ଗରେ ଗୃହକୁ ଅଚଳ କରିଆସୁଛି। ଏଥିସହ ଆଜି ବିରୋଧୀ ଦଳ ସବଳ ସ୍ୱାସ୍ଥ୍ୟମନ୍ତ୍ରୀ ଓ ଦୁର୍ବଳ ମୁଖ୍ୟମନ୍ତ୍ରୀ ବୋଲି ଦେଇଥିବା ସ୍ଲୋଗାନର ଜବାବ ଦେବାକୁ ଯାଇ ୨୦୧୯ରୁ ୨୦୨୪ ମଧ୍ୟରେ ତତ୍କାଳୀନ ସବଳ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦାହରଣ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିଜେଡି ସରକାର ଅମଳରେ ୨୦୧୯ରୁ ୨୦୨୪ ମଧ୍ୟରେ ମୁଖ୍ୟମନ୍ତ୍ରୀ ଦୁର୍ବଳ ହେଉଥିଲେ ଆଉ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ସବଳ ହୋଇ ଉପରକୁ ଉଠୁଥିଲେ। ତାଙ୍କୁ କେଉଁ କାରଣରୁ ହତ୍ୟା କରାଗଲା, ଆଉ କାହିଁକି ହତ୍ୟା କରାଗଲା, ସେକଥା ସମସ୍ତେ ଜାଣନ୍ତି। ଏବେ କହିଲେ କଷ୍ଟ ହେବ। ସେହିଭଳି ରାଜ୍ୟସଭା ନିର୍ବାଚନରେ ପାଇଁ ନବୀନ ନିବାସରେ ଲୁଙ୍ଗି ପିନ୍ଧି ବସିଲେ। ଏହାଦ୍ୱାରା କେବଳ ଖୋର୍ଦ୍ଧା ଲୁଙ୍ଗିର ଭଲ ବିଜ୍ଞାପନ ହେଲା, ତା' ଛଡ଼ା ଆଉ କିଛି ବି ହେଲାନି। ରାଜ୍ୟସଭା ନିର୍ବାଚନ ଓ ନୂଆପଡ଼ା ଉପନିର୍ବାଚନରୁ ବିରୋଧୀ ଦଳ ଦୁର୍ବଳ ଆଉ ସବଳର ସଂଜ୍ଞା ପାଇଯାଇଛନ୍ତି ବୋଲି ମୋହନ ସ୍ପଷ୍ଟ କରିଛନ୍ତି।

ବିରୋଧୀଙ୍କୁ କେବଳ ରାଜନୈତିକ ବୟାନବାଜିର ଜବାବ ଦେଇନାହାଁନ୍ତି, ପରିସଂଖ୍ୟାନ ➪ପୃଷ୍ଠା-୬

● ସୁଶାସନରେ ହେଉ ନ ଥିଲା ଅଭିଯୋଗ ଶୁଣାଣି

### ଆଉଟ୍‌ସୋର୍ସିଂ ଓ ଆଭାସୀରେ ଚାଲିଥିଲା ସରକାର

ଭୁବନେଶ୍ୱରରେ ତିଆରି ହେବ ଜନାଶ୍ରୟ ନିବାସ। ରାଜଧାନୀକୁ ବିଭିନ୍ନ କାମ ପାଇଁ ଆସୁଥିବା ଲୋକେ କମ ଖର୍ଚ୍ଚରେ ସେଠାରେ ରହିପାରିବେ। ସାଧାରଣ ପ୍ରଶାସନ ବିଭାଗର ଖର୍ଚ୍ଚ ଦାବି ଆଲୋଚନାର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ ଏହି ସୂଚନା ଦେଇଛନ୍ତି। ଏଥିସହ ପୂର୍ବ ସରକାରକୁ କଲେ ଟାର୍ଗେଟ କରି କହିଥିଲେ ଯେ ଆଗରୁ ଅଭିଯୋଗ ପ୍ରକୋଷ୍ଠକୁ ମୁଖ୍ୟମନ୍ତ୍ରୀ ଆସୁ ନ ଥିଲେ। ଏହା ଥିଲା ସେତେବେଳର ତଥାକଥିତ ସୁଶାସନ ବ୍ୟବସ୍ଥା। ଏବେ ଯେତେବେଳେ ଜନଶୁଣାଣି ବ୍ୟବସ୍ଥାକୁ ଜିଲ୍ଲା ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯାଉଛି, ତାହା ବିରୋଧୀଙ୍କୁ କଷ୍ଟ ହେଉଛି। କରୋନା ସରିବା ପରେ ବି ନବୀନ ବାବୁଙ୍କୁ କରୋନା ଭୟ ଥିଲା। ନବୀନ ନିବାସରୁ ସେ ଆଭାସୀ ମାଧ୍ୟମରେ ଭାଷଣ ଦେଉଥିଲେ। ତେଣୁ ସେ ଥିଲେ ସବଳ ➪ପୃଷ୍ଠା-୬

କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି

## ଚଣ୍ଡିଖୋଲରେ 'ଏପିଆର୍' ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହେଉ



- ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ ବି ଫଳ ମିଳିନଥିଲା
- ୮,୭୪୩ କୋଟି ନିବେଶରେ ହେବାକୁ ଥିବା ପ୍ରକଳ୍ପ ଅର୍ଥନୀତିକୁ ଗତି ଦେବ
- ୫ ହଜାର ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ମିଳିବ

ନୂଆଦିଲ୍ଲୀ,୨୫।୩ (ସଂଚାର ବ୍ୟୁରୋ): ସାମ୍ପ୍ରତିକ ବିଶ୍ୱ ପରିସ୍ଥିତି ବିଶେଷକରି ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧ ଓ ଭୂ-ରାଜନୈତିକ ଅସ୍ଥିରତା ମଧ୍ୟରେ ଭବିଷ୍ୟତରେ ଦେଶର ଉର୍ଜା ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚିନ୍ତା ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଭବିଷ୍ୟତରେ ଦେଶର ତୈଳ ଆବଶ୍ୟକତାକୁ ସୁରକ୍ଷିତ ରଖିବା ପାଇଁ ଯାଜପୁର ଜିଲ୍ଲାର ଚଣ୍ଡିଖୋଲଠାରେ ପ୍ରତିଷ୍ଠା ହେବାକୁ ଥିବା ୪ ମିଲିୟନ୍ ମେଟ୍ରିକ୍ ଟନ୍ (ଏମଏମଟି) କ୍ଷମତା ବିଶିଷ୍ଟ 'ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ' (ଏସପିଆର) ପ୍ରକଳ୍ପର ଶୀଘ୍ର ସମାପ୍ତି ତଥା ଦ୍ୱରିତ କାର୍ଯ୍ୟକ୍ଷମ ପାଇଁ ପଦକ୍ଷେପ ନେବାକୁ ସେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂ ପୁରୀ ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପୃଥକ ଭାବେ ଚିଠି ଲେଖି ନିବେଦନ କରିଛନ୍ତି।

ଶ୍ରୀ ପ୍ରଧାନ ଏନେଇ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେବା ସହ ଉକ୍ତ ଚିଠିରେ ଏହାର ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦର୍ଶୀ ନେତୃତ୍ୱରେ କେନ୍ଦ୍ର କ୍ୟାବିନେଟ୍ ଗତ ୨୦୧୮ ଜୁନ୍ ୨୭ରେ ଚଣ୍ଡିଖୋଲଠାରେ ଏହି ପ୍ରକଳ୍ପ ପାଇଁ ଅନୁମୋଦନ ଦେଇଥିଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ଏ ସମ୍ପର୍କରେ ଚିଠି ଲେଖିଥିଲେ ମଧ୍ୟ କ୍ରିୟାନ୍ୱୟନ ହୋଇପାରିନଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଗତ ବର୍ଷ ଏପ୍ରିଲ ୮ରେ ନୂଆଦିଲ୍ଲୀଠାରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଶ୍ରୀ ପୁରୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓ ତାଙ୍କ ଉପସ୍ଥିତିରେ ଇପିକଲ୍, ଓଡ଼ିଶା ସରକାର ଓ ଇଣ୍ଡିଆନ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ ଲିମିଟେଡ୍ (ଆଇଏସପିଆରଏଲ) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ➪ପୃଷ୍ଠା-୬

## ଜିଦ୍‌ରେ ସରକାର; ବିରୋଧୀ ପାଳିଲେ କଳା ଦିବସ

- କଳା ଟି-ଶାର୍ଟ ପିନ୍ଧି ପ୍ରତିବାଦ, ବିଧାନସଭା ପରିକ୍ରମା
- ବିରୋଧୀଙ୍କ ଅସହଯୋଗକୁ ଶାସକ ଦଳର ସମାଲୋଚନା
- ହଟ୍ଟଗୋଳ ଯୋଗୁ ନଷ୍ଟ ହେଲାଣି ୧୨ କୋଟି:ପୂର୍ତ୍ତମନ୍ତ୍ରୀ


ଭୁବନେଶ୍ୱର,୨୫।୩(ସଂଚାର ବ୍ୟୁରୋ):ଓଡ଼ିଶା ବିଧାନସଭାରେ କ୍ରମାଗତ ଭାବେ ଅଚଳାବସ୍ଥା ଜାରି ରହିଛି। ଚାଲିପାରୁନି ପ୍ରଶ୍ନକାଳ ଓ ଶୂନ୍ୟକାଳ କି ସ୍ଥାନୀୟ ସମସ୍ୟା ଉପରେ ହୋଇପାରୁନି ଆଲୋଚନା। ସେପଟେ ଗୃହ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ଖର୍ଚ୍ଚ ଦାବି ମଧ୍ୟ ବିନା ବିରୋଧୀରେ ବିଧାନସଭାର ଅନୁମୋଦନ ଲାଭ କରିଛି। ଏସସିବିରେ ଏତେ ବଡ଼ ଦୁର୍ଘଟଣା ପରେ ବି ସ୍ୱାସ୍ଥ୍ୟମନ୍ତ୍ରୀ ନୈତିକ ଦାୟିତ୍ୱ ନେଉ ନ ଥିବା ବେଳେ ଆଜି ଦୁଇ ବିରୋଧୀ ଦଳ ମିଳିତ ଭାବେ ବିଧାନସଭାରେ କଳା ଦିବସ ପାଳିଛନ୍ତି।

ଆଜି ମୁଖ୍ୟ ବିରୋଧୀ ବିଜେଡି ଓ କଂଗ୍ରେସ ନିଆରା ଢଙ୍ଗରେ ପ୍ରତିବାଦ କରିଥିଲେ। ବିରୋଧୀ ସଦସ୍ୟମାନେ କଳା ଟି-ଶାର୍ଟ ପିନ୍ଧି କଳା ଦିବସ ପାଳନ କରିଥିଲେ। ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ପୁଣି ଥରେ ସମାନ ପ୍ରସଙ୍ଗରେ ହଟ୍ଟଗୋଳ କରି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଆଜି ବିରୋଧୀଙ୍କ ସ୍ଲୋଗାନ ଥିଲା 'ଶକ୍ତିଶାଳୀ ସ୍ୱାସ୍ଥ୍ୟମନ୍ତ୍ରୀ, ଦୁର୍ବଳ ମୁଖ୍ୟମନ୍ତ୍ରୀ, ଶାସନ ଚାଲିବ କେମିତି'। ସେପଟେ ବିରୋଧୀ ଦଳର ବିରୋଧକୁ




ବିରୋଧ କରି ଶାସକ ଦଳ ପକ୍ଷରୁ ମଧ୍ୟ ବିଜୁ-ନବୀନ ଟ୍ରଷ୍ଟ ସମ୍ପର୍କିତ ପ୍ଲାକାର୍ଡ ପ୍ରଦର୍ଶନ କରାଯାଇଥିଲା। ଶାସକ ଦଳର ସଦସ୍ୟମାନେ ପ୍ରଶ୍ନକାଳରେ ଏହି ପ୍ଲାକାର୍ଡ ପ୍ରଦର୍ଶନ କରିବା ସହ ଶୂନ୍ୟକାଳରେ ମଧ୍ୟ ନିଜ ନିଜ ଆସନରେ ବସି ରହି ଏହାକୁ ପ୍ରଦର୍ଶିତ କରିଥିଲେ।

ବିଜେଡି ଓ କଂଗ୍ରେସର ପ୍ରତିବାଦ ଯୋଗୁଁ ପ୍ରଶ୍ନକାଳ ମାତ୍ର ତିନି ମିନିଟ ଚାଲିଥିବା ବେଳେ ଶୂନ୍ୟକାଳରେ ହଟ୍ଟଗୋଳ ମଧ୍ୟରେ ସରକାରୀ ଦଳର ବିଧାୟକମାନେ ବିଜେଡି ଓ କଂଗ୍ରେସ ଦଳର ଆଚରଣ ➪ପୃଷ୍ଠା-୬



### କାନ ଡେରିଥା

ସୁନା କମିଥିଲା ଖୁସି ହୋଇଥିଲ
ପୁଣି ଦର ବଢ଼ିଗଲା
ସୁନା ବଦଳରେ ଗ୍ୟାସ
କିଣିଦିଅ
ନଥିବ ଖାଦ୍ୟ ଝାମେଲା
ଜୀବନ ବଞ୍ଚିଲେ ହେଲା...
ସୁନାରୁପା ଏବେ ଚୋର ବି
ଖୋଜୁନି
ଗ୍ୟାସ ଖୋଜୁଛି ଭଲା ।

■ ଦେବାଶିଷ

## ବିଜେଡି ଷଡ଼ଯନ୍ତ୍ର ପଛରେ କିଏ ?

ଭୁବନେଶ୍ୱର,୨୫।୩(ସଂଚାର ବ୍ୟୁରୋ): ଆଜି ଭୁବନେଶ୍ୱରରେ ଏକ ହୋର୍ଡିଂ ଛାଇଯାଇଥିଲା, ଯାହାକୁ ନେଇ ରାଜନୈତିକ ମହଲରେ ବେଶ ଆଲୋଚନା ହେଉଛି। ଗତ କିଛି ଦିନ ହେଲା ବିଜୁ-ନବୀନ ଇନସ୍ପିରେସନାଲ ଟ୍ରଷ୍ଟକୁ ନେଇ ଚାଲିଥିବା ବିବାଦକୁ ନେଇ ଏହି ହୋର୍ଡିଂ ପ୍ରସ୍ତୁତ ହୋଇଥିଲା। ଏହି ବେନାମୀ ହୋର୍ଡିଂରେ ନବୀନ ପଟ୍ଟନାୟକ ଗୋଡ ଉପରେ ଗୋଡ଼ ପକାଇ ବସିଥିବା ବେଳେ ପୂର୍ବତନ ୫-ଟି ସଚିବ ଭିକେ ପାଣ୍ଡିଆନ ଓ ବିଜେଡିର ନବନିର୍ବାଚିତ ରାଜ୍ୟସଭା ସାଂସଦ ସଂତୃପ୍ତ ମିଶ୍ର ଟଙ୍କା ଭର୍ତ୍ତି ମୁଣା ଧରି ଦୌଡ଼ୁଥିବାର କାର୍ଟୁନ ଚିତ୍ର ରହିଛି।

ଆଜି ରାଜଭବନ ଛକ, କମିଶନରେଟ ପୁଲିସ ଛକ, ରାଜମହଲ ଛକ, ମାଷ୍ଟର କ୍ୟାଣ୍ଟିନ ଛକ ଏମିତି ରାଜଧାନୀର ଅନେକ ସ୍ଥାନରେ ଏହି ବେନାମୀ ହୋର୍ଡିଂ ଲାଗିଥିଲା। ଗତକାଲି ବିଳମ୍ବିତ ରାତି ପର୍ଯ୍ୟନ୍ତ ଏଭଳି ହୋର୍ଡିଂର ଦେଖାଦର୍ଶନ ନଥିବା ବେଳେ ହଠାତ ସକାଳୁ ସକାଳୁ ଏସବୁ ହୋର୍ଡିଂ




ଦେଖିବାକୁ ମିଳିଥିଲା। ତେବେ ଏହି ହୋର୍ଡିଂ କିଏ ମାରିଛି, ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ। କାରଣ ବିଜେଡି ପକ୍ଷରୁ ମଧ୍ୟ ଏନେଇ କୌଣସି ଅଭିଯୋଗ କରାଯାଇନାହିଁ।

ତେବେ ଏଭଳି କାର୍ଯ୍ୟକୁ କିଛି ରାଜନୈତିକ ସମୀକ୍ଷକ ବିଜେଡିର ବିଦ୍ରୋହୀ ନେତାଙ୍କ କାମ ବୋଲି କହୁଛନ୍ତି। ଯେଉଁମାନେ ଏହି ପ୍ରସଙ୍ଗକୁ ଉଠାଇ ଦଳକୁ ଅଡୁଆରେ ପକାଇଥିଲେ ଏବଂ ଯେଉଁମାନେ ଏହାକୁ ସୋସିଆଲ ମିଡିଆରେ ଭାଇରାଲ କରି ନବୀନ, ପାଣ୍ଡିଆନ ଓ ସଂତୃପ୍ତଙ୍କୁ ବଦନାମ କରିବାକୁ ଚାହୁଁଥିଲେ ➪ପୃଷ୍ଠା-୬

ରତ୍ନ ଭଣ୍ଡାରର ଗଣତିମଣତି ଆରମ୍ଭ

## ୬ ଘଣ୍ଟାରେ ପ୍ରକ୍ରିୟା ଶେଷ, ୬ରେ ଦ୍ୱିତୀୟ ପର୍ଯ୍ୟାୟ

ପୁରୀ,୨୫।୩(ସଂଚାର ବ୍ୟୁରୋ): ଦୀର୍ଘ ୪୮ ବର୍ଷ ପରେ ଆଜି ଆରମ୍ଭ ହୋଇଛି ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଗଣତିମଣତି। ପ୍ରଥମ ଦିନରେ ଚଳନ୍ତି ରତ୍ନଭଣ୍ଡାରର ଗଣତିମଣତି କରାଯାଇଛି। ଆଜି ପ୍ରଥମ ଦିନରେ ୬ ଘଣ୍ଟା ପରେ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଆସନ୍ତା ୬ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ଗଣତିମଣତି କରାଯିବ। ସମୁଦାୟ ପ୍ରକ୍ରିୟାର ଫଟୋଗ୍ରାଫି, ଭିଡିଓଗ୍ରାଫି ଓ ଥ୍ରୀ-ଡି ମ୍ୟାପିଙ୍ଗ୍ କରାଯାଇଛି। ଅତ୍ୟନ୍ତ ସ୍ୱଚ୍ଛତା, ସାଧୁତା ଓ କଡ଼ା ସୁରକ୍ଷା ମଧ୍ୟରେ ମହାପ୍ରଭୁଙ୍କ ନିତ୍ୟବ୍ୟବହୃତ ଅଳଙ୍କାରଗୁଡ଼ିକୁ ଓଜନ ଓ ଗଣତି କରାଯାଇଛି। ପୂର୍ବ ସ୍ଥିରୀକୃତ ମାହେନ୍ଦ୍ର ବେଳା ଠିକ୍ ଅପରାହ୍ନ ୧୨ଟା ୯ ମିନିଟ୍‌ରେ ଭଣ୍ଡାର ଖୋଲି ଭିତରକୁ ଯାଇଥିଲେ ଟିମ୍। ପ୍ରାୟ ୬ ଘଣ୍ଟାର ଗଣତି ପ୍ରକ୍ରିୟା ପରେ ପ୍ରଥମ ଦିନର ଗଣତି କାର୍ଯ୍ୟ ଶେଷ ହୋଇଛି। ଭକ୍ତଙ୍କ ଆବେଗ ଓ ସରକାରଙ୍କ ମହତ୍ ଉଦ୍ଦେଶ୍ୟ ମଧ୍ୟରେ ରତ୍ନ ଅଳଙ୍କାର ମେଳକ ପ୍ରକ୍ରିୟା ଆରମ୍ଭ ହୋଇଛି।

ଟିମ୍‌ର ସଦସ୍ୟମାନେ ଐତିହାସିକ ମୁହୂର୍ତ୍ତରେ ସିଂହଦ୍ୱାରରେ ସାଷ୍ଟାଙ୍ଗ ପ୍ରଣିପାତ କରି ଭିତରକୁ ଯାଇଥିଲେ। ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ପତିତପାବନଙ୍କୁ ମୁଣ୍ଡିଆ ମାରି



ଭିତରକୁ ପ୍ରବେଶ କରିଥିଲେ ଟିମ୍‌ର ସମସ୍ତ ସଦସ୍ୟ। ସୁନା, ରୁପା ଓ ରତ୍ନକୁ ୩ ଭାଗରେ ପୃଥକ କରାଯାଇ ହୋଇଛି ଗଣତିମଣତି। ହ୍ୟାଣ୍ଡଲିଂ ଟିମର ସଦସ୍ୟ ଭଣ୍ଡାର ମେକାପ, ବଣିଆ ଓ ଜେମୋଲୋଜିଷ୍ଟ ଚଳନ୍ତି ଭଣ୍ଡାରରେ କରିଥିଲେ ଗଣତିମଣତି ଓ ମେଳକ। କଷଟି ପଥର, ରତ୍ନ ଚିହ୍ନିବା ପାଇଁ ଲେନ୍ସ ଓ ଅଳଙ୍କାର ଓଜନ ମେସିନ୍ ସହ ଭିତରକୁ ଯାଇଥିଲେ ଶ୍ରୀମନ୍ଦିର ବଣିଆ। ଯାଞ୍ଚ ପରେ ସମସ୍ତ ଅଧିକୃତ ସଦସ୍ୟଙ୍କୁ ଛଡ଼ାଯାଇଥିଲା। ରତ୍ନ ଗଣତି ସମୟରେ ଭିତର କାଠ ଦର୍ଶନ ବନ୍ଦ ରହିଥିଲା। ବାହାର କାଠରୁ ଭକ୍ତମାନେ ଦର୍ଶନ କରିଥିଲେ। ଆସନ୍ତା ୬ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ଗଣତି ହେବ ବୋଲି ଟିମ୍ ପକ୍ଷରୁ ସ୍ପଷ୍ଟ ➪ପୃଷ୍ଠା-୬

ପ୍ରକାଶ ପାଇଲା ଶ୍ୱେତପତ୍ର

## ସାମଗ୍ରିକ ଭାବେ ବଢ଼ିଛି ଧର୍ତ୍ତବ୍ୟ ଅପରାଧ ହାର

ଭୁବନେଶ୍ୱର,୨୫।୩(ସଂଚାର ବ୍ୟୁରୋ):ଆଜି ଗୃହ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ପୂର୍ବରୁ ବିଧାନସଭାରେ ପ୍ରକାଶ ପାଇଲା ଶ୍ୱେତପତ୍ର। ୨୦୨୪ ତୁଳନାରେ ୨୦୨୫ରେ ଧର୍ତ୍ତବ୍ୟ ଅପରାଧରେ ୭.୩ ପ୍ରତିଶତ ବୃଦ୍ଧି ପାଇଛି। ଚୋରି, ଡକାୟତି ସାଙ୍ଗକୁ ମହିଳା ଦୁଷ୍କର୍ମ ଘଟଣା ପ୍ରତିବର୍ଷ ବଢ଼ିବାରେ ଲାଗିଛି। ମହିଳାଙ୍କ ପ୍ରତି ଦୁଷ୍କର୍ମ ଘଟଣା ପୂର୍ବ ବର୍ଷ ତୁଳନାରେ ସାମାନ୍ୟ କମିଥିଲେ ବି ଚିନ୍ତାଜନକ ସ୍ଥିତିରେ ରହିଛି।

୨୦୨୪ରେ ସାମଗ୍ରିକ ଭାବେ ରାଜ୍ୟରେ ୩୦୫୪ଟି ଦୁଷ୍କର୍ମ ଘଟଣା ଘଟିଥିବା ବେଳେ ୨୦୨୫ରେ ଏହି ସଂଖ୍ୟା ୨୯୯୪କୁ ହ୍ରାସ ପାଇଛି। ୨୦୨୪ରେ ରାଜ୍ୟରେ ମୋଟ ଧର୍ତ୍ତବ୍ୟ ଅପରାଧ ସଂଖ୍ୟା ଥିଲା ୨ ଲକ୍ଷ ୧୪ ହଜାର ୧୧୩। ୨୦୨୫ରେ ଧର୍ତ୍ତବ୍ୟ ଅପରାଧ ସଂଖ୍ୟା ୨ ➪ପୃଷ୍ଠା-୬



### ଶିଶୁ ଅଶ୍ଳୀଳତା ଉପରମୁହାଁ

ରାଜ୍ୟରେ ଶିଶୁ ଅଶ୍ଳୀଳତା, ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଘଟଣା ଉପରମୁହାଁ ହେଉଛି। ସୋସିଆଲ ମିଡିଆ ପ୍ଲାଟଫର୍ମରେ ଶିଶୁ ଅଶ୍ଳୀଳତା, ଦୁଷ୍କର୍ମ ଓ ଗଣଦୁଷ୍କର୍ମ ସମ୍ପର୍କିତ ସାମଗ୍ରୀ ଅପଲୋଡ କରିବା ଅଭିଯୋଗରେ ୨୦୨୩ରେ ୫୬୯ଟି ଅଭିଯୋଗ ହୋଇଥିବା ବେଳେ ୨୦୨୪ରେ ୧୦୨୩ ଓ ୨୦୨୫ରେ ୧୭୮୧ଟି ମାମଲା ରୁଜୁ ହୋଇଛି। ଗତ ବର୍ଷ ରୁଜୁ ହୋଇଥିବା ୧୭୮୧ ମାମଲା ମଧ୍ୟରୁ ୧୫୪୫ ଅଭିଯୋଗର ତଦନ୍ତ ସରିଛି। ତିନୋଟି ମାମଲା ସମ୍ପୃକ୍ତ ଥାନାରେ ତଦନ୍ତ ସ୍ତରରେ ରହିଛି।

### ନିୟନ୍ତ୍ରଣକୁ ଆସୁଛି ମାଓ କାର୍ଯ୍ୟକଳାପ

#### ବଢୁଛି ମିଛ ମାମଲା

ରାଜ୍ୟରେ ମିଛ ମାମଲା ହାର ବଢୁଛି। ଗୃହ ବିଭାଗର ଶ୍ୱେତପତ୍ରରେ ଏଭଳି ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଛି। ୨୦୨୫ରେ ପଞ୍ଜିକୃତ ହୋଇଥିବା ମୋଟ ୨ ଲକ୍ଷ ୨୯ ହଜାର ୮୮୧ ଧର୍ତ୍ତବ୍ୟ ଅପରାଧ ମଧ୍ୟରୁ ୨ ଲକ୍ଷ ୨୨ ହଜାର ୩୦୮ଟି ମାମଲା ସତ୍ୟ ଘଟଣା ଉପରେ ଆଧାରିତ ଥିଲା। ଅର୍ଥାତ ୭୫୬୧ଟି ମିଛ ମାମଲା ରୁଜୁ ହୋଇଥିଲା। ଅନେକ ସଙ୍ଗୀନ ଅପରାଧରେ ମଧ୍ୟ ମିଛ ମାମଲା ରୁଜୁ ହେଉଛି, ଯାହାଦ୍ୱାରା ପୁଲିସ ଅଭିଯୋଗଫର୍ଦ୍ଦ ଦାଖଲ କରିବା ସମୟରେ ସମସ୍ୟାର ସମ୍ମୁଖୀନ ହେଉଛି। ୨୦୨୫ରେ ୧୩୦୪ଟି ହତ୍ୟା ମାମଲା ରୁଜୁ ହୋଇଥିବା ବେଳେ ସେଥି ମଧ୍ୟରୁ ୮୬ଟି ମାମଲା ସତ୍ୟ ଉପରେ ଆଧାରିତ ନ ଥିଲା। ସେହିଭଳି ୧୮୦୨ ପଞ୍ଜିକୃତ ଲୁଟ ମାମଲା ମଧ୍ୟରୁ ୩୧ଟି ଲୁଟ୍ ଅଭିଯୋଗ ମିଛ ଥିଲା। ୨୦୨୫ରେ ବିଭିନ୍ନ ଥାନାରେ ରୁଜୁ ହୋଇଥିବା ୨୧ ହଜାର ୧୯୨ଟି ଚୋରି ମାମଲା ମଧ୍ୟରୁ ୪୨୨ଟି ମିଛ ➪ପୃଷ୍ଠା-୬



#### ଦେଶାନ୍ତର ହୋଇଛନ୍ତି ୭୩ ବାଂଲାଦେଶୀ

ଗତ ୨୦୨୫ ମେ'ରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟରେ ଆରମ୍ଭ ହୋଇଥିଲା ବିଦେଶୀ ନାଗରିକ ଚିହ୍ନଟ ପ୍ରକ୍ରିୟା। ଏଥିପାଇଁ ରାଜ୍ୟରେ ୨୧ଟି ହୋଲ୍ଡିଂ ସେଣ୍ଟର ପ୍ରତିଷ୍ଠା କରାଯାଇଛି। ଏହି ପ୍ରକ୍ରିୟାରେ ୨୨୫୯ ଜଣ ସନ୍ଦିଗ୍ଧଙ୍କ ପରିଚୟ ଯାଞ୍ଚ କରାଯାଇଥିଲା। ସେଥି ମଧ୍ୟରୁ ୨୧୮୪ ଜଣଙ୍କୁ ଭାରତୀୟ ନାଗରିକ ଭାବେ ଚିହ୍ନଟ କରାଯାଇଥିବା ବେଳେ ୭୫ ଜଣଙ୍କୁ ବାଂଲାଦେଶୀ ଭାବେ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ୭୩ ଜଣଙ୍କୁ ଇତିମଧ୍ୟରେ ଦେଶାନ୍ତର କରାଯାଇସାରିଛି। ଅନ୍ୟ ୨ ଜଣ ଜାଲ ପାସପୋର୍ଟ ହାସଲ କରିଥିବା ପ୍ରମାଣିତ ହୋଇଥିବାରୁ ସେମାନଙ୍କୁ ଗିରଫ ପରେ ଜେଲ ପଠାଯାଇଛି। ସେହିଭଳି ଏବେ ରାଜ୍ୟରେ ୩୭୩୮ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇଛି। ଭଦ୍ରକରେ ୧୯୯ ଜଣ, କେନ୍ଦ୍ରାପଡ଼ାରେ ➪ପୃଷ୍ଠା-୬

## ସହିଦ ହୋଇଛନ୍ତି ୨୩୯ ପୁଲିସ୍ କର୍ମୀ




ଭୁବନେଶ୍ୱର, ୨୫।୩ (ସଂଚାର ବ୍ୟୁରୋ): ଆଗାମୀ ୩୧ ତାରିଖ ସୁଦ୍ଧା ଓଡ଼ିଶାକୁ ମାଓମୁକ୍ତ କରିବା ସକାଶେ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ଏବେ ମାଓବିରୋଧୀ ଅଭିଯାନ ନିର୍ଣ୍ଣାୟକ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଅଭିଯାନକୁ ନିର୍ଣ୍ଣାୟକ ପର୍ଯ୍ୟାୟରେ ପହଞ୍ଚାଇବାରେ ୨୩୯ ଜଣ ପୁଲିସ୍ କର୍ମୀଙ୍କ ବଳିଦାନ ମୁଖ୍ୟ ଭୂମିକା ନିର୍ବାହ କରିଛି ବୋଲି କହିଛନ୍ତି ଏଡିଜି (ନକ୍ସଲବିରୋଧୀ ଅଭିଯାନ) ସଞ୍ଜୀବ ପଣ୍ଡା। ଗତକାଲି ପ୍ରମୁଖ ମାଓବାଦୀ ଶୁକ୍ରୁ ତା'ର ୪ ଜଣ ସହଯୋଗୀଙ୍କ ସହ ଆତ୍ମସମର୍ପଣ କରିବା ପରେ ସୁରକ୍ଷାକର୍ମୀଙ୍କୁ ବିପୁଳ ସଫଳତା ମିଳିଛି। ରାଜ୍ୟରେ ନକ୍ସଲମାନଙ୍କ ବିରୋଧରେ ଚାଲିଥିବା ଅଭିଯାନରେ ଅଦ୍ୟାବଧି ୨୩୯ ଜଣ ପୁଲିସ୍ କର୍ମୀ ସହିଦ ହୋଇଛନ୍ତି। ସେମାନଙ୍କ ବଳିଦାନ ଆଜି ଓଡ଼ିଶାକୁ ମାଓମୁକ୍ତ କରିବା ଦିଗରେ ଅନ୍ତିମ ପର୍ଯ୍ୟାୟ ପର୍ଯ୍ୟନ୍ତ ପହଞ୍ଚିଛି। ଏବେ କନ୍ଧମାଳ ଜିଲ୍ଲାରେ ୮ରୁ ୯ ଜଣ ମାଓବାଦୀ ସକ୍ରିୟ ଅଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଓଡ଼ିଶାର ହୋଇଥିବା ବେଳେ ଅନ୍ୟମାନେ ଛତିଶଗଡ଼ର ବୋଲି ଶ୍ରୀ ପଣ୍ଡା କହିଛନ୍ତି। ସେମାନଙ୍କୁ ନିପାତ କରିବା ସକାଶେ ଅଭିଯାନକୁ ଆହୁରି ବ୍ୟାପକ କରାଯିବ। କିନ୍ତୁ ଏହା ପୂର୍ବରୁ ସେମାନଙ୍କୁ ଆତ୍ମସମର୍ପଣ କରିବା ସକାଶେ ଶ୍ରୀ ପଣ୍ଡା ଆହ୍ୱାନ ଦେଇଛନ୍ତି। ବିଶେଷକରି ➪ପୃଷ୍ଠା-୬

# ବନ୍ୟାବିପନ୍ନ ଧୋୟାଞ୍ଚଳରେ ନାହିଁ ଆମ୍ବୁଲାନ୍ସ ସେବା

## ଦୁର୍ଦ୍ଦଶାରେ ରୋଗୀ, ପ୍ରତିକାର ଦାବୀ




**ପଟ୍ଟାମୁଣ୍ଡାଇ,୨୫।୩(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ତଥା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଧୋୟାଞ୍ଚଳର ଅଣ୍ଡରା, ଅମୃତମଣୋହି, ବଲୁରିଆ ପେଣ୍ଠପାଳ, ସିଂହଗାଁ ତରଡ଼ିପାଳ ଓ ଅଳପୁଆ ଆଦି ୭ଟି ବନ୍ୟା ବିପନ୍ନ ପଞ୍ଚାୟତ ରହିଛି। ଏହି ପଞ୍ଚାୟତ ଗୁଡିକ ବ୍ରାହ୍ମଣୀ ଓ କାଣୀନଦୀ ନଦୀ ବନ୍ୟାରେ ବିଶେଷ ଭାବେ ପ୍ରଭାବିତ ହୋଇ ମାସ ମାସ ଧରି ଅନେକ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେବା ଫଳରେ ଲୋକମାନେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗ କରିଥାନ୍ତି। ଧୋୟାଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ସରକାର ୧୯୭୧ ମସିହାରେ ପ୍ରଥମେ ଅଣ୍ଡରା ପରେ ପରେ ଅଳପୁଆ, ତୁଳସୀଡିଆ ଠାରେ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା କରିଥିଲେ ଓ ଏହି ୩ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ଦିଆଯାଇଥିଲେ ମଧ୍ୟ ରୋଗୀ ସଂଖ୍ୟା ଦୃଷ୍ଟିରୁ ଅଧିକ ଡାକ୍ତର ନିଯୁକ୍ତିର ଆବଶ୍ୟକତା ରହିଛିଓ ଆମ୍ବୁଲାନ୍ସ ସେବା ନଥିବାରୁ ଗୁରୁତର ରୋଗୀ ବିଶେଷ କରି ପ୍ରସୂତି ଓ ଦୁର୍ଘଟଣାରେ ଶିକାର ହେଉଥିବା ରୋଗୀଙ୍କୁ ତତ୍କାଳ ଚିକିତ୍ସା ପାଇଁ ହସ୍ପିଟାଲ ନେବା କ୍ଷେତ୍ରରେ ନାହିଁ ନଥିବା ଅସୁବିଧା ସୃଷ୍ଟି ହେଉଛି ଓ ଦୀର୍ଘଦିନ ହେବ ଅଞ୍ଚଳବାସୀ କେନ୍ଦ୍ରାପଡ଼ା ସାଂସଦ ଜିଲ୍ଲା ମୁଖ୍ୟ ଚିକିତ୍ସାଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ ଓ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲରେ ଆମ୍ବୁଲାନ୍ସ ଉପଲବ୍ଧ ଥିଲେ ମଧ୍ୟ ପଟ୍ଟାମୁଣ୍ଡାଇରୁ ଅଣ୍ଡରା ୧୪ କିମି ଓ ଅଳପୁଆ ହାରାହାରି ୨୦ କିମି ହୋଇ ଥିବାରୁ ଜରୁରୀକାଳୀନ ରୋଗୀଙ୍କୁ ଠିକଣା ସମୟରେ ସେବା ପ୍ରଦାନ ସମ୍ଭବ ହେଉନାହିଁ।ଅନ୍ୟପକ୍ଷରେ ସପ୍ତାହରେ ମାତ୍ର ୨/୩ଦିନ ଡାକ୍ତର ଆସୁଥିବାରୁ ରୋଗୀମାନେ ଚିକିତ୍ସା ପାଇଁ ବସ୍ତୁତଃ ଫାର୍ମାସିଷ୍ଟଙ୍କ ଉପରେ ନିର୍ଭର କରୁଥିବା ଦେଖିବାକୁ ମିଳୁଛି।ଡାକ୍ତରଙ୍କ ରହିବା ପାଇଁ ସରକାର ଅଣ୍ଡରାରେ କ୍ୱାଟର ନିର୍ମାଣ କରିଥିବା ବେଳେ କୌଣସି ଡାକ୍ତର ରାତିରେ ରହୁନଥିବାରୁ ରୋଗୀମାନେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି। ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ବିକାଶ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ଆସିପାରୁନାହିଁ ଓ ଅଣ୍ଡରା ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରତ୍ୟହ ୨ଶହରୁ ଉର୍ଦ୍ଧ୍ୱ ରୋଗୀ ଆସୁଥିବା ବେଳେ ଅଳପୁଆ ଓ ତୁଳସୀଡିଆ ଡାକ୍ତରଖାନା ଉପରେ ଏକାଧିକ ଗାଁର ଲୋକମାନେ ନିର୍ଭର କରୁଛନ୍ତି ଓ ରାଜ୍ୟ ସରକାର ତଥା ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଚିର ବନ୍ୟା ପ୍ରପୀଡ଼ିତ ଧୋୟାଞ୍ଚଳ ପାଇଁ ଆମ୍ବୁଲାନ୍ସ ସେବା ଯୋଗାଇ ଦେବାକୁ ପଟ୍ଟାମୁଣ୍ଡାଇ ବ୍ଲକ ପ୍ରାକ୍ତନ ଅଧକ୍ଷ ମାନସ ରଞ୍ଜନ ସାମଲ ସମାଜସେବୀ ଗଗନ ମହାଲିକ, ବଲୁରିଆ ପଞ୍ଚାୟତ ପୂର୍ବତନ ସରପଞ୍ଚ ରତିକାନ୍ତ ସାହାଣୀ ତରଡିପାଳ ପଞ୍ଚାୟତ ସରପଞ୍ଚ ଦେବବ୍ରତ ନାୟକ, ସମିତି ସଭ୍ୟ ନିରଞ୍ଜନ ବାରିକ ପୂର୍ବତନ ସମିତି ସଭ୍ୟ ଦେବେନ୍ଦ୍ର ବିଶ୍ୱାଳ ଅଳପୁଆ ସରପଞ୍ଚ ପଦ୍ମିନୀ ବେହେରା, ସମିତି ସଭ୍ୟ ରାମଚନ୍ଦ୍ର ସେଠୀ, ପେଣ୍ଠପାଳ ପଞ୍ଚାୟତ ପୂର୍ବତନ ସରପଞ୍ଚ କୈଳାଶ ସେଠୀ ସମିତି ସଭ୍ୟ ଶଶାଙ୍କ ଶେଖର ବିଶ୍ୱାଳ ଯୁବନେତା ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି ।

## ମା'ବାସନ୍ତୀକଦୁର୍ଗା ପୂଜାରେ କଳସ ଯାତ୍ରା



**କେନ୍ଦ୍ରାପଡ଼ା, ୨୫।୩(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର- ପାରାଡକ ଗ୍ରାମରେ ମା' ବାସନ୍ତୀକ ଦୁର୍ଗାଦେବୀଙ୍କ ୭୪ତମ ବାର୍ଷିକ ପୂଜା ଉତ୍ସବ ଅବସରରେ ଆଜି କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ମା'ବାସନ୍ତୀକ ଦୁର୍ଗାଦେବୀଙ୍କ ଷଷ୍ଠୀଧିକଲାରମ୍ଭ, ବିଲ୍ୱାଧିବାସ ଓ ଦେବୀ ଆମନ୍ତ୍ରଣ କରାଯାଇଥିଲା। ଏହି ଉପଲକ୍ଷେ ସପ୍ତମୀ ତିଥିରେ ବିଲ ବଳରାମପୁର ଲୁଣାନଦୀ ଘାଟରୁ ଜଗନ୍ନାଥପୁର, ପାରାଡକ ଓ ଆଖପାଖ ଗ୍ରାମର ମା'ଓ ଭଉଣୀମାନେ ୧୭୨ଟି କଳସୀରେ ଜଳଆଣି ଏକ ଶୁଶୋଭିତ ଶୋଭାଯାତ୍ରାରେ ମା'ବାସନ୍ତୀକ ପୂଜାସ୍ଥଳକୁ ଆସିଥିଲେ। ଏହି କଳସ ଶୋଭାଯାତ୍ରାର ସର୍ବାଗ୍ରେ ଏକ ସୁସଜ୍ଜିତ ବିମାନରେ ଥିବା ମା'ଙ୍କ ନବପତ୍ରିକା ବିମାନକୁ ୪ଜଣ କାନ୍ଧେଇଥିବା ବେଳେ ଏହାପଛକୁ ମୁଖ୍ୟକଳସ, ନବପତ୍ରିକା କଳସ, ବର୍ଦ୍ଧନୀ କଳସ, ବିନାୟକ କଳସ ଓ ଲକ୍ଷ୍ମୀନାରାୟଣ କଳସକୁ ମୁଣ୍ଡାଇ ଜଣେ ଜଣେ ଗ୍ରାମବାସୀ ଚାଲୁଥିଲେ। ଏହାପଛକୁ ମା ଓ ଭଉଣୀମାନେ କଳସୀ ଧରି ପଛକୁ ପଛ ଏକ ଲମ୍ବା ଧାଡିରେ ହୁଳହୁଳି ଓ ହରିବୋଲ ପକାଇ ଚାଲିଥିଲେ। ଏହି କଳସ ଶୋଭାଯାତ୍ରା ବିଲବଳରାମପୁର ଲୁଣାନଦୀ ଘାଟରୁ କଟେରିପଡା, କଜମୂଳ, ଜଗନ୍ନାଥପୁର ଦେଇ ପ୍ରାୟ ୨ଘା ପରେ ପୂଜା ସ୍ଥଳରେ ପହଞ୍ଚିଲା। ଏହି ରାସ୍ତାର ପ୍ରତି ଘର ଦ୍ୱାରମୂହଁରେ ଝୋଟି ଚିତା ପଡ଼ିଥିବା ବେଳେ ବିଭିନ୍ନ ସ୍ଥାନରେ ଲୋକମାନେ ମୁଖ୍ୟକଳସ ଧରି ଆସୁଥିବା ଭକ୍ତଙ୍କ ସମେତ ଅନ୍ୟମାନଙ୍କ ଗୋଡକୁ ହଳଦିପାଣିରେ ଧୋଇ ଦେଉଥିବା ଦେଖାଯାଉଥିଲା। ସମସ୍ତ ଗ୍ରାମବାସୀ ମା'ବାସନ୍ତୀକ କଳସ ଶୋଭାଯାତ୍ରାକୁ ଭକ୍ତିର ସହ ସ୍ୱାଗତ କରୁଥିବା ଦେଖାଯାଉଥିଲା। ବୁଧବାର କଳସ ଶୋଭାଯାତ୍ରା ପୂଜା ସ୍ଥଳରେ ପହଞ୍ଚିବା ପରେ ନବପତ୍ରିକା ପ୍ରବେଶ, ଘଟସ୍ଥାପନ, ସପ୍ତମୀ ବିହିତ ମହାସ୍ନାନ, ଦେବୀଙ୍କ ଚକ୍ଷୁଦାନ ଓ ପ୍ରାଣପ୍ରତିଷ୍ଠା କରାଯିବା ପରେ ମହାସପ୍ତମୀ ପୂଜା ଅବସରରେ ସପ୍ତମୀ ବିହିତ ପୂଜା ଓ ଚଣ୍ଡୀପାଠ କରାଯାଉଛି। ଏହି ପୂଜାକୁ ମୁଖ୍ୟ ପୂଜକ ଉମାଶଙ୍କର ପତି ଓ ଅନ୍ୟମାନେ ନିର୍ବାହ କରୁଛନ୍ତି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଫନ୍ ଆଣ୍ଡ ଲର୍ନ ବ୍ୟାଣ୍ଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଉଛି। ଆସନ୍ତାକାଲି ମହାଷ୍ଟମୀ ଓ ସନ୍ଧିପୂଜା କରାଯିବ ବୋଲି ପୂଜା କମିଟି ସଭାପତି ଦୀପକରଞ୍ଜନ ସ୍ୱାଇଁ, ସମ୍ପାଦକ କୈଳାସ ଚନ୍ଦ୍ର ନାୟକ ଓ ମୁଖ୍ୟ ଉପଦେଷ୍ଟା ଶିକ୍ଷାବିତ ନିଳମଣୀ ସ୍ୱାଇଁ ପ୍ରମୁଖ ଜଣାଇଛନ୍ତି।

## ଟ୍ରାନ୍ସଫର୍ମର ଚାରିପଟେ ବୁଲିଲା ସୁରକ୍ଷା ବାଡ଼

**ମହାକାଳପଡ଼ା,୨୫।୩(ସଂଚାର ବ୍ୟୁରୋ):** ମହାକାଳପଡା ବ୍ଲକ ଅନ୍ତର୍ଗତ ମହାକାଳପଡ଼ା ଗ୍ରାମ ପଞ୍ଚାୟତ ଜାଲକଣା ଗ୍ରାମର ରଙ୍ଗଲତା ପ୍ରଧାନଙ୍କ ଘର ପାଖରେ ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ମୁକୁଳା ହୋଇ ବିପଦପୂର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିଲା। ଯାହାକୁ ନେଇ ବିଭିନ୍ନ ସମୟରେ ଅଘଟଣ ଘଟିବାର ଆଶଙ୍କା ରହିଥିଲା। ବିଦ୍ୟୁତ ବିଭାଗ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ଗ୍ରାମବାସୀ ଅଭିଯୋଗ କରିବା ସହିତ ଏହି ବିପଦପୂର୍ଣ୍ଣ ବିଦ୍ୟୁତ ଟ୍ରାନ୍ସଫର୍ମରକୁ ଅନ୍ୟତ୍ର ସ୍ଥାନାନ୍ତରଣ ଅବା ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ସୁରକ୍ଷା ବାଡ଼ ନିର୍ମାଣ କରିବା ପାଇଁ ଦାବି କରିଥିଲେ। ଏନେଇ ଦୈନିକ ଖବରକାଗଜ ସଂଚାର ରେ 'ମୁକୁଳା ପଡ଼ିଛି ବିଦ୍ୟୁତ ଟ୍ରାନ୍ସଫର୍ମର' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ପ୍ରଶାସନ ଏହାକୁ ଗୁରୁତର ସହ ନେଇ ମୁକୁଳା ବିଦ୍ୟୁତ ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷା ବାଡ ନିର୍ମାଣ କରିଛି। ଯେଉଁଥିପାଇଁ ଗ୍ରାମବାସୀ ସଂଚାର ଖବରକାଗଜକୁ ଧନ୍ୟବାଦ ଜଣାଇଛନ୍ତି।

ସଂଚାର ପ୍ରଭାବ



## କ୍ରୀଡା ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**କେନ୍ଦ୍ରାପଡ଼ା,୨୫।୩(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରସଂସ୍ଥା ଦୃଷ୍ଟିବାଧିତ ବିଦ୍ୟାଳୟରେ ତିନି ବର୍ଷ ଧରି ନିରନ୍ତର ସେବା ଯୋଗାଇ ଆସୁଥିବା ଶାରୀରିକ ଶିକ୍ଷା ଶିକ୍ଷକ ଭରତ କୁମାର ସାହୁଙ୍କର ଅନ୍ୟତ୍ର ବଦଳି ହୋଇଥିବାରୁ ତାଙ୍କୁ ଭାବ ବିହ୍ୱଳ ସମ୍ବର୍ଦ୍ଧନା ଦିଆଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସ୍ୱପ୍ନାଂଶୁ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା, ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ସମୀର କୁମାର ଚାନ୍ଦ, ଅଶୋକ କୁମାର ସାହୁ, କ୍ଷୀରୋଦ କର ପ୍ରମୁଖ ଯୋଗ ଦେଇ ଶିକ୍ଷକ ଭରତ କୁମାର ସାହୁ ଜଣେ ଯୋଗ୍ୟ, ନେତାପି, କର୍ମଠ, ସ୍ନେହୀ ଓ ଛାତ୍ର ବତ୍ସଳ ଶିକ୍ଷକ ଥିଲେ ବୋଲି କହିଥିଲେ। ତାଙ୍କ ଉଦ୍ୟମରେ ପିଲାମାନେ ଜିଲ୍ଲା ତଥା ରାଜ୍ୟ ସ୍ତରରେ ସୁନାମ ଅର୍ଜନ କରିଥିଲେ। ଶିକ୍ଷକ ବଟକୃଷ୍ଣ ବାରିକ, ଅରୁଣ କୁମାର ବେହେରା, ସୋନାଲିକା ସ୍ୱାଇଁ ପ୍ରମୁଖ ଭରତ ଶିକ୍ଷକ ଶ୍ରୀ ସାହୁଙ୍କ ଉଚ୍ଚ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ତାଙ୍କୁ ଉପଢୌକନ, ମାନପତ୍ର, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ମହେନ୍ଦ୍ର ସିଂ, ଗୀତାଞ୍ଜଳୀ ଦାସ, ଅଲେଖ ଜେନା, ମାଳିନୀ ବେହେରା, ବିକାଶ ଦାସ ପ୍ରମୁଖ ସହଯୋଗ କରିଥିଲେ। ସମସ୍ତଙ୍କ ଛଳ ଛଳ ଆଖି ତାଙ୍କ ପ୍ରତି ଥିବା ଭଲ ପାଇବାର ଦୃଶ୍ୟ ମାନ ହେଉଥିଲା। ଶେଷରେ ଶିକ୍ଷକ ଶ୍ରୀ ସାହୁ ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଶରତ ଦେବ ସ୍ମୃତି ସମ୍ମାନ ପାଇଲେ କବି ନିରାକାର ଦାସ

**କେନ୍ଦ୍ରାପଡା,୨୫।୩(ସଂଚାର ବ୍ୟୁରୋ):** ପୂର୍ବତନ ସାଂସଦ ଓ ମନ୍ତ୍ରୀ ରାଜାସାହେବ ସ୍ୱର୍ଗତଃ ଶରତ ଦେବଙ୍କ ୩୮ ତମ ଶ୍ରାଦ୍ଧ ଉତ୍ସବ ଅବସରରେ ଗତକାଲି ସଂଧ୍ୟାରେ ଆଳିର ଅନ୍ନପୂର୍ଣ୍ଣା ପଡ଼ିଆଠାରେ ଆୟୋଜିତ ଏକ ଭବ୍ୟ ସମାବେଶରେ ସାହିତ୍ୟ କ୍ଷେତ୍ରରେ ଜୀବନବ୍ୟାପି ସାଧନା ପାଇଁ ବରିଷ୍ଠ କବି ତଥା ସ୍ତମ୍ଭକାର ନିରାକାର ଦାସଙ୍କୁ ସ୍ୱର୍ଗତଃ ଶରତ ଦେବ ସ୍ମୃତି ସାରସ୍ୱତ




ସମ୍ମାନରେ ସମ୍ମାନିତ କରାଯାଇଛି। ପୂର୍ବତନ ମନ୍ତ୍ରୀ ତଥା ଆଠଗଡ଼ର ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ଏହି ସମ୍ମାନ ପ୍ରଦାନ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶ୍ରୀ ଦାସ ତିନି ଦଶନ୍ଧିରୁ ଉର୍ଦ୍ଧ୍ୱ ସାହିତ୍ୟ ସାଧନାରରେ ନିଜକୁ ନିମଗ୍ନ ରଖିଛନ୍ତି। ତାଙ୍କର ପ୍ରକାଶିତ ପୁସ୍ତକ ଭିନ୍ନ ଇଲାକାର ସ୍ୱର, ଏ ଯୁଦ୍ଧ ନୁହେଁ ତୁମର, ମହରଗ ପାଦେ ମାଟିର ସ୍ୱପ୍ନ, ବିଦୀର୍ଣ୍ଣ ବସୁଧା, ଅସରନ୍ତି ଯାତ୍ରା, ମୁଁ ସର୍ବହରାର କବି, ସ୍ୱର ସମୟର, ଅନ୍ଧକାର ଯାତ୍ରା ଇତ୍ୟାଦି ବହୁ ପୁସ୍ତକ ପ୍ରକାଶିତ ହେବା ସହ ଅଧୁନା ନିୟମିତ ଭାବେ ବିଭିନ୍ନ ସମ୍ବାଦ ପତ୍ରରେ ସ୍ତମ୍ଭ ଓ ପ୍ରବନ୍ଧ ଲେଖିବାରେ ନିଜକୁ ନିୟୋଜିତ ରଖିଛନ୍ତି। ଜଣେ ଜନ ଦରଦୀ ଓ ସାମ୍ୟବାଦୀ ଚେତନାର କବି ଭାବେ ତାଙ୍କର ସୁନାମ ରହିଛି।ନିକଟରେ କବି ଶ୍ରୀ ଦାସ ଭାରତୀୟ ରେଳପଥର ପୂର୍ବ ତଟ ରେଳ ଜୋନ୍ ରୁ ବରିଷ୍ଠ ଜନ ସଂପର୍କ ଅଧିକାରୀ ଭାବେ ଅବସର ନେଇ ସାହିତ୍ୟ ଓ ସମାଜ ସେବାରେ ସମସ୍ତ ସମୟ ବିନିଯୋଗ କରୁଛନ୍ତି।

## ଗହୀରମଥାରୁ ଟ୍ରଲର ଜବତ: ୧୦ ମତ୍ସ୍ୟଜୀବୀ ଗିରଫ



**ରାଜନଗର,୨୫।୩(ସଂଚାର ବ୍ୟୁରୋ):** ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ଏକକୁଳା ନିକଟରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନବିଭାଗର ପାଟ୍ରୋଲିଂ ଟିମ ସୋନା ତାରିଣୀ-୨ ନାମକ ଟ୍ରଲରକୁ ଜବତ କରିବା ସହ ଏଥିରେ ଥିବା ୧୦ ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶରେ ରେଞ୍ଜ ଅଫିସର କପିଳେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଫରେଷ୍ଟର ସଞ୍ଜୀବ କୁମାର ଦାଶ ଓ ବନ ବିଭାଗର କର୍ମଚାରୀ ମାନେ ଟ୍ରଲରଟିକୁ ଜବତ କରିଥିଲେ। ସେଥିରୁ ୧ ଟି ଜିପିଏସ, ୧ଟି ଭିଏଚଏଫ, ୧୦ ଟି ଟ୍ରଲିଂ ନେଟ ଓ ୪୫ କିଲୋଗ୍ରାମ ସାମୁଦ୍ରିକ ମାଛକୁ ଜବତ କରିଛନ୍ତି। ଗିରଫ ମତ୍ସ୍ୟଜିବୀମାନେ ହେଲେ ଗୁରୁପଦ ପାତ୍ର, ଶିବଶଙ୍କର ପାତ୍ର, ଦୀପକ ମଣ୍ଡଳ, ସୁବାସ ଦାସ, ଶ୍ରୀକୃଷ୍ଣ ମଣ୍ଡଳ, ଶ୍ରୀମନ୍ତ କୁମାର ପ୍ରମୁଖ ୧୦ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ନେଇ ବନ ବିଭାଗ ସୂଚନା ଦେଇଛନ୍ତି।

## ଅବକାରୀ ବିଭାଗର ଚଢ଼ାଉ ମଦ ଜବତ



**କେନ୍ଦ୍ରାପଡ଼ା, ୨୫।୩(ସଂଚାର ବ୍ୟୁରୋ):** ଜିଲ୍ଲାପାଳ ଶ୍ରୀ ରଘୁରାମ ଆୟର ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ଶ୍ରୀ ବିପ୍ର ଚରଣ ମଣ୍ଡଳ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରେ କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ, ନିକିରେଇ, ରାଜନଗର ଓ ଆଳି ଥାନା ଅଧିନିସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ପାଳଶପୁର ଗ୍ରାମର ଗୁଣନିଧି ମଲିକ(ବୟସ-୩୧) ଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ, ଦଶୀପୁର ଗ୍ରାମର ଜୀବନ ପ୍ରଧାନ (ବୟସ-୨୯) ଙ୍କ ଠାରୁ ୨୯ ଲିଟର ବିଦେଶୀ ମଦ, ତନରା ଗ୍ରାମର ଅରକ୍ଷିତ ଗାହଣ (ବୟସ-୩୮) ଙ୍କ ଠାରୁ ୩.୩୦ କିଗ୍ରା ର ଗଞ୍ଜେଇ, ପିମ୍ପୁଡି ଗ୍ରାମର ପାଞ୍ଚାଳି ଭୂୟା (ବୟସ -୪୦) ଙ୍କ ଠାରୁ ୬୨ ଲିଟର ବିଦେଶୀ ମଦ, ଭୂୟପୂର ଗ୍ରାମର ରମେଶ ଚନ୍ଦ୍ର ସିଂ (ବୟସ-୫୩) ଙ୍କ ଠାରୁ ୪୫ ଲିଟରବିଦେଶୀ ମଦ, କାଣ୍ଡିଆ ଗ୍ରାମର ମଞ୍ଜୁଳତା ମଲିକ (ବୟସ-୩୨) ଙ୍କ ଠାରୁ ୪୧ ଲିଟର ଦେଶୀ ମଦଓ ଗଞ୍ଜା ଗ୍ରାମର ରାମୁ ପାତ୍ର (ବୟସ-୩୯) ଙ୍କ ଠାରୁ୩୧ ଲିଟର ବିଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଅଛି। ଏମାନଙ୍କପାକ୍ଷରୁ ସମୁଦାୟ ୩.୩୦ କିଗ୍ରା ର ଗଞ୍ଜେଇ ସମେତ ୨୪୦ ଲିଟର ବିଦେଶୀଓ ଦେଶୀମଦ ଜବତ କରାଯାଇ ୦୭ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି। ଏହି ଚଢ଼ାଉରେ ଅବକାରୀ ଉପ ନିରିକ୍ଷକଶ୍ରୀ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ମିସ ରତୁପ୍ରଭା ସ୍ୱାଇଁ ଓ ଅନ୍ୟ କର୍ମଚାରି ସାମିଲ ଥିଲେ।

## ଓଲିହାରେ ୬୫ତମ ମା ବାସନ୍ତୀ ଦୁର୍ଗାଙ୍କ ପୂଜା



**ମହାକାଳପଡ଼ା,୨୫।୩(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅଧୀନ ଦେଉଳପଡା ପଞ୍ଚାୟତ ଅନ୍ତର୍ଗତ ଓଲିହା ଗ୍ରାମରେ ୬୫ତମ ମାଆ ବାସନ୍ତୀ ଦୁର୍ଗାଙ୍କ ପୂଜା ମହାସମାରୋହରେ ଅନୁଷ୍ଠିତ ହେଉଛି। ୨୪ ମାର୍ଚ୍ଚ ରୁ ଆରମ୍ଭ ହୋଇଥିବା ମାଆଙ୍କ ପୂଜା ୨୮ ମାର୍ଚ୍ଚ ପର୍ଯ୍ୟନ୍ତ ଚାଲିବ। ଗ୍ରାମବାସୀ ମାନେ ମିଳିତ ଭାବରେ ମାଆଙ୍କ ପୂଜା ବିଧିମତେ ଆୟୋଜନ କରାଇ ଆସୁଛନ୍ତି। ଏହି ଅବସରରେ ତିନି ଦିନ ଅପେରା ରତ୍ନ ମହଲ ଯାତ୍ରା ପରିବେଷଣ କରିବାକୁ ପହଞ୍ଚି ସାରିଛି। କୁନିକୁନି ପିଲାମାନଙ୍କ ପାଇଁ ଥିବା ମୀନାବଜାର ମନମୋହୁଥିବା ବେଳେ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ମାନେ ବହୁ ସଂଖ୍ୟାରେ ମାଆଙ୍କ ଦର୍ଶନ କରିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଉଛନ୍ତି।

## ବ୍ଲକ ସମ୍ମୁଖରେ ଅବସରପ୍ରାପ୍ତ କର୍ମଚାରୀଙ୍କ ଧାରଣା




**ରାଜନଗର,୨୫।୩ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ସମୁଖରେ ରାଜନଗର ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନେ ଧାରଣାରେ ବସିଛନ୍ତି। କେନ୍ଦ୍ର ସରକାରଙ୍କ କର୍ମଚାରୀ ମାରଣ ଆଗନ୍ତାନ୍ତ୍ରିକ ନିସ୍ପତି ବିରୁଦ୍ଧରେ ଧାରଣାରେ ବସିଥିଲେ। ଭାଲିଡ଼େସନ ଆକ୍ଟ -୨୦୨୫ ବାତିଲ କରିବା, ପେନସନ ରୁଲ ଅପରିବର୍ତ୍ତିତ ରଖିବା ଦୁଇଟି ଦାବି ନେଇ ଅବସରପ୍ରାପ୍ତ କର୍ମଚାରୀ ମାନେ ଆଜି ଦିନ ୧୦ଟାରେ ଧାରଣାରେ ବସି ରହିଛନ୍ତି। ଦାବି ପୂରଣ ନହେଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି କହିଛନ୍ତି। ଏନେଇ ଏକ ଦାବିପତ୍ର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେ ପ୍ରଦାନ କରିଛନ୍ତି। ସଂଘର ସଭାପତି କୃପାସିନ୍ଧୁ ସାମଲ, ସମ୍ପାଦକ ବିଜୟ କୁମାର ଜେନାଙ୍କ ନେତୃତ୍ୱରେ ଲକ୍ଷ୍ମୀପ୍ରିୟା ପ୍ରଧାନ, ରଘୁନାଥ ପାଣି, ବିଷ୍ଣୁ ଚରଣ ରାଉତ, ଘନଶ୍ୟାମ ବଳ, କରୁଣାକର ନାୟକ, ଅଧିକାରୀ ସ୍ୱାଇଁ, ମହେଶ୍ୱର ନାୟକ, ରମାକାନ୍ତ ପ୍ରଧାନ, ଦାତଥରୀ ସୁତାର, ଗଣେଶ୍ୱର ନାୟକ, କ୍ଷୀରୋଦ କୁମାର ମଲ୍ଲିକ, ବିଜୟ କୁମାର ବେହେରା, ଅନାଦି ଚରଣ ଜେନା, ଅର୍ଜୁନ ଚରଣ ସ୍ୱାଇଁ, ବ୍ରମାନନ୍ଦ ରାଉତ, ସୀତାକାନ୍ତ ରାଉଳ, ବୀର କିଶୋର ଜେନା ପ୍ରମୁଖ ଶତାଧିକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଧାରଣାରେ ବସିଥିଲେ।

## ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ମାଗଣା ଚିକିତ୍ସା ଶିବିର



**କେନ୍ଦ୍ରାପଡ଼ା, ୨୫।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରାଳିକା ଦୃଷ୍ଟିବାଧିତ ବିଦ୍ୟାଳୟରେ ମାଗଣା ଚିକିତ୍ସା ଶିବିର ଆୟୋଜିତହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ଦିଲ୍ଲୀପ କୁମାର ନାୟକ ଏହାକୁ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା, ବିଶିଷ୍ଟ ସମାଜସେବୀ ସମୀର କୁମାର ଚାନ୍ଦ ଯୋଗଦେଇ ଏହାର ଭୂୟସୀ ପ୍ରଶଂସା କରି ଏହା ଦୃଷ୍ଟି ବାଧିତ ପିଲାମାନଙ୍କୁ ଯଥେଷ୍ଟ ସହାୟକ ହେବ ବୋଲି କହିଥିଲେ। ସହରାଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସାଧିକାରୀ ଡା. ସୁଶ୍ରୀ ଜେନା, ଅଡିଓଲୋଜିଷ୍ଟ ଚନ୍ଦନ ବେହେରା ୨୫ ଜଣ ଦୃଷ୍ଟିବାଧିତ ପିଲାଙ୍କୁ ପରୀକ୍ଷା କରି ଔଷଧ ବନ କରିଥିଲେ। କମୁନିଟି ସୁପର୍‌ଭାଇଜର ସୌମ୍ୟା ପୁଷ୍ପା ମିଶ୍ର, ଆଶା ଅମ୍ବିକାବାଳା ନାଥ, ଏଏନଏମ୍ କନକଲତା ସାହୁ, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସ୍ୱପ୍ନାଂଶୁ ଦାସ, ଶିକ୍ଷକ ବଟକୃଷ୍ଣ ବାରିକ୍, ଅରୁଣ କୁମାର ବେହେରା, ସୋନାଲିକା ସ୍ୱାଇଁ, ଭରତ କୁମାର ସାହୁ, କର୍ମଚାରୀ ମହେନ୍ଦ୍ର ସିଂ, ଗୀତାଞ୍ଜଳୀ ଦାସ, ଅଲେଖ ଜେନା, ମନୋଜ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଛାୟା ଏମଏଲଏଙ୍କ ମହିନ୍ଦ୍ରା କାର ଜବତ କଲା ହିଞ୍ଜିଳି ପୁଲିସ

**ହିଞ୍ଜିଳିକାଟୁ,୨୫।୩(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ସମେତ ହିଞ୍ଜିଳି ବ୍ଲକ କାର୍ଯ୍ୟାଳୟ ଅବା ବିଭିନ୍ନ ସ୍ଥାନରେ ନିଜକୁ ହିଞ୍ଜିଳି ଏମଏଲଏ ପରିଚୟ ଦେଉଥିବା ସବିତା କୁମାରୀ ସାହୁ ନାମକ ମହିଳାଙ୍କ ମହିନ୍ଦ୍ରା କାରକୁ ହିଞ୍ଜିଳି ପୋଲିସ ଜବତ କରିଛି।ପ୍ରାୟ ଦେଢ଼ ମାସ ହେଲା ହିଞ୍ଜିଳି ସମେତ ଗଞ୍ଜାମ ଜିଲ୍ଲାରେ ଏକ ମହିନ୍ଦ୍ରା କଳା କାର(ଓଡି୦୭ବିସି୮୭୪୦)ରେ ହିଞ୍ଜିଳି ଏମଏଲଏ ସାଇନବୋର୍ଡ ଲଗାଇ ବୁଲୁଥିବା ଛାୟା ବିଧାୟକଙ୍କ ଆଉ ଏକ ଲାଲ ରଙ୍ଗର ସମାନ ଲେଖା ସାଇନବୋର୍ଡ ଅଲ୍ଟୋ କାର ନଂ (ଓଆର୦୨ଏଜି୮୦୧୫) ସାମ୍ନାକୁ ଆସିଥିଲା।ଯାହା ଫଳରେ ହିଞ୍ଜିଳି ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଥିଲା।ତେବେ ଉଭୟ କାର ସେହି ସବିତା ସାହୁଙ୍କ ଅଧୀନରେ ରହିଛି।ପୂର୍ବରୁ ହିଞ୍ଜିଳି ବିଜେଡ଼ି ପକ୍ଷରୁ ହିଞ୍ଜିଳି ଥାନାରେ ମହିଳାଙ୍କ ନାଁ ରେ ଏତଲା ଦିଆଯାଇଥିଲା।ଅନ୍ୟପଟେ ମହିଳା ଜଣକ ପୂର୍ବରୁ ନିଜ ଭିଡିଓକୁ ସୋସିଆଲ ମିଡିଆରେ ଛାଡୁଥିବା ଦେଖିବାକୁ ମିଳୁଥିଲା।ଅଧିକ ତଦନ୍ତ ଜାରି ରହିଥିବା ହିଞ୍ଜିଳି ଥାନାଧିକାରୀ ଶ୍ରୀନିବାସ ସେଠୀ ସୂଚନା ଦେଇଛନ୍ତି।

## ପଞ୍ଚମ ଜିଲ୍ଲାସ୍ତରୀୟ ଭାରତ ସ୍କାଉଟ ଓ ଗାଇଡ୍ସ କ୍ୟାମ୍ପୋରି



**ନବରଙ୍ଗପୁର/ତେନ୍ତୁଲୀଖୁଣ୍ଟି,୨୫।୩(ସଂଚାର ବ୍ୟୁରୋ):** ତେନ୍ତୁଲିଖୁଣ୍ଟି ପିଏମ ଶ୍ରୀ ବାପୁଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ପଞ୍ଚମ ଜିଲ୍ଲା ସ୍ତରୀୟ ଭାରତ ସ୍କାଉଟ ଓ ଗାଇଡ କ୍ୟାମ୍ପରି ଶିବିର ଉଦ୍‌ଘାଟନ ହୋଇଯାଇଛି। ଏହି ଶିବିର ଚାରିଦିନ ଚାଲିବ। ଏଥିରେ ଜିଲ୍ଲାର ୧୦ ଗୋଟି ବ୍ଲକ ର ୪୫ ଟି ବିଦ୍ୟାଳୟ ର ୨୨୫ ଜଣ ସ୍କାଉଟ, ୫୪ ଜଣ ଗାଇଡ ଛାତ୍ରଛାତ୍ରୀ ଏବଂ ୪୫ ଜଣ ସ୍କାଉଟ ମାଷ୍ଟର ଏବଂ ଗାଇଡ କ୍ୟାପଟେନ ଅଂଶ ଗ୍ରହଣ କରିଛନ୍ତି। ଉଦ୍ଘାଟନ ଦିବସରେ ନବରଙ୍ଗପୁର ଜିଲ୍ଲାପାଳ ଡ଼ଃ ମହେଶ୍ୱର ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହି କ୍ୟାମ୍ପରି ଦ୍ୱାରା ଛାତ୍ରଛାତ୍ରୀ ଙ୍କ ଭିତରେ ଶୃଙ୍ଖଳତା, ସମୟାନୁବର୍ତ୍ତିତ, ସଂଯୋମତା ଓ ସହନଶୀଳତା ସହିତ ଦେଶ ପ୍ରେମ ପାଇଁ ପ୍ରେରଣା ମିଳେ। ଅତଏବ ଆଗକୁ ଏକ ସୁସ୍ଥ ସମାଜ ଗଠନ ରେ ସହାୟକ ହୁଏ ବୋଲି କହିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଭାରତ ସ୍କାଉଟ ଓ ଗାଇଡ ଜିଲ୍ଲା ମୁଖ୍ୟ କମିଶନର ଛତ୍ରପତି ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସୁପ୍ରିୟା ନାୟକ, ପ୍ରକାଶ କୁମାର ମହାଳିକ, ବିଡିଓ ମନୋଜ ପାଣିଗ୍ରାହୀ, ନବରଙ୍ଗପୁର ବିଧାୟକ ଙ୍କ ପ୍ରତିନିଧି ଜଗଦିଶ ଚନ୍ଦ୍ର ବିଷୋୟୀ, ଭାରତ ସ୍କାଉଟ ଗାଇଡ ଜିଲ୍ଲା ସମ୍ପାଦକ ପ୍ରଭାତ ପଟ୍ଟନାୟକ ସମ୍ମାନିତ ଅତିଥି ରୂପେ ମଂଚାସୀନ ଥିଲେ।

## ପାରମ୍ପରିକ ବାଲିଯାତ୍ରା ଉଦଯାପିତ



**ନବରଙ୍ଗପୁର/ତେନ୍ତୁଲୀଖୁଣ୍ଟି,୨୫।୩ (ସଂଚାର ବ୍ୟୁରୋ):** ତେନ୍ତୁଲୀଖୁଣ୍ଟି ବ୍ଲକର ପୂଜାରୀଗୁଡା ପଞ୍ଚାୟତ ର କୁର୍ମାକୋଟ ଠାରେ ନଅ ଦିନଧରି ଚାଲିଥିବା ବାଲି ଯାତ୍ରା ଆଜି ବିରାଟ ପଟୁଆର ରେ ଉଦଯାପିତ କରାଯାଇଛି।ଏଥିରେ ପରମ୍ପରିକ ନୃତ୍ୟ, ବାଜା ମହୁରୀ, ଯାନୀ, ପୂଜାରୀ, ବାଲିଧାଙ୍ଗ୍ଡି, ଗ୍ରାମବାସୀଓ ଆଖ, ପାଖ ଅଞ୍ଚଳର ହଜାର, ହଜାର ଶ୍ରଦ୍ଧାଳୁ ଙ୍କ ଉପସ୍ଥିତି ରେ ଗୁରମାଇ ଓ ତାଙ୍କ ସହଯୋଗୀ ଙ୍କ ସହ ନୃତ୍ୟ କରି ବାଲିଯାଙ୍ଗୁଡ଼ି କୁ ଓ ସେମିଲି ଗଛ ର କାଠ ରେ ବନା ଯାଇଥିବା ଯଥା, ଖଣ୍ଡା, ଲଙ୍ଗଳ, ଯୁଆଡ଼ି, କୋପର, କୁଡ଼କି, ଟାଙ୍ଗିଆ, ବନ୍ଧୁକ ଆଦି ବିସର୍ଜନ କରାଯାଇଛି। ଏହିବାଲିଯାତ୍ର ର ମୁଳ ଉଦ୍ଧଶ୍ୟ ହେଉଛି ଗ୍ରାମ ଶାନ୍ତି କରିବା ଓ ଭଲ ଫସଲ ଅମଳ ହେବା ପାଇଁ ଅଧିବାସୀ ସାମ୍ପ୍ରଦାୟର ଲକମାନେ ପ୍ରାୟ ଧୂମଧାମରେ ମନେଇ ଥାନ୍ତି। ଏହିବାଲିଯାତ୍ରା ରେ ଗ୍ରାମବାସୀଙ୍କ ତରଫରୁ ନିମନ୍ତ୍ରଣ କରାଯଇଥିଲା ମାନ୍ୟବର ବିଧାୟକ ଗୌରୀଶଙ୍କର ମାଝୀ, ଜିଲ୍ଲା ପରିଷଦ ଅଦକ୍ଷ ମୋତି ରାମ ନାଇକ, ଜୋନ ଏକ ଜିଲ୍ଲା ପରିଷଦ, ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ଜିଲ୍ଲା ବିଜେଡି ମହିଳା ସଭାପତି ମଞ୍ଜୁଳା ମାଝୀ, ଜିଲ୍ଲା ବିଜେଡି ଛାତ୍ର ସଭାପତି ବାବୁଲା ନାୟକ, ନନ୍ଦାହାଣ୍ଡି ବ୍ଲକର ଜିଲ୍ଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ର, ଓ ବରିଷ୍ଠ କଂଗ୍ରେସ ନେତା ମୁନା ତ୍ରିପାଠୀ ଓ ତିନି ଦଳର ବହୁ କର୍ମୀ ଓ ନେତା ବାଲିଯାତ୍ରରେ ଉପସ୍ଥିତ ରହିଥିଲେ।

# ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଅଗ୍ନି ନିରାପତ୍ତା ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା



**ଭୁବନେଶ୍ୱର,୨୫।୩(ସଂଚାର ବ୍ୟୁରୋ):** ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଲୋକସେବା ଭବନଠାରେ ଆଭାସୀ ମାଧ୍ୟମରେ ସମସ୍ତ ଜିଲ୍ଲାପାଳଙ୍କ ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରି ଏନେଇ ବିସ୍ତୃତ ଆଲୋଚନା କରିଛନ୍ତି। ମନ୍ତ୍ରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକର ଅଗ୍ନି ନିରାପତ୍ତା ଭିତ୍ତିଭୂମି ନିମନ୍ତେ ନିରୀକ୍ଷଣ, ଆବଶ୍ୟକ ଏଷ୍ଟିମେଟ ଓ ସମୟ ସୀମା ମଧ୍ୟରେ ଶେଷ କରିବାକୁ ସମସ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ହସ୍ପିଟାଲରେ ଅଗ୍ନି ନିରୋଧ ଓ ନିର୍ବାପନ ବ୍ୟବସ୍ଥାକୁ କଡ଼ାକଡ଼ି ଭାବେ ପାଳନ କରାଯାଉଛି। ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ, ମକ୍ ଡ୍ରିଲ, ନିୟମିତ ଯାଞ୍ଚ, ଅଗ୍ନି ନିର୍ବାପକ ବ୍ୟବସ୍ଥା ସହ ଚାଲୁ ରହିଥିବା ପ୍ରକଳ୍ପ ଶୀଘ୍ର ଶେଷ କରିବା ନିମନ୍ତେ ସେ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାମାନଙ୍କରେ ଏସବୁକୁ ଗୁରୁତର ସହ ପାଳନ ନିମନ୍ତେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସମୀକ୍ଷା ବେଳେ ମନ୍ତ୍ରୀ ରୋଗୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେଇ ସମସ୍ତ ମେଡିକାଲ କଲେଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟମିତ ଭାବେ ଅଗ୍ନି ସୁରକ୍ଷା ଯାଞ୍ଚ କରାଯିବା ସକାଶେ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଅଗ୍ନି ନିରାପତ୍ତା ଉପକରଣ ବ୍ୟବହାରଯୋଗ୍ୟ ରହିବା ଆବଶ୍ୟକ, ନିୟମିତ ଭାବେ ଫାୟାର ସେଫ୍ଟି ଅଡିଟ ଓ ମକ୍ ଡ୍ରିଲ୍‌ର ଆୟୋଜନ କରାଯିବ। ଏଥିସହ ଫାୟାର ସର୍ଭିସ ଓ ପୂର୍ତ୍ତ ବିଭାଗ ସହ ସମନ୍ୱୟ ରଖି ଆବଶ୍ୟକ ପଦକ୍ଷେପ ନେବାକୁ ମଧ୍ୟ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ପୂର୍ତ୍ତ ବିଭାଗ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ, ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ, ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ଅଶ୍ୱତୀ ଏସ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଆଭାସୀ ମାଧ୍ୟମରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ମୁଖ୍ୟ ଚିକିତ୍ସା ଅଧିକାରୀ, ଅଗ୍ନିଶମ ଅଧିକାରୀ, ମେଡିକାଲ କଲେଜର ଅଧ୍ୟକ୍ଷ, ସୁପରିଣ୍ଟେଣ୍ଡେଣ୍ଟ ଉପସ୍ଥିତ ଥିଲେ।

# ଓଡ଼ିଶାରେ ଉତ୍ପାଦିତ ହେଉଛି ଦେଶରେ ୧୧% ଛତୁ

**ମଶରୁମ୍ କନକ୍ଲେଭ୍ ୨୦୨୬**



**ଚଳିତ ବର୍ଷ ଉତ୍ପାଦିତ ହୋଇଛି ୬୩ ହଜାର ମେଟ୍ରିକ୍ ଟନ୍**

**ଭୁବନେଶ୍ୱର,୨୫।୩ (ସଂଚାର ବ୍ୟୁରୋ):** ଆଜି ଦି କ୍ରାଉନ୍ ହୋଟେଲଠାରେ ମଶରୁମ୍ କନକ୍ଲେଭ୍-୨୦୨୬ ଅନୁଷ୍ଠିତ ହୋଇଛି। ଓଡ଼ିଶାର କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନରେ ଥିବା ଏକ ନିଗମ, ଓଡ଼ିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜିଲଗାଣ ନିଗମ ଲିମିଟେଡ୍ (ଆପିକଲ୍) ପକ୍ଷରୁ ଛତୁ ଚାଷକୁ ଏକ ସ୍ଥାୟୀ ଜୀବିକା ରୂପେ ଗ୍ରହଣ କରିବାକୁ ପ୍ରୋତ୍ସାହିତ କରିବା ପାଇଁ ଏହି ସମ୍ମିଳନୀ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ଉନ୍ନତ ଉତ୍ପାଦନ କୌଶଳ, ଅମଳ ପରବର୍ତ୍ତୀ ପରିଚାଳନା, ପ୍ୟାକେଜିଂ, ମୂଲ୍ୟ ବୃଦ୍ଧି ଓ ଛତୁ କ୍ଷେତ୍ରରେ ବଜାର ସଂଯୋଗୀକରଣ ଉପରେ ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଛି।

ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ ଛତୁ ଉତ୍ପାଦନରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଓ ସମଗ୍ର ଦେଶରେ ଉତ୍ପାଦିତ ହେଉଥିବା ଛତୁର ୧୧ ପ୍ରତିଶତ ଓଡ଼ିଶାରେ ଉତ୍ପାଦିତ ହେଉଛି। ଛତୁକୁ ସୁପର ଫୁଡ୍ କୁହାଯାଏ, କାରଣ ଏହା ପୁଷ୍ଟିକର, ଚର୍ବିମୁକ୍ତ, କମ୍ କୋଲେଷ୍ଟ୍ରଲ ବିଶିଷ୍ଟ ଓ ଜୈବିକ ଉପାୟରେ ହେଉଥିବାରୁ ଏହାର ଚାଷ ଉଭୟ ପରିବେଶ ଓ ଜଳବାୟୁ ଅନୁକୂଳ। ଓଡ଼ିଶା ସରକାର ଛତୁ ଚାଷକୁ ପ୍ରୋତ୍ସାହିତ କରୁଛନ୍ତି ଓ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା (ଏମ୍‌କେୟୁୱାଇ) ଅଧୀନରେ ସବସିଡି ପ୍ରଦାନ କରୁଛନ୍ତି। ଏହାର ବଜାର ସଂଯୋଗ ପାଇଁ ରୋଡମ୍ୟାପ୍ ବିକଶିତ କରାଯାଉଛି ଓ ଏଥିସହ ଦୃଢ଼ ଲଜିଷ୍ଟିକ୍ ସହାୟତା ପ୍ରଦାନ ଯୋଜନା ବି ରହିଛି ବୋଲି ଶ୍ରୀ ସିଂହଦେଓ କହିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଆପିକଲ୍‌ର ଏକ ନୂତନ ୱେବସାଇଟ୍‌ର ମଧ୍ୟ ଉନ୍ମୋଚନ କରିଛନ୍ତି। ଛତୁ ଉତ୍ପାଦନକାରୀଙ୍କୁ ସେମାନଙ୍କ ଉତ୍ପାଦନ ଓ ପ୍ରଜନନ ୟୁନିଟ୍ ସ୍ଥାପନ ନିମନ୍ତେ କାର୍ଯ୍ୟ ଅଗ୍ରଗତି ପତ୍ର ମଧ୍ୟ ବଣ୍ଟନ କରାଯାଇଛି। ଉଦଘାଟନୀ ଅଧିବେଶନ ବ୍ୟତୀତ ୯ ଜଣ ବିଶେଷଜ୍ଞ ବକ୍ତା ଛତୁ ଚାଷର ବିଭିନ୍ନ ବୈଷୟିକ ଦିଗ ଓ ଏହାର ମୂଲ୍ୟ ଶୃଙ୍ଖଳା ଉପରେ ବକ୍ତବ୍ୟ ଦେଇଥିଲେ। ସମ୍ମିଳନୀରେ ଚାଷୀ ଓ ଉଦ୍ୟୋଗୀ ସମ୍ପ୍ରଦାୟ ମଧ୍ୟରେ ଛତୁ ଚାଷକୁ ନେଇ ଦୃଢ଼ ଆଗ୍ରହ ପରିଲକ୍ଷିତ ହୋଇଥିଲା। ଛତୁ ଫେଡେରେସନର ସଦସ୍ୟଙ୍କ ସମେତ ସାରା ଓଡ଼ିଶାରୁ ୧୭୦ରୁ ଅଧିକ ଛତୁ ଉଦ୍ୟୋଗୀ ଏଥିରେ ସକ୍ରିୟ ଯୋଗଦାନ କରିଥିଲେ। ଏହି ଅଧିବେଶନରେ କୃଷି ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ସମାବେଶକୁ ସମ୍ବୋଧିତ କରିଥିଲେ। ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଡ ପ୍ରଭାତ କୁମାର ରାଉଳ, ଡ ଭିପି ଶର୍ମା, ଶୁଭ୍ରାଂଶୁ ମିଶ୍ର, ଆପିକଲର ପରିଚାଳନା ନିର୍ଦ୍ଦେଶକ ପ୍ରଫେସର ଅଦ୍ୱୈତ ପ୍ରମୁଖ ଯୋଗଦେଇଥିଲେ।

# ସରଳ ହେଲା ସହରୀ ଗ୍ୟାସ୍ ଭିତ୍ତିଭୂମି ଅନୁମୋଦନ ପ୍ରକ୍ରିୟା

**ଭୁବନେଶ୍ୱର, ୨୫।୩ (ସଂଚାର ବ୍ୟୁରୋ):** ସହରାଞ୍ଚଳରେ ସ୍ୱଚ୍ଛ ଶକ୍ତି ଭିତ୍ତିଭୂମିର ସମ୍ପ୍ରସାରଣକୁ ଶୀଘ୍ର ଶେଷ କରିବା ପାଇଁ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ସିଟି ଗ୍ୟାସ୍ ବିତରଣ ପ୍ରକଳ୍ପଗୁଡ଼ିକର ଅନୁମୋଦନ ପ୍ରକ୍ରିୟାକୁ ସରଳ ଓ ତ୍ୱରାନ୍ୱିତ କରିବା ପାଇଁ ବିଭାଗ ପକ୍ଷରୁ ଏକ ବିସ୍ତୃତ ନିର୍ଦ୍ଦେଶନାମା ଜାରି କରାଯାଇଛି। ରାଜ୍ୟ ସରକାରଙ୍କ ଗ୍ୟାସ୍‌ଭିତ୍ତିକ ଅର୍ଥନୀତିକୁ ପ୍ରୋତ୍ସାହନ ଦେବା ଓ ସହରାଞ୍ଚଳରେ ସ୍ୱଚ୍ଛ ତଥା ଦକ୍ଷ ଜାଳେଣିର ଉପଲବ୍ଧତା ବୃଦ୍ଧି କରିବା ସଂକଳ୍ପକୁ ଦୋହରାଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି।

ନୂତନ ନିର୍ଦ୍ଦେଶ ମୁତାବକ, ଭୂତଳ ପାଇପଲାଇନ ବିଛାଇବା ଓ ଅନ୍ୟାନ୍ୟ ସିଜିଡି ଭିତ୍ତିଭୂମି ନିର୍ମାଣ ପାଇଁ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ବା ୟୁଏଲବିଗୁଡ଼ିକ କୌଣସି ଅନୁମତି ଶୁଳ୍କ ବା ପରମିଶନ ଫି' ଆଦାୟ କରିବେ ନାହିଁ। ଏଥିସହ ଚାଲୁ ରହିଥିବା କିମ୍ବା ପୂର୍ବରୁ ମଞ୍ଜୁର ହୋଇଥିବା କାର୍ଯ୍ୟ ପାଇଁ କୌଣସି ନୂତନ ଅନୁମତିର ଆବଶ୍ୟକତା ନାହିଁ, ଯାହାଦ୍ୱାରା ପ୍ରଶାସନିକ ବିଳମ୍ବ ଦୂର ହେବ ଓ ପ୍ରକଳ୍ପ କାର୍ଯ୍ୟ ନିରନ୍ତର ଭାବେ ଜାରି ରହିବ। ପ୍ରକଳ୍ପର ଅଗ୍ରଗତିକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ସମୟବଦ୍ଧ ଅନୁମୋଦନ ଉପରେ ଗୁରୁତ୍ୱ ଦେଇଛନ୍ତି ଓ ସମସ୍ତ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଆବେଦନଗୁଡ଼ିକର ତୁରନ୍ତ ଫଏସଲା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏପରିକି ସିଜିଡି ପ୍ରକଳ୍ପ କାର୍ଯ୍ୟକୁ ବାଧାମୁକ୍ତ କରିବା ପାଇଁ ନିର୍ଦ୍ଦିଷ୍ଟ ସମୟରେ ରାଜପଥ ବା ରାସ୍ତା ଖୋଳିବା ଉପରେ ଥିବା କଟକଣାକୁ ମଧ୍ୟ କୋହଳ କରାଯାଇଛି।

କାର୍ଯ୍ୟକାରିତାକୁ ସହଜ କରିବା ସହ ଏହି ପ୍ରକ୍ରିୟାରେ ଉତ୍ତରଦାୟିତ୍ୱକୁ ମଧ୍ୟ ନିଶ୍ଚିତ କରାଯାଇଛି। ସମ୍ପୃକ୍ତ ସିଜିଡି ସଂସ୍ଥାଗୁଡ଼ିକ ନିଜ ଖର୍ଚ୍ଚରେ ଓ ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ରାସ୍ତା ଓ ଅନ୍ୟାନ୍ୟ ଭିତ୍ତିଭୂମିର ପୁନରୁଦ୍ଧାର ବା ରେଷ୍ଟୋରେସନ କରିବାକୁ ବାଧ୍ୟ ରହିବେ। ରାଜ୍ୟରେ ସିଜିଡି ସମ୍ପର୍କିତ କାର୍ଯ୍ୟର ସମନ୍ୱୟ ଓ ଅନୁଧ୍ୟାନ ପାଇଁ ପୌର ପ୍ରଶାସନ ନିର୍ଦ୍ଦେଶକଙ୍କୁ ନୋଡାଲ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକର ସଫଳ ରୂପାୟନ ପାଇଁ ପୂର୍ତ୍ତ ବିଭାଗ, ଜଳସମ୍ପଦ, ଶକ୍ତି ଓ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ପୂର୍ଣ୍ଣ ସହଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଏହି ସମସ୍ତ ପଦକ୍ଷେପ ଆଗାମୀ ଜୁନ୍ ୩୦ ପର୍ଯ୍ୟନ୍ତ ବଳବତ୍ତର ରହିବ।



ଓଡ଼ିଶାରେ ତ୍ୱରାନ୍ୱିତ ହେବ ପିଏନଜି ସଂଯୋଗ

# କାଳବୈଶାଖୀ, ବସ୍ ଉପରେ ପଡ଼ିଲା ଗଛ

**ବ୍ରହ୍ମପୁର,୨୫।୩(ସଂଚାର ବ୍ୟୁରୋ):** କାଳବୈଶାଖୀରେ ବସ ଉପରେ ପଡ଼ିଲା ଗଛ। ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ବିଜୟଲକ୍ଷ୍ମୀ ନାରାୟଣପୁର ନିକଟରେ ଓଏସ୍‌ଆର୍‌ଟିସି ବସ ଉପରେ ଗଛ ପଡ଼ିଯାଇଛି। ତେବେ ସୌଭାଗ୍ୟବଶତଃ ଉକ୍ତ ବସ୍‌ରେ ଥିବା ୪୦ ଜଣ ଯାତ୍ରୀଙ୍କ ମଧ୍ୟରୁ କାହାର କିଛି କ୍ଷତି ହୋଇନାହିଁ। ବସ୍‌ଟି ଦିଗପହଣ୍ଡିରୁ ବିଜୟଲକ୍ଷ୍ମୀ ନାରାୟଣପୁରକୁ ଯାଉଥିଲା। ବସ୍‌ଟି ସାମାନ୍ୟ କ୍ଷତିଗ୍ରସ୍ତ ହୋଇଛି। ତିନିଦିନ ତଳେ ଆସନ୍ତା ୭ ଦିନ ଯାଏଁ ରାଜ୍ୟରେ କାଳବୈଶାଖୀ ବର୍ଷାର ପ୍ରଭାବ ରହିବ ବୋଲି ସୂଚନା ମିଳିଥିଲା। ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ନେଇ ଚେତାବନୀ ମଧ୍ୟ ଦିଆଯାଇଥିଲା।

# ବିଜେଡିକୁ ଫେରିଲେ ରଘୁ ଓ ଜୀବନ

## ନବୀନ ନିବାସରେ ଧରିଲେ ଶଙ୍ଖ

**ଭୁବନେଶ୍ୱର,୨୫।୩(ସଂଚାର ବ୍ୟୁରୋ):** ଆଜି ବାଲେଶ୍ୱର ଜିଲ୍ଲାର ଦୁଇ ବରିଷ୍ଠ ନେତା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଓ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଦଳରେ ଯୋଗ ଦେଇଛନ୍ତି।ଉଭୟ ରଘୁ ମହାନ୍ତି ଓ ଜୀବନ ପ୍ରଦୀପ ଦାସଙ୍କୁ ବିଜେଡିକୁ ସ୍ୱାଗତ କରି ନବୀନ ପଟ୍ଟନାୟକ କହିଥିଲେ ଯେ ଏହି ଦୁଇ ନେତାଙ୍କ ଯୋଗଦାନ ଦ୍ୱାରା ବିଜେଡି ବାଲେଶ୍ୱର ଜିଲ୍ଲାରେ



ଆହୁରି ମଜଭୁତ ହେବ। ଜିଲ୍ଲାରେ ଦଳର ସାଙ୍ଗଠନିକ କାର୍ଯ୍ୟକୁ ଆହୁରି ବ୍ୟାପକ କରିବା ପାଇଁ ନବୀନ ଉଭୟଙ୍କୁ ପରାମର୍ଶ ଦେଇଥିଲେ। ବିଜେଡିରେ ସେମାନଙ୍କୁ ଗ୍ରହଣ କରିଥିବାରୁ ଦୁଇ ନେତା ଦଳ ସଭାପତିଙ୍କୁ କୃତଜ୍ଞତା ଜଣାଇବା ସହ ଜିଲ୍ଲାର ୮ ବିଧାନସଭା ନିର୍ବାଚନମଣ୍ଡଳୀ ସହ ବଡ଼ସାହି ନିର୍ବାଚନମଣ୍ଡଳୀରେ ବିଜେଡିକୁ ଆହୁରି ଶକ୍ତିଶାଳୀ କରିବା ଦିଗରେ କାମ କରିବେ ବୋଲି ଘୋଷଣା କରିଥିଲେ।

ବିଜେଡିରେ ଯୋଗଦାନ ପରେ ରଘୁନାଥ ମହାନ୍ତି କହିଥିଲେ ଯେ ଦଳର ଶୃଙ୍ଖଳିତ କର୍ମୀ ଭାବେ କାମ କରିବେ। ବିଜେଡି ବାଲେଶ୍ୱର ଜିଲ୍ଲାରେ କିପରି ସୁସଂଗଠିତ ହୋଇପାରିବ, ସେଥିପାଇଁ ସେ କାର୍ଯ୍ୟ କରିବେ। ବିଜୁବାବୁଙ୍କ ସମୟରୁ ତାଙ୍କ ସହ କାର୍ଯ୍ୟ କରିବାର ସୁଯୋଗ ପାଇଥିଲେ ରଘୁ। ପରେ ବିଜେଡି ଗଠନ ସମୟରେ ଜଣେ ପ୍ରତିଷ୍ଠିତ ସଭ୍ୟ ଭାବେ ସେ କାର୍ଯ୍ୟ କରିଥିଲେ। ସେହିପରି ଜୀବନ ପ୍ରଦୀପ ଦାସ କହିଥିଲେ ଯେ ପାଞ୍ଚ ବର୍ଷ ବିଜେଡି ବାହାରେ ରହିବା ପରେ ଦଳକୁ ପୁନର୍ବାର ପ୍ରତ୍ୟାବର୍ତ୍ତନ କରି ଅତ୍ୟନ୍ତ ଆନନ୍ଦିତ। ବାଲେଶ୍ୱର ଜିଲ୍ଲାରେ ବିଜେଡି କିପରି ସୁସଂଗଠିତ ହୋଇପାରିବ, ସେଥିପାଇଁ ନବୀନ ବାବୁଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି।



# ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଅଫିସ ସମ୍ମୁଖରେ ବିକ୍ଷୋଭ

**କଟକ,୨୫।୩(ସଂଚାର ବ୍ୟୁରୋ):** ଏଆଇୟୁଟିୟୁସି ସହବନ୍ଧିତ ଓଡ଼ିଶା ରାଜ୍ୟ ମିଳିତ ସ୍ୱାବଲମ୍ବୀ କାରିଗର ସଂଘ ପକ୍ଷରୁ ମହାନଦୀ ବିହାରସ୍ଥିତ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଛି। ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଅଧିନରେ ବିନା ଛୁଟିରେ ସୂଚାରୁ ରୂପେ କାମ କରିଆସୁଥିଲେ ମଧ୍ୟ ସେମାନଙ୍କୁ ଆଜି ପର୍ଯ୍ୟନ୍ତ ସରକାରୀ କର୍ମଚାରୀର ମାନ୍ୟତା ଦିଆଯାଇନାହିଁ। ଏପରିକି ସେମାନେ ଦୈନିକ ସର୍ବନିମ୍ନ ମଜୁରୀ ମଧ୍ୟ ପାଉନାହାନ୍ତି। ଏହା ପ୍ରତିବାଦରେ ଏସଇଏମ ସଂଘର ଜିଲ୍ଲା ସଭାପତି ରାଜକିଶୋର ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ଏସ୍‌ୟୁସିଆଇ କମ୍ୟୁନିଷ୍ଟ ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସ, ଏଆଇୟୁଟିୟୁସି ଜିଲ୍ଲା ସଭାପତି ଖଗେଶ୍ୱର ସେଠୀ, ଶ୍ରମିକ ନେତା ପ୍ରିୟଦର୍ଶନ ପାଢେଲ, ମାନଗୋବିନ୍ଦ ପଣ୍ଡା, ଈଶ୍ୱର ସାହୁ, ଲଳିତ ମହାପାତ୍ର, ସୁଧୀର ନାୟକ, କାର୍ତ୍ତିକ ଖଣ୍ଟିଆ, ଧୀରେନ୍ଦ୍ର ପଣ୍ଡା, ବସନ୍ତ ନାୟକ ବକ୍ତବ୍ୟ ଦେଇଥିଲେ। ଏସ୍‌ଇଏମ୍‌ମାନଙ୍କୁ ପ୍ରତି ମାସ ନିୟମିତ ପାରିଶ୍ରମିକ ପ୍ରଦାନ କରିବା, ମେଗା ପ୍ରୋଜେକ୍ଟରେ ଏସ୍‌ଇଏମ୍‌ମାନଙ୍କୁ ପାଣି ଚଳେଇବା ପାଇଁ ଅତିରିକ୍ତ ଦାୟିତ୍ୱ ଦେବା, ଡବଲ କାମ ପାଇଁ ଡବଲ ପାରିଶ୍ରମିକ ପ୍ରଦାନ କରିବା, ମେଗା ପ୍ରୋଜେକ୍ଟ ସହ ଏସ୍‌ଇଏମ୍‌ମାନଙ୍କ ବକେୟା ପାରିଶ୍ରମିକ ଅବିଳମ୍ବେ ପ୍ରଦାନ କରିବା, ଖରାଦିନ ଓ ଅନ୍ୟାନ୍ୟ ଦିନମାନଙ୍କରେ ପାଣି ଚଳେଇବା ସମୟ ପମ୍ପ ହାଉସମାନଙ୍କରେ ଲେଖାଯିବା, ଜେଜେଏମ୍ ଟ୍ରେନିଂ ନେଇଥିବା ଏସ୍‌ଇଏମ୍‌ମାନଙ୍କୁ ଅବିଳମ୍ବେ ପ୍ରମାଣ ପ୍ରଦାନ କରିବା, ଆକ୍ରୋଶମୂଳକ ଛଟେଇ ବନ୍ଦ କରିବା ସହ ରିଜଲ୍ୟୁସନ୍ ହୋଇଥିବା ଏସ୍‌ଇଏମ୍‌ମାନଙ୍କୁ ପମ୍ପ ଚଳେଇବା ପାଇଁ ନିଯୁକ୍ତି ଦେବା ଆଦି ପ୍ରମୁଖ ଦାବି ରହିଛି।

● ବେଦାନ୍ତ ଆଲୁମିନିୟମର ମହିଳା ମାସ ପାଳିତ

# ୬ ହଜାର ମହିଳାଙ୍କୁ ସଶକ୍ତ କରିବାକୁ ପଦକ୍ଷେପ



**ଭୁବନେଶ୍ୱର,୨୫।୩(ସଂଚାର ବ୍ୟୁରୋ):** ଦେଶ ଅନ୍ତର୍ଜାତୀୟ ମହିଳା ମାସ-୨୦୨୬ ପାଳନ କରୁଥିବା ବେଳେ ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଓଡ଼ିଶାରେ ଏହାର କାର୍ଯ୍ୟକ୍ଷମ କ୍ଷେତ୍ରରେ ଏକ ମାସ ବ୍ୟାପୀ ସମ୍ପ୍ରଦାୟ ସମ୍ପର୍କ ଓ ମହିଳା-କୈନ୍ଦ୍ରିକ ପଦକ୍ଷେପ ସମାପ୍ତ କରିଛି। ସ୍ୱାସ୍ଥ୍ୟ ଓ ସୁରକ୍ଷା ସଚେତନତା ଅଧିବେଶନଠାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନେତୃତ୍ୱ ସ୍ୱୀକୃତି ପର୍ଯ୍ୟନ୍ତ କାର୍ଯ୍ୟକଳାପ ଏହାର ପରିସରଭୁକ୍ତ ହୋଇଥିଲା, ଯାହା ସାମୂହିକ ଭାବେ ୬ ହଜାରରୁ ଊର୍ଦ୍ଧ୍ୱ ମହିଳା, କିଶୋରୀ ଝିଅ ଓ ସମ୍ପ୍ରଦାୟ ସଦସ୍ୟଙ୍କ ନିକଟରେ ପହଞ୍ଚିଛି।

ଲାଞ୍ଜିଗଡ଼ର ୯ଟି ପଞ୍ଚାୟତର ୧ ହଜାରରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଜିଲ୍ଲା ଶିଳ୍ପ କେନ୍ଦ୍ର ସହ ଉଦ୍ୟୋଗ ଯୋଜନା ଅଧିବେଶନ, ଆଗଧାଡ଼ିର ସ୍ୱାସ୍ଥ୍ୟ କର୍ମୀଙ୍କ ପାଇଁ ନେତୃତ୍ୱ ସ୍ୱୀକୃତି, ସାଂସ୍କୃତିକ କାର୍ଯ୍ୟକ୍ରମ ଓ 'ଲାଭ କରିବାକୁ ଦିଅ' ବିଷୟବସ୍ତୁରେ ଅଂଶଗ୍ରହଣ କରିଥିଲେ। ସେହିପରି ଝାରସୁଗୁଡ଼ାରେ ଶୁଭଲକ୍ଷ୍ମୀ ସମବାୟ ସହ ଏକ ସପ୍ତାହବ୍ୟାପୀ ଉତ୍ସବ ୫ଟି ପଞ୍ଚାୟତର ୨ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କୁ ପାରସ୍ପରିକ ଶିକ୍ଷା କାର୍ଯ୍ୟକ୍ରମ, ପାରମ୍ପରିକ ଖେଳ, ସମ୍ପ୍ରଦାୟ ବନ୍ଧନ କାର୍ଯ୍ୟକଳାପ ଓ ସ୍ଥାନୀୟ ନେତାଙ୍କ ସହ ସ୍ୱୀକୃତି ସମାରୋହ ପାଇଁ ଏକତ୍ରିତ କରିଥିଲା। ଖଣି କ୍ଷେତ୍ରରେ କୁଡାଲୋଇ, ଜାମଖାଣି ଓ ଘୋଘରପାଲିରେ, ୩ ହଜାରରୁ ଅଧିକ ସମ୍ପ୍ରଦାୟ ସଦସ୍ୟ ଅଂଶଗ୍ରହଣକାରୀ ଖେଳ, ସ୍ୱଚ୍ଛତା ସଚେତନତା କାର୍ଯ୍ୟକଳାପ, ଦୈନନ୍ଦିନ ଆବଶ୍ୟକୀୟ ସାମଗ୍ରୀ ବଣ୍ଟନ ଓ ଆଗଧାଡ଼ିର ସ୍ୱାସ୍ଥ୍ୟ କର୍ମୀଙ୍କୁ ସମ୍ମାନିତ କରିବାରେ ନିୟୋଜିତ ହୋଇଥିଲେ। ଏକ ମାସବ୍ୟାପୀ କାର୍ଯ୍ୟ ସମ୍ପର୍କରେ ମତ ଦେଇ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି ଯେ ଯେତେବେଳେ ମହିଳାମାନେ ଉନ୍ନତି କରନ୍ତି, ସମଗ୍ର ଶିଳ୍ପ, ସମ୍ପ୍ରଦାୟ ଏବଂ ଅର୍ଥନୀତି ସେମାନଙ୍କ ସହ ଆଗକୁ ବଢ଼ିଥାଏ। ସେମାନଙ୍କର ପ୍ରଗତି ଭାରତରେ ଏକ ବୃହତ ପରିବର୍ତ୍ତନକୁ ପ୍ରତିଫଳିତ କରେ, ଯେଉଁଠାରେ ମହିଳାମାନେ କ୍ରମାଗତ ଭାବେ ଜୀବିକା ନିର୍ବାହ କରୁଛନ୍ତି, ସ୍ଥାନୀୟ ମୂଲ୍ୟ ଶୃଙ୍ଖଳାକୁ ମଜବୁତ କରୁଛନ୍ତି ଓ ବିଭିନ୍ନ କ୍ଷେତ୍ରରେ ନେତୃତ୍ୱ ନେଉଛନ୍ତି।



# ବିଧାନସଭା ଖବର

## ଗ୍ୟାସ ଅଭାବ ଦୂର ପାଇଁ ବିକଳ୍ପ ବ୍ୟବସ୍ଥା

**ଭୁବନେଶ୍ୱର,୨୫।୩(ସଂଚାର ବ୍ୟୁରୋ):** ସମସ୍ତ ହୋଟେଲ ଓ ରେଷ୍ଟୁରାଣ୍ଟଙ୍କୁ ପିଏନଜି, ବିଦ୍ୟୁତ ଓଭେନ୍, ଇଣ୍ଡକ୍ସନ୍, ବାଷ୍ପ ରନ୍ଧନ ପ୍ରଣାଳୀ ଇତ୍ୟାଦି ବିକଳ୍ପ ଇନ୍ଧନ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି ରାଜ୍ୟ ସରକାର। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଯୋଗୁ ଏଲପିଜି ଗ୍ୟାସ ଯୋଗାଣ ପ୍ରଭାବିତ ହୋଇଛି। ତେଣୁ ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ନେଇଛନ୍ତି। ଏହାଛଡ଼ା ଏଲପିଜି ଗ୍ୟାସର ଅବୈଧ ଗଚ୍ଛିତ ଓ ସଂଗ୍ରହ ଉପରେ ପ୍ରତ୍ୟେକ ଜିଲ୍ଲାରେ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ବିଧାନସଭାରେ ଲିଖିତ ପ୍ରଶ୍ନର ଉତ୍ତରରେ କହିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର।

## ତିନି ବର୍ଷରେ ବିଦ୍ୟୁତ ଆଘାତରେ ୨୧୦ ମୃତ

ବିଗତ ତିନି ବର୍ଷରେ ରାଜ୍ୟରେ ବିଦ୍ୟୁତ ଆଘାତଜନିତ କାରଣରୁ ୨୧୦ ଜଣ ବ୍ୟକ୍ତି ମୃତ୍ୟୁବରଣ କରିଛନ୍ତି। ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ମଧ୍ୟରୁ ଯେଉଁମାନଙ୍କର ମାମଲା ସମାଧାନ ହୋଇଛି, ସେମାନଙ୍କ ପରିବାରଙ୍କୁ ୫ କୋଟି ୩୭ ଲକ୍ଷ ୭ ହଜାର ୯୧ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ବୋଲି ଏକ ଲିଖିତ ପ୍ରଶ୍ନରେ ଶକ୍ତି ବିଭାଗ ଦାୟିତ୍ୱରେ ଥିବା ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି।

## ୭ ଦିନ ପରେ ଶେଷ ହେବ ଖରିଫ ଧାନ ସଂଗ୍ରହ

ଆଉ ସାତ ଦିନ ପରେ ଖରିଫ ଧାନ ସଂଗ୍ରହ ଅବଧି ଶେଷ ହେବ। ହେଲେ ଏବେବି ୧ ଲକ୍ଷ ୬୩ ହଜାର ଚାଷୀ ପଞ୍ଜିକରଣ କରି ଧାନ ବିକିବାକୁ ଅପେକ୍ଷାରେ ଅଛନ୍ତି। ବିଧାନସଭାରେ ଲିଖିତ ପ୍ରଶ୍ନର ଉତ୍ତର ରଖି ଯୋଗାଣ ମନ୍ତ୍ରୀ କହିଛନ୍ତି ୧୯ ଲକ୍ଷ ୨୪ ହଜାର ପଞ୍ଜିକୃତ ଯୋଗ୍ୟ ବିବେଚିତ ଚାଷୀଙ୍କଠାରୁ ଧାନ କ୍ରୟ ନିମନ୍ତେ ଟୋକନ ପ୍ରଦାନ କରାଯାଇଛି। ସେ ମଧ୍ୟରୁ ୧୭ ଲକ୍ଷ ୬୧ ହଜାର ପଞ୍ଜିକୃତ ଚାଷୀ ଧାନ ବିକ୍ରି କରିଛନ୍ତି। ସେହିପରି ମନ୍ତ୍ରୀ ଆହୁରି କହିଛନ୍ତି ଯେ ଚଳିତ ୨୦୨୫-୨୬ ଖରିଫ ଋତୁରେ ପଞ୍ଜିକୃତ ଯୋଗ୍ୟ ବିବେଚିତ ଚାଷୀଙ୍କ ଠାରୁ ପ୍ରାୟ ୭୩ ଲକ୍ଷ ମେଟ୍ରିକ୍ ଟନ ଧାନ ସଂଗ୍ରହ ପାଇଁ ଲକ୍ଷ ଧାର୍ଯ୍ୟ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ସରକାର ୭୩ ଲକ୍ଷ ୫୧ ହଜାର ୬୫୦ ମେଟ୍ରିକ ଟନ ଧାନ ଉଠାଇ ସାରିଲେଣି।

## କଟକ ଦହିବରାକୁ ଜିଆଇ ଟ୍ୟାଗ ମାନ୍ୟତା

କଟକ ଦହିବରାକୁ ଜିଆଇ ଟ୍ୟାଗ ମାନ୍ୟତା ପ୍ରସଙ୍ଗରେ ରାଜ୍ୟ ସରକାର ବିଭିନ୍ନ ସଂସ୍ଥା, ସଂଗଠନ, ବ୍ୟକ୍ତି ବିଶେଷ ଓ ଆଇନ ବିଶାରଦମାନଙ୍କୁ ଆଗେଇ ଆସିବାକୁ ଅପିଲ କରିଛନ୍ତି। ନିୟମ ଅନୁଯାୟୀ ଜିଆଇ ଟ୍ୟାଗିଙ୍ଗ ପାଇଁ ରାଜ୍ୟ ସରକାର ସିଧାସଳଖ ଆବେଦନ କରି ପାରିବେନି। ତେଣୁ ବିଭିନ୍ନ ସଂଗଠନକୁ ଆବେଦନ ପାଇଁ ଅପିଲ କରିଛନ୍ତି ସରକାର। ଯଦି କୌଣସି ସଂସ୍ଥା, ସଂଗଠନ, ବ୍ୟକ୍ତି ବିଶେଷ କିମ୍ବା ଆଇନ ବିଶାରଦମାନେ ଜିଆଇ ଟ୍ୟାଗିଂ ପାଇଁ ଆବେଦନ କରିବେ ରାଜ୍ୟ ସରକାର ସହଯୋଗ କରିବେ ବୋଲି ବିଧାନସଭାର ଲିଖିତ ପ୍ରଶ୍ନର ଉତ୍ତରରେ କହିଛନ୍ତି ଏମଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ।

# ମେ' ୫ରୁ ସିପେଟ୍ ପ୍ରବେଶିକା ପରୀକ୍ଷା

ବ୍ୟୁରୋ): ଆସନ୍ତା ମେ' ୫ ତାରିଖରୁ ଆରମ୍ଭ ହେବ କମନ୍ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ (ସିପେଟ୍) ପ୍ରବେଶିକା ପରୀକ୍ଷା। ଏହା ମେ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଆଜି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସ୍ପଷ୍ଟ ହୋଇଛି। ଶିକ୍ଷାବର୍ଷ ୨୦୨୬-୨୭ରେ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ରହିଥିବା ୩୧,୯୧୫ ସିଟ୍ ନିମନ୍ତେ ସର୍ବମୋଟ ୫୮,୭୦୮ଜଣ ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ସକାଶେ ଆବେଦନ କରିଛନ୍ତି।

ସୂଚନାଯୋଗ୍ୟ ଯେ ଗତ ଫେବ୍ରୁଆରୀ ୨୭ରୁ ମାର୍ଚ୍ଚ ୨୨ ତାରିଖ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲରେ ସିପେଟ୍ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିଥିଲେ। ଆବେଦନକାରୀଙ୍କ ତଥ୍ୟ ଆସନ୍ତାକାଲି ଷ୍ଟେଟ୍ ସିଲେକ୍ସନ ବୋର୍ଡ (ଏସ୍‌ଏସ୍‌ବି)କୁ ପ୍ରଦାନ କରାଯିବ। ଆସନ୍ତା ଏପ୍ରିଲ ୩୦ ତାରିଖରେ ପ୍ରବେଶିକା ପରୀକ୍ଷା ପାଇଁ ଆଡମିଟ କାର୍ଡ଼ ଉପଲବ୍ଧ ହେବ। ଛାତ୍ରଛାତ୍ରୀମାନେ ଏସଏସବି ୱେବ୍‌ସାଇଟ (https://ssbodisha.ac.in/)ରୁ ଏପ୍ରିଲ ୩୦ରୁ ନିଜର ଆଡମିଟ କାର୍ଡ଼ ଡାଉନଲୋଡ଼ କରିପାରିବେ। ସ୍ନାତକୋତ୍ତର ପାଠ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ଚୟନ ସିପେଟ୍ ପ୍ରବେଶିକା ପରୀକ୍ଷା ମାର୍କ ଆଧାରରେ କରାଯିବ। ଏଥିସହ ଆସନ୍ତା ଜୁଲାଇ ୧୦ ତାରିଖ ସୁଦ୍ଧା ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ଲକ୍ଷ୍ୟ ରଖିଛି।

# ମଧ୍ୟସ୍ଥିମୁକ୍ତ ବଜାର ଦିଗରେ ଓରମାସ-ଭାରତ ମସଲାର ଉଦ୍ୟମ



**ଭୁବନେଶ୍ୱର,୨୫।୩(ସଂଚାର ବ୍ୟୁରୋ):** କୃଷକମାନଙ୍କ ଉତ୍ପାଦ ପାଇଁ ସୁନିଶ୍ଚିତ ବଜାର ସଂଯୋଗ ସୃଷ୍ଟି କରିବା ଓ ନ୍ୟାୟସଙ୍ଗତ ମୂଲ୍ୟ ଯୋଗାଇବା ଉଦ୍ଦେଶ୍ୟରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନସ୍ଥ ଓଡିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି (ଓରମାସ) ପକ୍ଷରୁ ଏକ ବିଶେଷ ବଜାର ସଂଯୋଗ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ସ୍ୱୟଂ ସହାୟକ ଗୋଷ୍ଠୀ ଓ କୃଷକ ଉତ୍ପାଦକ ସଂଗଠନ ମାଧ୍ୟମରେ ଗଞ୍ଜାମ, କଟକ, ଅନୁଗୁଳ, ଝାରସୁଗୁଡ଼ା ଓ ଜଗତସିଂହପୁର ଆଦି ଜିଲ୍ଲାରୁ ଟମାଟୋ ସଂଗ୍ରହ କରାଯାଉଛି। ଗତକାଲି ସୁଦ୍ଧା ଏହି ପଦକ୍ଷେପ ଅନ୍ତର୍ଗତ ମୋଟ ୧୨୮.୩୦ ମେଟ୍ରିକ ଟନ୍ ଟମାଟୋ ସଂଗ୍ରହ ହୋଇଛି। ଏଥିରେ କଟକ ଜିଲ୍ଲାରୁ ସର୍ବାଧିକ ୫୩ ମେଟ୍ରିକ ଟନ, ଗଞ୍ଜାମରୁ ୩୩.୮୦ ମେଟ୍ରିକ ଟନ, ଅନୁଗୁଳରୁ ୨୦ ମେଟ୍ରିକ ଟନ ଓ ଝାରସୁଗୁଡ଼ାରୁ ୧୮ ମେଟ୍ରିକ ଟନ୍ ଟମାଟୋ ଭାରତ ମସଲା ପକ୍ଷରୁ କିଣାଯାଇଛି। ଏଥିସହ ଜଗତସିଂହପୁର ଜିଲ୍ଲାରୁ ୩.୫୦ ମେଟ୍ରିକ ଟନ୍ ଟମାଟୋ ମଧ୍ୟ ଭାରତ ମସଲାକୁ ପଠାଯାଇଛି। ଏହି ପଦକ୍ଷେପ ମାଧ୍ୟମରେ ଉକ୍ତ ୫ଟି ଜିଲ୍ଲାର ଅନେକ କୃଷକ ସିଧାସଳଖ ଭାବେ ଲାଭାନ୍ୱିତ ହେଉଛନ୍ତି। ଓରମାସର ଏହି ବଜାର ସଂଯୋଗ ଉଦ୍ୟମ ମାଧ୍ୟମରେ କୃଷକମାନଙ୍କ ଉତ୍ପାଦ ପାଇଁ ସୁନିଶ୍ଚିତ ବିପଣନ ସୁଯୋଗ ସୃଷ୍ଟି ହେବା ସହ ଗ୍ରାମୀଣ ଅର୍ଥନୀତିକୁ ଆହୁରି ସୁଦୃଢ଼ କରିବାରେ ଏହା ସହାୟକ ହେବ ବୋଲି ଆଶା କରାଯାଉଛି।

# ଗ୍ୟାସ୍ ସଂକଟ, ଖାଉଟି ଓ ଦୋକାନୀ ହନ୍ତସନ୍ତ



**ଭୁବନେଶ୍ୱର,୨୫।୩:** ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ ସିଧାସଳଖ ଭାବେ ଖାଉଟି ଓ ଦୋକାନୀମାନଙ୍କ ଉପରେ ପଡୁଛି। ଏହି ଯୁଦ୍ଧ ଯୋଗୁଁ ଗ୍ୟାସ୍ ସିଲିଣ୍ଡର ମିଳିବାରେ ସମସ୍ୟା ଉପୁଜିବା କାରଣରୁ ରାସ୍ତା କଡ଼ର ବହୁ ଉଠା ଜଳଖିଆ ଦୋକାନୀ ସେମାନଙ୍କ ଦୋକାନ ବନ୍ଦ କରିବାକୁ ବାଧ୍ୟ ହୋଇଛନ୍ତି। ଅନେକ କ୍ଷେତ୍ରରେ ଯେଉଁଠିବି ଜଳଖିଆ ଦୋକାନ ଖୋଲା ରହିଛି ସେଠାରେ ଛଣାଛଣି ଜିନିଷର ଦର ବଢ଼ିଥିବା ନଜରକୁ ଆସିଛି। ରାସ୍ତାକଡ଼ ଦୋକାନରେ ଯେଉଁ ବରା ୫ଟଙ୍କାରେ ମିଳୁଥିଲା ଏବେ ତାହା ୭/୮ ଟଙ୍କା ହେଲାଣି। ଆଉ ଯେଉଁଠି ଦର ବଢ଼ିନାହିଁ, ସେଠାରେ ବରାର ଆକୃତି ଛୋଟ ହୋଇଯାଇଛି।

ଅନେକ ରାସ୍ତାକଡ଼ ଢାବା ଓ ଛୋଟଛୋଟ ହୋଟେଲ ଗ୍ୟାସ ବଦଳରେ କାଠ ଚୁଲା ଓ କୋଇଲା ଆଞ୍ଚ ଉପରେ ଭରସା କରୁଛନ୍ତି। ତେବେ ଗ୍ୟାସ୍ ସଂକଟ ସହିତ ଜାଳେଣୀ କାଠ ଦର ଢେର ଉଚ୍ଚା ରହୁଥିବାରୁ ଦୋକାନୀମାନେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି।

ପର୍ଯ୍ୟାପ୍ତ ପରିମାଣର ଗ୍ୟାସ୍ ସିଲିଣ୍ଡର ମହଜୁଦ ଅଛି ଏବଂ ଏଥିଘେନି ଆତଙ୍କିତ ହେବାର କୌଣସି କାରଣ ନାହିଁ ବୋଲି ସରକାରଙ୍କ ପକ୍ଷରୁ ବାରମ୍ବାର କୁହାଯାଉଥିଲେ ମଧ୍ୟ ଗ୍ୟାସ୍ ପାଇଁ ଲୋକଙ୍କ ଧାଡ଼ି କମିବା ପରିବର୍ତ୍ତେ ବଢ଼ୁଛି। ଏ ପରିପ୍ରେକ୍ଷୀରେ ଗ୍ୟାସ୍ କଳାବଜାର ରୋକିବା ପାଇଁ ବି ଚଢ଼ଉ ଅଭିଯାନ ଜୋରଦାର ହେଉଛି।

ରାଜଧାନୀରେ ଥିବା ଘରୋଇ ହଷ୍ଟେଲ୍‌ଗୁଡ଼ିକରେ ଗ୍ୟାସ୍ ସମସ୍ୟା ସ୍ପଷ୍ଟ ବାରି ହୋଇପଡୁଛି। ଅନେକ ଘରୋଇ ହଷ୍ଟେଲ୍‌କୁ ବାହାରର ବିଭିନ୍ନ ସଂସ୍ଥା ରନ୍ଧାଖାଦ୍ୟ ଯୋଗାଇଥାନ୍ତି। ଗ୍ୟାସ୍ ସମସ୍ୟା ଉପୁଜିବା ପରେ କେତେକ କ୍ଷେତ୍ରରେ ମିଲ୍ ପିଛା ରନ୍ଧାଖାଦ୍ୟ ଦର ଯୋଗାଣକାରୀମାନେ ବଢ଼ାଇଥିବା ଜଣାପଡ଼ିଛି। ଏହାଛଡ଼ା ଯେଉଁ ସରକାରୀ ଓ ବେସରକାରୀ ହଷ୍ଟେଲ୍‌ଗୁଡ଼ିକରେ ଗ୍ୟାସ୍ ମାଧ୍ୟମରେ ଖାଦ୍ୟ ରନ୍ଧାଯାଇଥାଏ ସେଥିରୁ ଅନେକରେ ଭଜା, ତରକାରୀ ଆଦି ସଂଖ୍ୟା କମାଇ ଦିଆଗଲାଣି।

ହୋଟେଲ୍ ଭଳି ବ୍ୟାବସାୟିକ ସଂସ୍ଥାନ ପାଇଁ କମର୍ସିଆଲ୍ ଗ୍ୟାସ୍ କନେକ୍ସନ୍ ବ୍ୟବସ୍ଥା ଥିଲେ ମଧ୍ୟ ଅନେକ ଛୋଟ ଛୋଟ ସଂସ୍ଥା କଳାବଜାରରେ ମିଳୁଥିବା ଘରୋଇ ଗ୍ୟାସ୍ ଉପଯୋଗ କରିଆସୁଥିଲେ। ସେମାନେ ଏବେ ସମସ୍ୟାରେ ପଡ଼ି ଦୋକାନ ବନ୍ଦ କରିବାକୁ ବାଧ୍ୟ ହୋଇଛନ୍ତି। ସେହିଭଳି ବହୁ ସ୍ଥାନରେ କର୍ମଜୀବୀ ପୁରୁଷ ଓ ମହିଳାମାନେ ନିଜ ପାଇଁ ଖାଦ୍ୟ ପ୍ରସ୍ତୁତ କରିବା ଲାଗି ଛୋଟଛୋଟ ଗ୍ୟାସ୍ ସିଲିଣ୍ଡର ବ୍ୟବହାର କରିଥାନ୍ତି। ଗ୍ୟାସ୍ ସରିଯିବା ପରେ ଏମାନେ ବିଭିନ୍ନ ସ୍ଥାନରୁ ପୁଣି ନିଜ ସିଲିଣ୍ଡରରେ ଗ୍ୟାସ୍ ଭର୍ତ୍ତି କରାଇ ଆଣିଥାନ୍ତି। ଏବେ ଗ୍ୟାସ୍ ସଂକଟ ଉତ୍କଟତର ସ୍ଥିତିରେ ଥିବାବେଳେ ଯୋଗାଣ ବିଭାଗ ପକ୍ଷରୁ ବ୍ୟାପକ ଧରପଗଡ଼ ଚାଲିଥିବା ପରିପ୍ରେକ୍ଷୀରେ ଏଭଳି ଛୋଟଛୋଟ ସିଲିଣ୍ଡରଗୁଡ଼ିକୁ ଘରୋଇ ଭାବେ ରିଫିଲିଂ କରାଇବା କଷ୍ଟସାଧ୍ୟ ହୋଇପଡ଼ିଛି।

କେତେକ ପରିବାର ଇତିମଧ୍ୟରେ ବିଦ୍ୟୁତ ଚାଳିତ ଇଣ୍ଡକ୍ସନ୍ ଚୁଲା ମାଧ୍ୟମରେ ରୋଷେଇ କରୁଛନ୍ତି। ବିଶେଷକରି ଆପାର୍ଟମେଣ୍ଟ ଓ ବହୁତଳ ବିଶିଷ୍ଟ କୋଠାଘରଗୁଡ଼ିକରେ କାଠଚୁଲିରେ ରୋଷେଇ କରିବା ଅସମ୍ଭବପର ହୋଇଥିବାରୁ ସେଠାରେ ଇଣ୍ଡକ୍ସନ୍ ଚୁଲାର ବ୍ୟବହାର ବଢ଼ୁଛି। କିନ୍ତୁ ଯେଉଁ ଘରଗୁଡ଼ିକରେ ବାଡ଼ି ରହିଛି ସେଠାରେ ଅସ୍ଥାୟୀ କାଠଚୁଲା ବ୍ୟବହୃତ ହେଉଥିବା ଅନେକ କ୍ଷେତ୍ରରେ ଦେଖିବାକୁ ମିଳିଛି। ତେବେ ବର୍ଷବର୍ଷ ଧରି ଗ୍ୟାସ୍‌ରେ ରୋଷେଇ କରିବା ବ୍ୟବସ୍ଥା ସହିତ ଅଭ୍ୟସ୍ତ ଥିବା ଲୋକେ ପୁଣି କାଠ ଓ କୋଇଲା ଚୁଲ ଯୁଗକୁ ଫେରିବାକୁ ଚାହୁଁନାହାନ୍ତି। ଯୁଦ୍ଧ ପରିସ୍ଥିତିରେ ବିରାମ ଆସିବା ସହ ଗ୍ୟାସ୍ ଆମଦାନି ବୃଦ୍ଧି ପାଇଲେ ଏହି ସମସ୍ୟାର କିଛିଟା ସମାଧାନ ହୋଇପାରେ। ତେବେ ବିବାହ, ବ୍ରତପୋନୟନ, ଶୁଦ୍ଧ ଘର ଆଦି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଗ୍ୟାସ୍ ବିନାଭୋଜିଭାତ କରିବା ଏବେ ବଡ଼ ସମସ୍ୟା ଭାବେ ଉଭା ହୋଇଛି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।


sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ଗୁରୁବାର ୨୬ ମାର୍ଚ୍ଚ ୨୦୨୬, ଭୁବନେଶ୍ୱର

Thursday 26 March 2026, Bhubaneswar


# ମଧ୍ୟପ୍ରାଚ୍ୟ ଶାନ୍ତି ପଥରେ ଇସ୍ରାଏଲ ବାଧକ

ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟପ୍ରାଚ୍ୟରେ ଶାନ୍ତି ସ୍ଥାପନ ପାଇଁ ଯେଉଁ ପ୍ରୟାସ କରୁଛନ୍ତି, ତାହାକୁ ଇସ୍ରାଏଲ୍ ସ୍ପଷ୍ଟ ଭାବେ ଉଲ୍ଲଙ୍ଘନ କରୁଛି। ଗାଜା ଓ ଇରାନ ସହ ସମ୍ପର୍କିତ ଯୁଦ୍ଧବିରାମ ଆହ୍ୱାନ ପରେ ମଧ ଇସ୍ରାଏଲ୍ ଆକ୍ରମଣ ଜାରି ରଖିଛି। ଏହା କେବଳ ଏକ



ଦେଶର ଅହଂକାର ନୁହେଁ, ବରଂ ଆନ୍ତର୍ଜାତିକ ନିୟମ ଓ ଶାନ୍ତି ପ୍ରକ୍ରିୟାର ପ୍ରତ୍ୟକ୍ଷ ଉଲ୍ଲଙ୍ଘନ। ଟ୍ରମ୍ପ ଯେଉଁ ଯୁଦ୍ଧବିରାମ ଡାକ ଦେଇଥିଲେ ଓ ଯେଉଁ ୧୫-ପଏଣ୍ଟ ଯୋଜନା ପ୍ରସ୍ତାବ ଦେଇଥିଲେ, ତାହାକୁ ଇସ୍ରାଏଲ୍ ଅଣଦେଖା କରି ତେହରାନ ଉପରେ ଆକ୍ରମଣ କରିଛି। ଏହା କେବଳ ଗାଜା ନୁହେଁ, ସମଗ୍ର ମଧ୍ୟପ୍ରାଚ୍ୟକୁ ଅସ୍ଥିର କରିଦେଉଛି।

ଟ୍ରମ୍ପ ପ୍ରଶାସନ ଗତ ବର୍ଷ ଗାଜାରେ ଯୁଦ୍ଧବିରାମ ଚୁକ୍ତି କରାଇଥିଲେ। ହମାସ ସହ ବନ୍ଦୀ ବିନିମୟ ଓ ଯୁଦ୍ଧ ବିରତିର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକାରୀ ହୋଇଥିଲା। କିନ୍ତୁ ଇସ୍ରାଏଲ୍ ସେହି ଚୁକ୍ତିକୁ ଉଲ୍ଲଙ୍ଘନ କରି ହମାସ ନେତାଙ୍କ ହତ୍ୟା କରିଛି ଓ ଗାଜାରେ ବୋମାବର୍ଷଣ ଜାରି ରଖିଛି। ଆମେରିକା ପ୍ରଶାସନ ନିଜେ ନେତାନ୍ୟାହୁଙ୍କୁ ଗୋପନୀୟ ଚେତାବନୀ ଦେଇଥିଲେ ଯେ ଏହା ଯୁଦ୍ଧବିରାମ ଉଲ୍ଲଙ୍ଘନ। ତଥାପି ଇସ୍ରାଏଲ୍ କାନ ଦେଲା ନାହିଁ। ଏବେ ଇରାନ ସହ ଯୁଦ୍ଧର ପରିସ୍ଥିତି ଆହୁରି ଜଟିଳ ହୋଇଛି। ଟ୍ରମ୍ପ ଇରାନ ସହ କଥାବାର୍ତ୍ତା ଚଳାଇ ମାସିକ ଯୁଦ୍ଧବିରାମ ଓ ୧୫-ପଏଣ୍ଟ ଯୋଜନା ପ୍ରସ୍ତାବ ଦେଇଛନ୍ତି। କିନ୍ତୁ ଇସ୍ରାଏଲ୍ ତେହରାନ ଉପରେ ଆକ୍ରମଣ କରି ସେହି ପ୍ରୟାସକୁ ବ୍ୟର୍ଥ କରିଦେଇଛି। ଏହା କେବଳ ଟ୍ରମ୍ପଙ୍କ ନେତୃତ୍ୱକୁ ନୁହେଁ, ଆମେରିକାର ବିଦେଶ ନୀତିର ପ୍ରତିଷ୍ଠାକୁ ମଧ ପ୍ରଶ୍ନ କରୁଛି।

ଇସ୍ରାଏଲର ଏହି ଆକ୍ରମଣାତ୍ମକ ମନୋଭାବ ପାଲେଷ୍ଟାଇନ୍ ଜନତାଙ୍କ ପାଇଁ ମହଙ୍ଗା ପଡୁଛି। ଗାଜାରେ ହଜାର ହଜାର ନାରୀ, ଶିଶୁ ଓ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ଯୁଦ୍ଧବିରାମ ସତ୍ତ୍ୱେ ଇସ୍ରାଏଲ ଆକାଶ ଓ ସ୍ଥଳପଥରେ ଉଲ୍ଲଙ୍ଘନ କରି ହଜାର ହଜାର ଥର ଆକ୍ରମଣ କରିଛି। ଲେବାନନ୍ ଓ ଗାଜାରେ ମଧ ଏହି ପ୍ରକାର ଉଲ୍ଲଙ୍ଘନ ଜାରି ରହିଛି। ଜାତିସଂଘ ଓ ଆନ୍ତର୍ଜାତିକ ମାନବାଧିକାର ସଂଗଠନ ଏହାକୁ ନିନ୍ଦା କରିଛନ୍ତି, କିନ୍ତୁ ଇସ୍ରାଏଲ କୌଣସି ନିୟମ ମାନୁନାହିଁ। ଏହା କେବଳ ପାଲେଷ୍ଟାଇନ ନୁହେଁ, ସମଗ୍ର ଆରବ ଜଗତକୁ କ୍ରୋଧିତ କରୁଛି। ସାଉଦି ଆରବ ଓ ଅନ୍ୟାନ୍ୟ ଦେଶ ସହ ସମ୍ପର୍କ ସ୍ଥାପନ ପାଇଁ ଟ୍ରମ୍ପ ଯେଉଁ ପ୍ରୟାସ କରୁଛନ୍ତି, ତାହା ମଧ ଏହି ଉଲ୍ଲଙ୍ଘନ ଯୋଗୁଁ ବ୍ୟର୍ଥ ହେବାର ଆଶଙ୍କା ରହିଛି।

ଟ୍ରମ୍ପଙ୍କ ନୀତି ସ୍ପଷ୍ଟ – ମଧ୍ୟପ୍ରାଚ୍ୟରେ ଶାନ୍ତି ଓ ଆର୍ଥିକ ସ୍ଥିରତା। ସେ ଇରାନ ସହ କଥାବାର୍ତ୍ତା ଚଳାଇ ତୈଳ ରପ୍ତାନି ଓ ଅର୍ଥନୈତିକ ସହଯୋଗ ବଢ଼ାଇବାକୁ ଚାହୁଁଛନ୍ତି। କିନ୍ତୁ ଇସ୍ରାଏଲର ଏହି ଏକତରଫା ଆକ୍ରମଣ ଆମେରିକାର ପ୍ରୟାସକୁ ଦୁର୍ବଳ କରୁଛି। ଟ୍ରମ୍ପ ନିଜେ ଇସ୍ରାଏଲକୁ ଚେତାବନୀ ଦେଇଛନ୍ତି ଯେ ଯୁଦ୍ଧବିରାମ ଉଲ୍ଲଙ୍ଘନ କରିବା ଠିକ ନୁହେଁ। ତଥାପି ନେତାନ୍ୟାହୁ ସରକାର ନିଜର ରାଜନୈତିକ ଲାଭ ପାଇଁ ଯୁଦ୍ଧ ଜାରି ରଖୁଛି। ଏହା କେବଳ ମାନବୀୟ ସଙ୍କଟ ବଢ଼ାଉନାହିଁ, ବିଶ୍ୱ ଅର୍ଥନୀତିକୁ ମଧ ପ୍ରଭାବିତ କରୁଛି। ତୈଳ ମୂଲ୍ୟ ବଢ଼ୁଛି, ଇରାନର ଇଣ୍ଟରନେଟ୍ ବ୍ଲାକ୍ ଆଉଟ୍ ହେଉଛି ଓ ଆଞ୍ଚଳିକ ଅସ୍ଥିରତା ବଢ଼ୁଛି।

ଏହି ପରିସ୍ଥିତିରେ ଆନ୍ତର୍ଜାତିକ ସମାଜର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜାତିସଂଘ ଓ ଆରବ ଲିଗ୍ ଇସ୍ରାଏଲ ଉପରେ ଚାପ ଦେବା ଉଚିତ। ଟ୍ରମ୍ପ ଯଦି ନିଜ ଆହ୍ୱାନକୁ କାର୍ଯ୍ୟକାରୀ କରିପାରନ୍ତି ନାହିଁ ତେବେ ତାଙ୍କର ବିଦେଶ ନୀତିର ବିଶ୍ୱାସଯୋଗ୍ୟତା କମିଯିବ। ଇସ୍ରାଏଲକୁ ବୁଝିବାକୁ ପଡ଼ିବ ଯେ ଯୁଦ୍ଧ କେବଳ ଧ୍ୱଂସ ଆଣେ, ଶାନ୍ତି ହିଁ ସ୍ଥାୟୀ ସମାଧାନ। ପାଲେଷ୍ଟାଇନ ଜନତାର ଅଧିକାର ସ୍ୱୀକୃତ ହେବା ଆବଶ୍ୟକ। ଅନ୍ୟଥା ମଧ୍ୟପ୍ରାଚ୍ୟର ଅଗ୍ନିକୁଣ୍ଡ ଆହୁରି ବଢ଼ିବ ଓ ବିଶ୍ୱ ଶାନ୍ତି ବିପନ୍ନ ହେବ।

ଶେଷରେ କହିବାକୁ ଚାହୁଁଛୁ ଯେ, ଟ୍ରମ୍ପଙ୍କ ଯୁଦ୍ଧବିରାମ ଆହ୍ୱାନ ଏକ ସୁଯୋଗ ଥିଲା। ଇସ୍ରାଏଲ ଏହାକୁ ଉଲ୍ଲଙ୍ଘନ କରି ନିଜର ଭବିଷ୍ୟତକୁ ମଧ ବିପଦରେ ପକାଇଛି। ଏବେ ସମୟ ଆସିଛି ଯେ ଆନ୍ତର୍ଜାତିକ ସମାଜ ଦୃଢ଼ ପଦକ୍ଷେପ ନେବ ଓ ଶାନ୍ତିର ପଥ ପ୍ରଶସ୍ତ କରିବ। ଅନ୍ୟଥା ଏହି ଉଲ୍ଲଙ୍ଘନ ମଧ୍ୟପ୍ରାଚ୍ୟକୁ ଆଉ ଏକ ଦଶକର ଯୁଦ୍ଧରେ ଠେଲିଦେବ।

# ସର୍ବବୃହତ ଗଣତନ୍ତ୍ର ଏବଂ ସଠିକ ଜନଗଣନା



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ଭାରତକୁ ବିଶ୍ୱର ସର୍ବବୃହତ ଗଣତନ୍ତ୍ର ଏବଂ ଦ୍ୱିତୀୟ ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ଭାବରେ ବିବେଚନା କରାଯାଏ। ଏତେ ବଡ଼ ଜନସଂଖ୍ୟାର ଦକ୍ଷ ପରିଚାଳନା ପାଇଁ ସଠିକ୍ ତଥ୍ୟ ଏବଂ ପରିସଂଖ୍ୟାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଦୃଷ୍ଟିରୁ, "ଜନଗଣନା", ଯାହାକୁ ଇଂରାଜୀରେ କୁହାଯାଏ, ଏକ ମୌଳିକ ଆଧାର ଭାବରେ କାର୍ଯ୍ୟ କରେ। ଜନଗଣନା ଦେଶର ପ୍ରତ୍ୟେକ ବ୍ୟକ୍ତିଙ୍କ ବିଷୟରେ ବ୍ୟାପକ ସୂଚନା ସଂଗ୍ରହ କରେ - ଯେପରିକି ଜନସଂଖ୍ୟା, ବୟସ, ଲିଙ୍ଗ, ଶିକ୍ଷା, ବୃତ୍ତି, ଧର୍ମ, ଭାଷା ଏବଂ ଆର୍ଥିକ ସ୍ଥିତି। ପ୍ରତି ୧୦ ବର୍ଷରେ ଭାରତରେ ଏକ ଜନଗଣନା କରାଯାଏ। ଏହା କେବଳ ଲୋକଙ୍କ ଜନଗଣନା ନୁହେଁ, ବରଂ ଦେଶର ସାମଗ୍ରିକ ସାମାଜିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ଚିତ୍ର ମଧ୍ୟ ପ୍ରକାଶ କରେ। ଏହି ସୂଚନା ଜାତୀୟ ଯୋଜନା, ସମ୍ବଳ ବଣ୍ଟନ ଏବଂ ନୀତି ଗଠନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜନଗଣନା ଦେଶର ସଠିକ୍ ଜନସଂଖ୍ୟା ନିର୍ଣ୍ଣୟ କରିବାରେ ସାହାଯ୍ୟ କରେ। ଭାରତ ଭଳି ଦେଶରେ, ଅଭିବୃଦ୍ଧି ହାର ଏବଂ ଜନସଂଖ୍ୟା ବୃଦ୍ଧି ହାର ବୁଝିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ଆମକୁ କେଉଁ ଅଞ୍ଚଳରେ ଅଧିକ ଜନସଂଖ୍ୟା ଅଛି ଏବଂ କେଉଁ ଅଞ୍ଚଳରେ କମ୍ ଜନସଂଖ୍ୟା ଅଛି ତାହା ନିର୍ଣ୍ଣୟ କରିବାରେ ସାହାଯ୍ୟ କରେ। ଏହା ଆଧାରରେ, ସରକାର ଆଞ୍ଚଳିକ ଯୋଜନା ପ୍ରସ୍ତୁତ କରିପାରିବେ।

ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଯୋଜନା ପାଇଁ ଜନଗଣନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦି ଆମେ ଜାଣିବା ଯେ କେତେ ଲୋକ ନିରକ୍ଷର ଏବଂ କେତେ ଗ୍ରାମାଞ୍ଚଳରେ ବାସ କରନ୍ତି, ତେବେ ସେହି ଅଞ୍ଚଳଗୁଡ଼ିକରେ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବାକୁ ବିସ୍ତାର କରାଯାଇପାରିବ। ଦେଶର ସ୍ୱାସ୍ଥ୍ୟ ନୀତି ମଧ୍ୟ ଏହି ସୂଚନା ଉପରେ ନିର୍ଭର କରେ। ଜନଗଣନା ଅର୍ଥନୈତିକ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହା ଉଚ୍ଚ ବେକାରୀ ଏବଂ କମ ଶିଳ୍ପ ବିକାଶ ଥିବା ଅଞ୍ଚଳଗୁଡ଼ିକୁ ପ୍ରକାଶ କରେ। ଏହା ଆଧାରରେ, ସରକାର ନୂତନ ଶିଳ୍ପ ପ୍ରତିଷ୍ଠା, ନିଯୁକ୍ତି ସୃଷ୍ଟି ଏବଂ ଆର୍ଥିକ ସମାନତା ହାସଲ କରିବା ପାଇଁ ପଦକ୍ଷେପ ନେଇପାରିବ। ଜନଗଣନା ରାଜନୈତିକ ଏବଂ ପ୍ରଶାସନିକ କ୍ଷେତ୍ରରେ ମଧ୍ୟ ଉପଯୋଗୀ। ଜନଗଣନା ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣ, ଆସନ ବଣ୍ଟନ ଏବଂ ପ୍ରତିନିଧିତ୍ୱ ନିର୍ଣ୍ଣୟ ପାଇଁ ଜନଗଣନା ତଥ୍ୟ ଗୁରୁତ୍ୱପୂର୍ଣ୍ଣ। ଏହା ଗଣତନ୍ତ୍ରକୁ ମଜବୁତ କରେ। ଜନଗଣନା ସାମାଜିକ ନ୍ୟାୟ ସୃଷ୍ଟି କରିବାରେ ସାହାଯ୍ୟ କରେ। ଯଦି ଦୁର୍ବଳ ଗୋଷ୍ଠୀ, ଅନୁସୂଚିତ ଜାତି ଏବଂ ଜନଜାତି ବିଷୟରେ ସଠିକ୍ ତଥ୍ୟ ଉପଲବ୍ଧ ହୁଏ, ତେବେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ଏବଂ ସୁବିଧା ଯୋଗାଇ ଦିଆଯାଇପାରିବ। ଏହା ସମାଜରେ ସମାନତା ଏବଂ ନ୍ୟାୟକୁ ମଜବୁତ କରେ।

ଜନଗଣନା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ମଧ୍ୟ ଉପଯୋଗୀ। ଏହି ସୂଚନା ଆଧାରରେ, ବିପର୍ଯ୍ୟୟ ସମୟରେ ସରକାରଙ୍କ ପାଖରେ ସହାୟତା ପ୍ରଦାନ କରିବାର ସୁଯୋଗ ଅଛି। ଜନଗଣନା ଭବିଷ୍ୟତ ଯୋଜନା ପାଇଁ ଆଧାର ଗଠନ କରେ। ଜନଗଣନା ଜନସଂଖ୍ୟା ବୃଦ୍ଧି, ସହରୀକରଣ ଏବଂ ଜୀବନଶୈଳୀ ପରିବର୍ତ୍ତନକୁ ଆଧାର କରି ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରାଯାଇପାରିବ। ତଥାପି, ଭାରତରେ ଜନଗଣନା ସହିତ କିଛି ଚ୍ୟାଲେଞ୍ଜ ଅଛି। ଦୂରଦୂରାନ୍ତ ଅଞ୍ଚଳ, ନିରକ୍ଷରତା ଏବଂ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ସଠିକ୍ ତଥ୍ୟ ସଂଗ୍ରହକୁ ପ୍ରଭାବିତ କରେ। କିଛି ଲୋକ ତଥ୍ୟ ପ୍ରଦାନ କରିବାକୁ କିମ୍ବା ଭୁଲ ସୂଚନା ପ୍ରଦାନ କରିବାକୁ କୁଣ୍ଠାବୋଧ କରନ୍ତି। ଏହା ସଠିକ୍ ତଥ୍ୟ ପାଇବାକୁ କଷ୍ଟକର କରିଥାଏ। ଏହି ସମସ୍ୟାଗୁଡ଼ିକୁ ଦୂର କରିବା ପାଇଁ ସଚେତନତା ଅଭିଯାନ, ଡିଜିଟାଲ ସିଷ୍ଟମ ଏବଂ ଉପଯୁକ୍ତ ତାଲିମ ଆବଶ୍ୟକ। ଆଜିକାଲି, ଡିଜିଟାଲ ପ୍ରଯୁକ୍ତି ଜନଗଣନାକୁ ସହଜ ଏବଂ ଅଧିକ ସୁଦୃଢ଼ କରିପାରିବ। ଜନଗଣନା ଭାରତର ସାମଗ୍ରିକ ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏହା ଜାତୀୟ ଯୋଜନା, ଆର୍ଥିକ ବଣ୍ଟନ, ସାମାଜିକ ନ୍ୟାୟ ଏବଂ ଆର୍ଥିକ ପ୍ରଗତି ପାଇଁ ମୂଳଦୁଆ। ତେଣୁ, ଏକ ସଠିକ୍ ଏବଂ ସଫଳ ଜନଗଣନା ପାଇଁ ସରକାର ଏବଂ ଲୋକଙ୍କ ମଧ୍ୟରେ ସହଯୋଗ ଜରୁରୀ। ଏହା ଭାରତକୁ ଏକ ସମୃଦ୍ଧ ଏବଂ ବିକଶିତ ଦେଶ ଭାବରେ ପ୍ରଗତି କରିବାରେ ସାହାଯ୍ୟ କରିପାରିବ।


**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲ:୮୨୪୯୫୦୨୭୭୬**




# ଗୃହଲକ୍ଷ୍ମୀଙ୍କ ଯନ୍ତ୍ରଣା



**କିଶୋର ଚନ୍ଦ୍ର ବେହେରା**

ସୃଷ୍ଟିକର୍ତ୍ତାଙ୍କ ଜନ୍ମିତ ପ୍ରତ୍ୟେକ ପଶୁପକ୍ଷୀ ଓ କିଟପତଙ୍ଗର ସ୍ୱର ଭିନ୍ନ ଭିନ୍ନ ପ୍ରକାରର। ସ୍ୱର ଭିତରେ ଥାଏ ଭାବର ଆଦାନ ପ୍ରଦାନ ଏବଂ ସଂପର୍କକୁ କରିଥାଏ ଚିରସ୍ଥାୟୀ। ମାନବ ସଭ୍ୟତାର ସ୍ୱର କେତେବେଳେ ସାତସୂରରେ ଆକର୍ଷିତ କରିଥାଏ ଆତ୍ମୀୟ ସ୍ୱଜନକୁ କିମ୍ବା ଲଢ଼ି ଲଢ଼ି ହାରି ଯାଇଥିବା ପରାଜିତ ସୈନିକ ଭଳି 'ଯନ୍ତ୍ରଣାର ସ୍ୱର' । ଏହି ସ୍ୱର ସାଧାରଣତଃ ଅସହାୟତା, ପୀଡ଼ା, ଏବଂ ପ୍ରତିବାଦର ଧ୍ୱନିକୁ ବୁଝାଏ। ଯନ୍ତ୍ରଣା କେବଳ ଦୁଃଖ ଦିଏ ନାହିଁ, ବରଂ ଜୀବନକୁ ଏକ ନୂଆ ଦୃଷ୍ଟିକୋଣରେ ଦେଖିବା ପାଇଁ ଶକ୍ତି ମଧ୍ୟ ଦେଇଥାଏ। ଧୈର୍ଯ୍ୟ ରଖିଲେ ସମୟ ସବୁ କିଛି ଠିକ୍ କରିଦିଏ। ଜୀବନରେ ଆମେ କେତେ ସମ୍ପତ୍ତି ଜମା କଲେ ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ଆମେ ଅନ୍ୟ ପାଇଁ କ'ଣ କଲେ ତାହା ହିଁ ଆମକୁ ଅମର କରିଥାଏ। ଓଡ଼ିଶାରେ ଧାନ ବିକ୍ରି ଯନ୍ତ୍ରଣା, ବୃଦ୍ଧା ମାଆର ପୁଅ ଚିକିତ୍ସା ପାଇଁ କାକୁତିମିନତି, ଉତ୍କଟ ଜଳକଷ୍ଟ, ଏବଂ ସାମାଜିକ ଶୋଷଣ ବିରୁଦ୍ଧରେ ଉଠୁଥିବା ପ୍ରତିବାଦର ସ୍ୱର ଏହାର ପ୍ରମୁଖ ଉଦାହରଣ। ଏହା ଜୀବନର ଦୁଃଖ ଓ ସଂଘର୍ଷକୁ ପ୍ରକାଶ କରିଥାଏ। ଶାରୀରିକ ଯନ୍ତ୍ରଣା ଠାରୁ ମାନସିକ ଚାପ ଯୋଗୁ ମଣିଷ ଆତ୍ମହତ୍ୟା ଭଳି ଭୁଲ୍ ନିଷ୍ପତ୍ତିର ବଟ ବାଛି ନେଇଥାଏ। ମାନସିକ ଯନ୍ତ୍ରଣା ହେଉଛି ଏକ ଗଭୀର ମାନସିକ ଓ ଭାବନାତ୍ମକ କଷ୍ଟ, ଯାହା ଚାପ, ଦୁଃଖ, ଭୟ କିମ୍ବା ଆଶାଭଙ୍ଗ ଯୋଗୁଁ ଉପୁଜିଥାଏ। ଏହା କାର୍ଯ୍ୟକ୍ଷମତା, ସମ୍ପର୍କ ଏବଂ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରେ। ଏହାକୁ ଦୂର କରିବା ପାଇଁ ପରିବାରର ସମର୍ଥନ, ଯୋଗ/ଧ୍ୟାନ ଏବଂ ଆବଶ୍ୟକ ସ୍ଥଳେ ଚିକିତ୍ସକଙ୍କ ପରାମର୍ଶ ନେବା ଜରୁରୀ। ସ୍ୱାସ୍ଥ୍ୟ ସମସ୍ୟା, ଆର୍ଥିକ ଅନାଟନ ବା ପାରିବାରିକ କଳହ ଏହାର ମୁଖ୍ୟ କାରଣ ହୋଇପାରେ। ମାନସିକ ଯନ୍ତ୍ରଣାର କାରଣ ଗୁଡ଼ିକ ହେଲା ଅତ୍ୟଧିକ ଚାପ, ପ୍ରିୟଜନଙ୍କ ବିୟୋଗ, ଆର୍ଥିକ ସମସ୍ୟା, ସମ୍ପର୍କରେ ତିକ୍ତତା, କିମ୍ବା ଅସୁସ୍ଥତା ଇତ୍ୟାଦି। ଏହାର ଲକ୍ଷଣ ଗୁଡ଼ିକ ହେଉଛି ଅବସାଦ, ଅନିଦ୍ରା, ନିରାଶା, ବିରକ୍ତିଭାବ, ଏବଂ ଶାରୀରିକ ଯନ୍ତ୍ରଣା । ବିଶ୍ୱସ୍ତ ବନ୍ଧୁ ବା ପରିବାର ସଦସ୍ୟଙ୍କ ସହ ନିଜ ଭାବନା ବାଣ୍ଟିବା, ପ୍ରତ୍ୟେକ ଦିନ ଧ୍ୟାନ ଓ ଯୋଗ ମାଧ୍ୟମରେ ମନକୁ ଶାନ୍ତ ରଖିବା , ଯଦି ଯନ୍ତ୍ରଣା ଅସହ୍ୟ ହୁଏ, ତେବେ ମାନସିକ ରୋଗ ବିଶେଷଜ୍ଞ ପରାମର୍ଶ ନେବାର ଆବଶ୍ୟକତା ରହିଛି। ସକାରାତ୍ମକ ଚିନ୍ତାଧାରାରେ ନିଜକୁ କାର୍ଯ୍ୟବ୍ୟସ୍ତ ରଖନ୍ତୁ ଏବଂ ନକାରାତ୍ମକ ପରିବେଶରୁ ଦୂରେଇ ରୁହନ୍ତୁ, ଦେଖିବେ ଯନ୍ତ୍ରଣା ଧିରେ ଧିରେ ଦୂରେଇ ଯିବ।

ଇରାନ ଓ ଆମେରିକା-ଇସ୍ରାଏଲ୍ ମଧ୍ୟରେ ଜାରି ରହିଥିବା ଯୁଦ୍ଧ ବର୍ତ୍ତମାନ ସମୟରେ ଏହାର ସିଧାସଳଖ ପ୍ରଭାବ ପଡିଛି ଗୃହଲକ୍ଷ୍ମୀଙ୍କ ଉପରେ। ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ ସିଧାସଳଖ ଭାରତୀୟଙ୍କ ରୋଷେଇ ଘରେ ପଡ଼ିଛି। ହର୍ମୁଜ୍ ପ୍ରଣାଳୀ ଦେଇ ଅଶୋଧିତ ତେଲ ଓ ଗ୍ୟାସ୍ ରପ୍ତାନି ବାଧାପ୍ରାପ୍ତ ହେବା ଫଳରେ ଭାରତରେ ଏଲ୍‌ପିଜି ସଂକଟ ଦେଖାଦେଇଛି। ଦର ବଢ଼ାଇ ଗ୍ରାହକଙ୍କ ଉପରେ ବୋଝ ଲଦି ଦିଆଯାଇଛି। ଲୋକେ ଗ୍ୟାସ୍ ପାଇବା ପାଇଁ କଲବଲ ହେଉଛନ୍ତି। ଏଲ୍‌ପିଜି ଗ୍ୟାସ୍‌ର ଅଭାବ ନାହିଁ ବୋଲି ସରକାର ଆଶ୍ୱାସନା ଦେଉଥିଲେ ମଧ୍ୟ ଗ୍ରାହକଙ୍କ ମନ ବୁଝୁନାହିଁ। ଗ୍ୟାସ୍ ନ ମିଳିବା ଭୟ ଘାରିଛି। ଲୋକମାନେ ଘଣ୍ଟା ଘଣ୍ଟା ଧରି ଗ୍ୟାସ୍ ଏଜେନ୍ସି ଆଗରେ ଭିଡ଼ ଲଗାଉଛନ୍ତି। ବୁକିଂରେ ମଧ୍ୟ ଅନେକ ସମସ୍ୟାର ସାମନା କରୁଛନ୍ତି। କମ୍ପାନିଗୁଡ଼ିକୁ ଏଲ୍‌ପିଜି ଉତ୍ପାଦନ ବଢ଼ାଇବାକୁ ସରକାର ନିର୍ଦ୍ଦେଶ ଦେବା ସହ ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଲଗାଇଛନ୍ତି। ତଥାପି ସ୍ଥିତି ବଦଳିନି। ଲୋକେ କାଠ, କୋଇଲା ଓ ଇଣ୍ଡକ୍ସନ୍ ଚୁଲାକୁ ଫେରିଲେଣି। ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଯୁଦ୍ଧ ଭାରତରେ ତରଳ ପେଟ୍ରୋଲିୟମ ଗ୍ୟାସ୍ (ଏଲ୍‌ପିଜି) ଯୋଗାଣରେ ସଙ୍କଟ ସୃଷ୍ଟି କରିଛି । ଭାରତ ନିଜର ଆବଶ୍ୟକତାର କେବଳ ୩୮ରୁ ୪୦% ଏଲ୍‌ପିଜି ଉତ୍ପାଦନ କରେ ଏବଂ ବାକି ଆମଦାନି କରିଥାଏ । ଏହାର ଅଧିକାଂଶ ସେହି ଅଞ୍ଚଳରୁ ଆସେ ଯେଉଁଠାରେ ବର୍ତ୍ତମାନ ଯୁଦ୍ଧ ଚାଲିଛି। ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବା ଯୋଗାଣ ଉପରେ ସର୍ବାଧିକ ପ୍ରଭାବ ପକାଇଛି। ଭାରତରେ ବାର୍ଷିକ ଏଲ୍‌ପିଜି ବ୍ୟବହାର ପ୍ରାୟ ୩୧.୩ ନିୟୁତ ଟନ୍। ସେଥି ମଧ୍ୟରୁ ପ୍ରାୟ ୮୭% ଘରୋଇ ରୋଷେଇ ଘରେ ବ୍ୟବହୃତ ହୁଏ। ବାକି ଅଂଶ ହୋଟେଲ ଏବଂ ରେଷ୍ଟୁରାଣ୍ଟ ଭଳି ବାଣିଜ୍ୟିକ ବ୍ୟବହାରକାରୀଙ୍କ ପାଖକୁ ଯାଏ। ଦେଶର ଆବଶ୍ୟକତାର ଏକ ବଡ଼ ଅଂଶ, ପ୍ରାୟ ୬୨%, ଆମଦାନି ମାଧ୍ୟମରେ ପୂରଣ କରାଯାଇଥଏ । ଗଣମାଧ୍ୟମର ସୂଚନା ଅନୁଯାୟୀ, ଭାରତର ଏହି ତୈଳ ଭଣ୍ଡାର ମାଙ୍ଗାଲୋର, ପାଦୁର ଏବଂ ବିଶାଖାପାଟଣାର ବଡ଼ ଭୂତଳ ରଣନୈତିକ ଗୁମ୍ଫାରେ ଗଚ୍ଛିତ ଅଛି। କିଛି ତେଲ ଷ୍ଟୋରେଜ୍ ଟ୍ୟାଙ୍କ୍, ପାଇପଲାଇନ୍ ଏବଂ ଉପକୂଳ ଜାହାଜରେ ମଧ୍ୟ ଗଚ୍ଛିତ ଅଛି । ଏହି ସମୟରେ, କେନ୍ଦ୍ର ମନ୍ତ୍ରୀ ପୀୟୁଷ ଗୋୟଲ କହିଛନ୍ତି ଯେ ଦେଶରେ ଇନ୍ଧନ ଅଭାବ ନାହିଁ। ସରକାର ପରିସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି ।




ସୁରକ୍ଷା ନିଶ୍ଚିତ କରିବା ଏବଂ ଅସ୍ଥିର ବିଶ୍ୱ ଇନ୍ଧନ ବଜାରର ଏକ ସ୍ଥାୟୀ ବିକଳ୍ପ ପ୍ରଦାନ କରିବା ପାଇଁ ଓଡ଼ିଶା ସରକାର ଏକ ରଣନୈତିକ ପଦକ୍ଷେପ ଗ୍ରହଣ କରିଛନ୍ତି। ଗ୍ୟାସ୍ ଭିତ୍ତିଭୂମି ନିର୍ମାଣରେ ଥିବା ସମସ୍ୟାର ସମାଧାନ ପାଇଁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟପନ୍ଥା ହାତକୁ ନେଇଛନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଘରୋଇ ଖାଉଟି ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ଯଥାଃ ଡାକ୍ତରଖାନା, ହୋଟେଲ ଓ ରେଷ୍ଟୁରାଣ୍ଟ ଗୁଡ଼ିକୁ ଏଲ୍.ପି.ଜି ପରିବର୍ତ୍ତେ ପାଇପ୍ ପ୍ରାକୃତିକ ଗ୍ୟାସ୍(ପିଏନଜି) ଏବଂ ସିଏନ୍‌ଜି ବ୍ୟବହାର କରିବା ପାଇଁ ପ୍ରୋତ୍ସାହିତ କରିବା। ସିଏନ୍‌ଜି ପାଇଁ ଆବଶ୍ୟକ ପ୍ରଶାସନିକ ଅନୁମତି ଏବଂ ଭିତ୍ତିଭୂମି ବିକାଶ କାର୍ଯ୍ୟକୁ 'ଯୁଦ୍ଧକାଳୀନ ଭିତ୍ତିରେ' ଶେଷ କରିବାକୁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ଭାରତ ସରକାରଙ୍କ ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଅନୁଯାୟୀ, ଓଡ଼ିଶା ଏବେ ପ୍ରାକୃତିକ ଗ୍ୟାସ୍ ବ୍ୟବହାରକୁ ପ୍ରାଥମିକତା ଦେଉଛି। ଏହା ମୁଖ୍ୟତଃ ଘରୋଇ ଉତ୍ସରୁ ମିଳୁଥିବାରୁ ଘରୋଇ ଏବଂ ବାଣିଜ୍ୟିକ ଉଭୟ ଶ୍ରେଣୀର ଖାଉଟିଙ୍କ ପାଇଁ ଦୀର୍ଘକାଳୀନ ଦର ସ୍ଥିରତା ପ୍ରଦାନ କରିବ। ୩୦ ଜୁନ୍, ୨୦୨୬ ସୁଦ୍ଧା ଭିତ୍ତିଭୂମି କାର୍ଯ୍ୟକୁ ଦ୍ରୁତଗତିରେ ଶେଷ କରିବା ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପଗୁଡ଼ିକ ହେଉଛି- ମ୍ୟୁନିସିପାଲିଟି କର୍ପୋରେସନ୍, ପୂର୍ତ୍ତ ବିଭାଗ ଏବଂ ଜଳସମ୍ପଦ ବିଭାଗ ନିକଟରେ ପାଇପଲାଇନ ବିଛାଇବା ପାଇଁ ଥିବା ସମସ୍ତ ଆବେଦନକୁ ୨୪ ଘଣ୍ଟା ମଧ୍ୟରେ ଅନୁମତି ଦିଆଯିବ। ସିଟି ଗ୍ୟାସ୍ ସଂସ୍ଥାଗୁଡ଼ିକ ପାଇଁ ରାସ୍ତା ମରାମତି ଶୁଳ୍କ ଏବଂ ଅନୁମତି ଶୁଳ୍କ ଛାଡ଼ କରିବାକୁ ସହରାଞ୍ଚଳ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଜରୁରୀକାଳୀନ ସ୍ଥିତିକୁ ଦୃଷ୍ଟିରେ ରଖି ସିଟି ଗ୍ୟାସ୍ ସଂସ୍ଥାଗୁଡ଼ିକୁ ଦିନରାତି(୨୪ ଘଣ୍ଟା) କାର୍ଯ୍ୟ କରିବା ପାଇଁ ଅନୁମତି ଦିଆଯାଇଛି। ଶିଳ୍ପ, ନଗର ଉନ୍ନୟନ ଏବଂ ଖାଦ୍ୟ ଯୋଗାଣ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ଏକ ରାଜ୍ୟସ୍ତରୀୟ ନୋଡାଲ୍ ଅଫିସର ନିଯୁକ୍ତ କରାଯିବ। ଘରୋଇ ଗ୍ରାହକମାନଙ୍କୁ ପି.ଏନ.ଜି ସଂଯୋଗ ପାଇଁ ରିହାତି ପ୍ରଦାନ କରିବାକୁ ଗେଲ୍, ବିପିସିଏଲ ଏବଂ ଆଦାନୀ ଟୋଟାଲ ଗ୍ୟାସ୍ ଭଳି ସଂସ୍ଥାଗୁଡ଼ିକୁ ମଧ୍ୟ ସରକାର ପ୍ରୋତ୍ସାହିତ କରୁଛନ୍ତି। ବିଶ୍ୱସ୍ତରୀୟ ଶକ୍ତି ସଂକଟରୁ ନିଜ ନାଗରିକଙ୍କୁ ସୁରକ୍ଷିତ ରଖିବା ଏବଂ ରାଜ୍ୟରେ ଏକ ଆତ୍ମନିର୍ଭରଶୀଳ ଇନ୍ଧନ ଭିତ୍ତିଭୂମି ଗଠନ କରିବା ପାଇଁ ଓଡ଼ିଶା ସରକାର ପ୍ରତିବଦ୍ଧ।


**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, ଜିଲ୍ଲାଃ କୋରାପୁଟ**
**ମୋବାଇଲ୍:୯୪୩୭୯୫୫୫୬୮**


# ଅଧିକାରର ଉତ୍ସବ ଓ କର୍ତ୍ତବ୍ୟର ଆହ୍ୱାନ



**ଅଖିଳ ତରାଇ**

ଓଡ଼ିଶାର ଶିକ୍ଷା ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଛି। ଦୀର୍ଘ ଦିନରୁ ଆନ୍ଦୋଳନରତ ହଜାର ହଜାର ଶିକ୍ଷକଙ୍କ ଦାବିକୁ ସରକାର ମାନି ନେଇଛନ୍ତି। ଚାକିରି ନିୟମିତ ହେବା ସହ ଦରମାରେ ଆଖିଦୃଶିଆ ବୃଦ୍ଧି ଘଟିବା ଫଳରେ ଶିକ୍ଷକ ସମାଜରେ ଖୁସିର ଲହରି ଖେଳିଯାଇଛି। ରାଜରାସ୍ତାରେ ଆନନ୍ଦ ଉତ୍ସବ, ମିଠା ବଣ୍ଟା ଏବଂ ସରକାରଙ୍କୁ କୃତଜ୍ଞତା ଜଣାଇବାର ଦୃଶ୍ୟ ଏବେ ସବୁଠି। ଜଣେ ଶ୍ରମିକ ନିଜର ନ୍ୟାଯ୍ୟ ମଜୁରି ପାଇଲେ ଯେତିକି ଖୁସି ହୁଏ, ଜଣେ ଶିକ୍ଷକ ନିଜର ପରିଶ୍ରମର ଉଚିତ ମୂଲ୍ୟ ପାଇଲେ ସେତିକି ଆତ୍ମସନ୍ତୋଷ ପାଇବା ସ୍ୱାଭାବିକ। କିନ୍ତୁ ଏହି ଖୁସି ମନାଇବା ଭିତରେ ଆମକୁ ସେହି ଅନ୍ଧାରୀ କୋଣକୁ ଚାହିଁବାକୁ ପଡ଼ିବ, ଯେଉଁଠି ଗରିବ ପିଲାଟିଏ ଉତ୍ତମ ଶିକ୍ଷା ପାଇଁ ଆଶା ବାନ୍ଧି ସରକାରୀ ସ୍କୁଲକୁ ଆସିଥାଏ। ପ୍ରଶ୍ନ ଉଠୁଛି ଶିକ୍ଷକମାନେ ଯେଉଁ ଉତ୍ସାହରେ ନିଜର ଅଧିକାର ପାଇଁ ଲଢ଼ୁଥିଲେ ସେହି ସମାନ ନିଷ୍ଠା ଶ୍ରେଣୀଗୃହରେ ଦେଖିବାକୁ ମିଳିବ ତ ? ଗଣତନ୍ତ୍ରରେ ଜଣେ ନାଗରିକର ଅଧିକାର ଯେତିକି ଗୁରୁତ୍ୱପୂର୍ଣ୍ଣ, ତା'ର କର୍ତ୍ତବ୍ୟ ମଧ୍ୟ ସେତିକି ଅପରିହାର୍ଯ୍ୟ। ସରକାର ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଶିକ୍ଷକଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ଆଣିଛନ୍ତି। ଏହା କେବଳ ସେମାନଙ୍କ ପରିବାର ପ୍ରତି ସୁରକ୍ଷା ନୁହେଁ ବରଂ ଏକ ସାମାଜିକ ବିନିଯୋଗ। ଶିକ୍ଷକମାନେ ହେଉଛନ୍ତି ସମାଜର ମାର୍ଗଦର୍ଶକ। ସେମାନଙ୍କ ହାତରେ ଦେଶର ଭବିଷ୍ୟତ ଗଢ଼ା ହୁଏ। ଯଦି ଜଣେ ଶିକ୍ଷକ ନିଜର ଦାୟିତ୍ୱକୁ କେବଳ ଏକ ମାସିକ ଦରମା ପାଇବା ପାଇଁ 'ଚାକିରି' ବୋଲି ଭାବନ୍ତି, ତେବେ ଶିକ୍ଷା ବ୍ୟବସ୍ଥାରେ କେବେବି ସଂସ୍କାର ଆସିପାରିବ ନାହିଁ। ଆଜିର ପରିପ୍ରେକ୍ଷୀରେ ଅଧିକାରର ଲଢ଼େଇ ଶେଷ ହୋଇଛି ଏବଂ କର୍ତ୍ତବ୍ୟର ପରୀକ୍ଷା ଆରମ୍ଭ ହୋଇଛି। ଏକ ସମୟ ଥିଲା ଯେତେବେଳେ ସରକାରୀ ସ୍କୁଲରୁ ପଢ଼ିଥିବା ପିଲାମାନେ ଦେଶ ଓ ଦୁନିଆରେ ବଡ଼ ବଡ଼ ପଦବୀ ମଣ୍ଡନ କରୁଥିଲେ। କିନ୍ତୁ ଆଜି ଚିତ୍ର ବଦଳି ଯାଇଛି। ସରକାରୀ ସ୍କୁଲରେ ରୂପାନ୍ତରଣ ଜରିଆରେ ଚକଚକିଆ କୋଠା, ସ୍ମାର୍ଟ କ୍ଲାସରୁମ୍ ଓ ପିଇବା ପାଣିର ସୁବିଧା କରାଯାଇଛି। କିନ୍ତୁ ଏସବୁ ସତ୍ତ୍ୱେ ଅଭିଭାବକମାନେ ନିଜ ପିଲାଙ୍କୁ ଘରୋଇ ସ୍କୁଲକୁ ପଠାଇବାକୁ ଅଧିକ ପସନ୍ଦ କରୁଛନ୍ତି। ଜଣେ ଦିନମଜୁରିଆ ମଧ୍ୟ କଷ୍ଟ କରି ପିଲାକୁ ଇଂରାଜୀ ମାଧ୍ୟମ ସ୍କୁଲରେ ପଢ଼ାଉଛି। କାରଣ କ'ଣ ? କାରଣ ହେଉଛି ସରକାରୀ ସ୍କୁଲରେ ଶିକ୍ଷାଦାନର ଅଭାବ। ଶିକ୍ଷକ ଅଛନ୍ତି, ପାଠ୍ୟପୁସ୍ତକ ଅଛି, ମଧ୍ୟାହ୍ନ ଭୋଜନ ଅଛି କିନ୍ତୁ 'ଶିକ୍ଷାଦାନର ଗୁଣବତ୍ତା' ଗାୟବ। କିଛି ଶିକ୍ଷକଙ୍କ ବେପରୁଆ ମନୋବୃତ୍ତି ଯୋଗୁଁ ସମଗ୍ର ସରକାରୀ ଶିକ୍ଷା ବ୍ୟବସ୍ଥା ବଦନାମ ହେଉଛି।

ଆଜିର ଯୁବ ଶିକ୍ଷକମାନଙ୍କ ମଧ୍ୟରେ ଏକ ବିଚିତ୍ର ପ୍ରବୃତ୍ତି ଦେଖିବାକୁ ମିଳୁଛି। ସୋସିଆଲ୍ ମିଡିଆରେ ନିଜକୁ ଲୋକପ୍ରିୟ କରିବା ପାଇଁ ଶ୍ରେଣୀଗୃହ ଭିତରେ 'ରିଲ୍ସ' ତିଆରି କରିବା ଏକ ନିଶାରେ ପରିଣତ ହୋଇଛି। ନିଜର ଫୋଲୋର୍ସ ବଢ଼ାଇବା ପାଇଁ ଶିକ୍ଷକମାନେ ପାଠ ପଢ଼ାଇବା ସମୟରେ ମୋବାଇଲ୍ ବ୍ୟବହାର କରୁଛନ୍ତି। ପିଲାଙ୍କୁ କିଛି କାମ ଦେଇ ନିଜେ ସୋସିଆଲ ମିଡିଆରେ ବ୍ୟସ୍ତ ରହିବା ଜାତିର ଭବିଷ୍ୟତ ସହ ଖେଳ ଖେଳିବା ସହ ସମାନ। ଶିକ୍ଷକଟିଏ ସମାଜ ପାଇଁ ଏକ ଆଦର୍ଶ ହେବା ଉଚିତ, ସୋସିଆଲ୍ ମିଡିଆର 'ଷ୍ଟାର୍' ନୁହେଁ। ଯଦି ଜଣେ ଶିକ୍ଷକ ଶ୍ରେଣୀଗୃହରେ ପାଠ ପଢ଼ାଇବା ବଦଳରେ ନିଜର ସୌନ୍ଦର୍ଯ୍ୟ ବା କଳା ପ୍ରଦର୍ଶନରେ ବ୍ୟସ୍ତ ରହିବେ ତେବେ ପିଲାମାନେ କ'ଣ ଶିଖିବେ? ଏଭଳି ବ୍ୟକ୍ତିବାଦୀ ମନୋଭାବ ଶିକ୍ଷାର ମାନକୁ ଭୂତଳଗାମୀ କରୁଛି।

ଏଠାରେ ସ୍ପଷ୍ଟ କରିବା ଆବଶ୍ୟକ ଯେ ସବୁ ଶିକ୍ଷକ ଦାୟିତ୍ୱହୀନ ନୁହନ୍ତି। ଆଜି ମଧ୍ୟ ଅନେକ ଶିକ୍ଷକ ଅଛନ୍ତି ଯେଉଁମାନେ ନିଜ ପକେଟରୁ ପଇସା ଖର୍ଚ୍ଚ କରି ପିଲାଙ୍କୁ ସୁବିଧା ଦିଅନ୍ତି, ସ୍କୁଲକୁ ନିଜ ଘର ଭଳି ସଜାନ୍ତି ଏବଂ ପିଲାଙ୍କୁ ମନ ଦେଇ ପଢ଼ାନ୍ତି। ଏହିଭଳି ଦେବତୁଲ୍ୟ ଶିକ୍ଷକଙ୍କ ପାଇଁ ହିଁ ସମାଜରେ ସମ୍ମାନ ବଞ୍ଚି ରହିଛି। କିନ୍ତୁ ସମସ୍ୟା ହେଉଛି ସେହି ଅଳ୍ପ କିଛି ଶିକ୍ଷକଙ୍କୁ ନେଇ, ଯେଉଁମାନେ ସ୍କୁଲକୁ କେବଳ ସମୟ କାଟିବା ପାଇଁ ଏକ ସ୍ଥାନ ବୋଲି ଭାବନ୍ତି। ସେମାନଙ୍କର ଏହି ବେପରୁଆ ପଣ ପାଇଁ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକର ବ୍ୟବସାୟ ବଢ଼ିଚାଲିଛି। ଜଣେ ଗରିବ ବାପା ଯେତେବେଳେ ଦେଖେ ଯେ ସରକାରୀ ସ୍କୁଲରେ ଶିକ୍ଷକ ପଢ଼ାଉ ନାହାନ୍ତି ସେ ବାଧ୍ୟ ହୋଇ ଋଣ କରି ପିଲାକୁ ଟ୍ୟୁସନ ପଠାଏ କିମ୍ବା ଘରୋଇ ସ୍କୁଲରେ ନାମ ଲେଖାଏ।

ସରକାର କେବଳ ଦରମା ବଢ଼ାଇଲେ ହେବ ନାହିଁ, ଶିକ୍ଷକମାନଙ୍କ କାର୍ଯ୍ୟର ଉତ୍ତରଦାୟିତ୍ୱ ମଧ୍ୟ ନିର୍ଦ୍ଧାରଣ କରିବା ଉଚିତ। ପ୍ରତି ସ୍କୁଲରେ ଶିକ୍ଷକମାନଙ୍କ ପାଠପଢ଼ାର ମାନ ଯାଞ୍ଚ କରିବା ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ରହିବା ଆବଶ୍ୟକ। ଶ୍ରେଣୀଗୃହରେ ମୋବାଇଲ୍ ବ୍ୟବହାର ଉପରେ କଡ଼ା କଟକଣା ଲଗାଯିବା ଉଚିତ। ପରୀକ୍ଷା ଫଳାଫଳ ଅନୁଯାୟୀ ଶିକ୍ଷକଙ୍କ କାର୍ଯ୍ୟର ମୂଲ୍ୟାୟନ ହେବା ଦରକାର। ଯଦି ଜଣେ ଶିକ୍ଷକ ଭଲ କାମ କରୁଛନ୍ତି ତାଙ୍କୁ ସମ୍ମାନିତ କରାଯାଉ କିନ୍ତୁ ଯିଏ ଅବହେଳା କରୁଛି ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିହାତି ଆବଶ୍ୟକ।

ଶିକ୍ଷା ହେଉଛି ଏକ ଜାତିର ମେରୁଦଣ୍ଡ। ଯଦି ମେରୁଦଣ୍ଡ ଦୁର୍ବଳ ହୋଇଯାଏ, ତେବେ ଜାତି ମୁଣ୍ଡ ଟେକି ଛିଡ଼ା ହୋଇପାରିବ ନାହିଁ। ଶିକ୍ଷକମାନଙ୍କ ନିୟମିତକରଣ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ କିନ୍ତୁ ଏହି 'ଖୁସି' ସେତେବେଳେ ସାର୍ଥକ ହେବ ଯେତେବେଳେ ପ୍ରତିଟି ଗରିବ ପିଲା ସରକାରୀ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପାଇପାରିବ। ଶିକ୍ଷକମାନଙ୍କୁ ବୁଝିବାକୁ ହେବ ଯେ ସେମାନେ କେବଳ ଜଣେ କର୍ମଚାରୀ ନୁହନ୍ତି ବରଂ ଜଣେ ଜଣେ ସମାଜ ସଂସ୍କାରକ। ରିଲ୍ସର ଦୁନିଆରୁ ବାହାରି ପିଲାଙ୍କ ଭବିଷ୍ୟତକୁ ସଜାଡ଼ିବା ହିଁ ଜଣେ ଶିକ୍ଷକର ପ୍ରକୃତ ସଫଳତା। ଘରୋଇ ଶିକ୍ଷାର ମୋହ ତୁଟାଇ ସରକାରୀ ଶିକ୍ଷାକୁ ଶ୍ରେଷ୍ଠ କରିବା ଦିଗରେ ଏବେ ଶିକ୍ଷକମାନେ ହିଁ ମୁଖ୍ୟ ଭୂମିକା ଗ୍ରହଣ କରିବା ଉଚିତ।


**ଗଞ୍ଜାମ, ମୋବାଇଲ୍:୭୭୮୭୦୦୧୦୦୧**




# ଯୁଦ୍ଧ ବିରତି ସତ୍ତ୍ୱେ ମିସାଇଲ ମାଡ଼ କରୁଛି ଇସ୍ରାଏଲ






ନୂଆଦିଲ୍ଲୀ, ୨୫।୩: ଆମେରିକା ୫ ଦିନ ଯାଏଁ ଯୁଦ୍ଧ ବିରତି ଘୋଷଣା କରିଥିଲେ ମଧ୍ୟ ତାହା କାମ ଦେଉନି। ଲଗାତାର ଭାବେ ଇରାନ ଉପରେ ଇସ୍ରାଏଲ ମିସାଇଲ ମାଡ କରୁଛି। ୟୁଏସ ମଧ୍ୟ ଇରାନ ଅଭିମୁଖେ ନିଜର ସବୁଠୁ ଘାତକ ଫୋର୍ସକୁ ପଠାଇବାକୁ ଯୋଜନା କଲାଣି। ଏସବୁ ଭିତରେ ଯୁଦ୍ଧ ବନ୍ଦ ପାଇଁ ଆଲୋଚନା ଜାରି ରହିଛି। ଯେଉଁଥିରେ ଇରାନ ଆଗରେ ଆମେରିକା ୧୫ ପଏଣ୍ଟର ଏକ ପ୍ରସ୍ତାବ ରଖିଛି। ଫେବୃଆରୀ ୨୮ ତାରିଖରେ ଇରାନ ବିରୋଧରେ ଆମେରିକାର ଅପରେସନ୍ ଏପିକ୍ ଫ୍ୟୁରୀ ଏବଂ ଇସ୍ରାଏଲର ରୋରିଂ ଲାୟନ ଆରମ୍ଭ ହୋଇଥିଲା। ଯେଉଁଥିରେ ଇରାନର ଟପ୍ ନେତା ଆୟତୁଲ୍ଲାହ ଖାମେନିଙ୍କ ସମେତ ଅନ୍ୟ ପ୍ରମୁଖ ଅଧିକାରୀ ପ୍ରାଣ ହରାଇ ସାରିଛନ୍ତି । ଆଖପାଖ ୧୧ଟି ଦେଶକୁ ଯୁଦ୍ଧର ବିଭୀଷିକା ଡେଇଁଛି। ତଥାପି ଇରାନ ହାର୍ ମାନିନି। ଇସ୍ରାଏଲ ଏବଂ ଆମେରିକାର ଅନେକ ସାମରିକ ଘାଟି ଉପରେ ଇରାନର ଡ୍ରୋନ୍ ଏବଂ ମିସାଇଲ ମାଡ ହେଉଛି। ଯେଉଁଥିରେ ୟୁଏସର ଅନେକ ଫାଇଟର ଜେଟ୍ ନଷ୍ଟ ହୋଇଛି। ଏହାସହ ୟୁଏସ ଫୋର୍ସର କମାଣ୍ଡୋ ପ୍ରାଣ ହରାଇଛନ୍ତି। ସେହିପରି ଷ୍ଟ୍ରେଟ୍ ଅଫ୍ ହର୍ମୋଜକୁ ଇରାନ କବଜା କରି ରଖିଛି। କିଛି ବଛାବଛା ଦେଶର ଜାହାଜ ବ୍ୟତୀତ ଅନ୍ୟ କୌଣସି ଜାହାଜକୁ ଏହି ଷ୍ଟ୍ରେଟ୍ ଦେଇ ତେହେରାନ ଛାଡୁନି। ଦୁଇ ଦିନ ତଳେ ଇରାନ୍ ନିଜର ସବୁଠୁ ଦୂରଗାମୀ ମିସାଇଲ୍ ମାଡ଼ କରିଛି, ଯାହା ସମସ୍ତଙ୍କୁ ଚକିତ କରିଦେଇଛି ।

ଇରାନ ଦାବି କରୁଛି ଯେ, ମଧ୍ୟପ୍ରାଚ୍ୟରେ ଆମେରିକା ପ୍ରତିଷ୍ଠା କରିଥିବା ନିଜର ସମସ୍ତ ସାମରିକ ଘାଟିକୁ ଶୀଘ୍ର ବନ୍ଦ କରୁ। ଏହାସହ ଇରାନରେ ଯେଉଁ ଯୁଦ୍ଧଜନିତ କ୍ଷତି ହୋଇଛି ତାହାକୁ ମଧ୍ୟ ଭରଣା କରାଯାଉ। ଆହୁରି ମଧ୍ୟ ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ଯିବା ଆସିବା କରୁଥିବା ଜାହାଜ ଉପରେ ଇରାନ୍ ଟିକସ୍ ବସାଇବାକୁ ଚାହୁଁଛି। ଏପରିକି ଆମେରିକା ଲଗାଇଥିବା ସମସ୍ତ କଟକଣା ହଟାଇବାକୁ ତେହେରାନ ପକ୍ଷରୁ ଦାବି କରାଯାଇଛି। ସେହିପରି ଭବିଷ୍ୟତରେ ଇରାନ ବିରୋଧରେ ଯୁଦ୍ଧ ବନ୍ଦ ହେବା ସହ ଆଣବିକ ଏବଂ ମିସାଇଲ ଶକ୍ତି ପ୍ରତିଷ୍ଠା ଦିଗରେ ତେହେରାନ କାମ କରିବ ବୋଲି ଦାବି ରଖାଯାଇଛି। ତେବେ ଏସବୁ ଦାବି ଉପରେ ଟ୍ରମ୍ପ ପ୍ରଶାସନ ଅସହମତି ପ୍ରକାଶ କରିଛନ୍ତି। ଆମେରିକା ପ୍ରସ୍ତାବ ଦେଇଛି ଯେ, ଇରାନ କୌଣସି ଆଣବିକ ଶକ୍ତିର ବିକାଶ କରିପାରିବ ନାହିଁ । ଇରାନ ପାଖରେ ଥିବା ୟୁରାନିୟମ ଭଣ୍ଡାର ଉପରେ ଆମେରିକାର ଅଧିକାର ରହିବ। ଇସ୍ରାଏଲର ଚ୍ୟାନେଲ୍ ୧୨ କହିଛି ଯେ, ଟ୍ରମ୍ପ୍ ଇରାନ ଉପରେ ଗୋଟିଏ ମାସର ଅସ୍ତ୍ର ବିରତି ଘୋଷଣା କରିବାକୁ ଯାଉଛନ୍ତି। ନ୍ୟୁୟର୍କ ଟାଇମ୍ସ କହିଛି ଯେ, ଟ୍ରମ୍ପ୍ ସମୁଦ୍ରର ସୁରକ୍ଷା ଉପରେ ଅଧିକ ଫୋକସ କରୁଛନ୍ତି। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଦେଇ ଜାହାଜ ଚଳାଚଳକୁ ଜୋର୍ ଦେଉଛନ୍ତି। ସେପଟେ ଇରାନ ମଧ୍ୟ ନିଜ ଉପରେ ଲାଗିଥିବା ସମସ୍ତ ପ୍ରତିବନ୍ଧକଙ୍କୁ ହଟାଇବାକୁ ଦାବି କରୁଛି।

## ହର୍ମୁଜ ଦେଇ ଯାଇପାରିବନି ପାକିସ୍ତାନୀ ଜାହାଜ

### କରାଚୀ ଯିବାକୁ ଅନୁମତି ଦେଲାନି ଇରାନ



ତେହେରାନ, ୨୫।୩: ଇସ୍ରାଏଲ-ଆମେରିକା ଓ ଇରାନ ମଧ୍ୟରେ ଜାରି ଯୁଦ୍ଧରେ ମଧ୍ୟସ୍ଥତା କରିବାକୁ ଚାହୁଁଥିବା ପାକିସ୍ତାନକୁ ଷ୍ଟ୍ରେଟ୍ ଅଫ ହର୍ମୁଜରେ ତେହେରାନ ବଡ଼ ଝଟକା ଦେଇଛି। ରିପୋର୍ଟ ଅନୁସାରେ ଷ୍ଟ୍ରେଟ୍ ଅଫ ହର୍ମୁଜରେ ଇରାନ ରିଭଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ପାକିସ୍ତାନୀ ଜାହାଜକୁ କରାଚୀ ଆଡକୁ ଯିବାକୁ ଅନୁମତି ଦେଇ ନାହିଁ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶହବାଜ ସରିଫ ଓ ଫିଲ୍ଡ ମାର୍ଶଲ ଅସୀମ ମୁନିର ଇରାନ-ଆମେରିକା ମଧ୍ୟରେ ମଧ୍ୟସ୍ଥତା କରିବାକୁ ଉଦ୍ୟମ କରିବା ପରେ ତେହେରାନ ପକ୍ଷରୁ ପାକିସ୍ତାନକୁ ଦିଆଯାଇଥିବା ଏହା ପ୍ରଥମ ବଡ଼ ଝଟକା।

ଇରାନର କାବୁଲ ଦୂତାବାସ ଏକ ବୟାନରେ କହିଛି ଯେ ପାକିସ୍ତାନର କରାଚୀ ବନ୍ଦରକୁ ଯାଉଥିବା ଏକ ଜାହାଜକୁ ହର୍ମୁଜ ପ୍ରଣାଳୀରେ ଯିବାକୁ ଇରାନର ଅନୁମତି ନ ମିଳିବାରୁ ତାକୁ ଫେରସ୍ତ କରିଦିଆଯାଇଛି। ଫଳରେ ପାକିସ୍ତାନକୁ ବଡ଼ ଝଟକା ଲାଗିଛି। ଉଲ୍ଲେଖଯୋଗ୍ୟ ଯେ ବିଶ୍ୱ ତୈଳ ଓ ଗ୍ୟାସ ବାଣିଜ୍ୟର ଏକ ପଞ୍ଚମାଂଶ ହର୍ମୁଜ ପ୍ରଣାଳୀ ଦେଇ ଯାଇଥାଏ। ତେବେ ପଶ୍ଚିମ ଏସିଆରେ ଜାରି ଯୁଦ୍ଧ ଯୋଗୁ ଏହି ଜଳମାର୍ଗ ଏବେ ବନ୍ଦ ପଡିଛି। ଏ ନେଇ ଇରାନ ଦୂତାବାସ ପକ୍ଷରୁ ଦିଆଯାଇଥିବା ବୟାନରେ କର୍ଣ୍ଟେନର ଜାହାଜ 'ଏସଇଏଲଇଏନ' ଆଇଆରଜିସି ନୌସେନାର ପ୍ରୋଟକଲ ପାଳନ ନ କରିବାରୁ ତାକୁ ହର୍ମୁଜ ପ୍ରଣାଳୀ ପାର କରିବାକୁ ଅନୁମତି ଦିଆଯାଇନି। ତାକୁ ଫେରସ୍ତ ପଠେଇ ଦିଆଯାଇଛି। ଏକ ବୟାନରେ କୁହାଯାଇଛି ଯେ 'ଏହି ଜଳମାର୍ଗ ଦେଇ କୌଣସି ଜାହାଜ ଯାତ୍ରା କରିବା ଇସ୍ଲାମିକ ଗଣରାଜ୍ୟ ଇରାନର ସାମୁଦ୍ରିକ ପ୍ରାଧିକରଣ ସହିତ ପୂର୍ଣ୍ଣ ସମନ୍ୱୟ ପରେ ସମ୍ଭବ'। ଆଇଆରଜିସି ନେଭି ପରେ ପୁଷ୍ଟି କରିଛି ଯେ ପାକିସ୍ତାନୀ ଜାହାଜ ପ୍ରୋଟକଲ ପାଳନ କରୁନଥିଲା। ଏଣୁ ତାକୁ ରୋକି ଦିଆଯାଇଛି। ଆଇଆରଜିସି ନେଭିର ରିୟର ଆଡମିରାଲ ଅଲିରେଜା ତଙ୍ଗସିରି କହିଛନ୍ତି ଯେ ଜାହାଜ ହର୍ମୁଜ ଦେଇ ଯିବା ଲାଗି ଅନୁମତି ନେଇ ନଥିଲା। ଏବେ ଏହି ମାର୍ଗ ଦେଇ ଯିବା ଲାଗି ଇରାନ ସମୁଦ୍ର ପ୍ରାଧିକରଣ ସହ ସମନ୍ୱୟ କରିବା ବାଧ୍ୟତାମୂଳକ। ଏହି ଘଟଣା ଏପରି ସମୟରେ ହୋଇଛି ଯେତେବେଳେ ତେହେରାନ ହର୍ମୁଜ ଉପରେ ନିଜ ନିୟନ୍ତ୍ରଣ ମଜଭୁତ କରିବା ଲାଗି କିଛି ଜାହାଜଙ୍କ ଠାରୁ ଟ୍ରାଞ୍ଜିଟ ଫି ବାବଦକୁ ୨୦ଲକ୍ଷ ଡଲାର (୧୮.୮କୋଟି ଟଙ୍କା) ଆଦାୟ କରୁଛି।

## ଇରାନ ଯିବେ ଆମେରିକାର ଘାତକ କମାଣ୍ଡୋ



ନ୍ୟୁୟର୍କ, ୨୫।୩: ଇରାନ ଉପରେ ଆକ୍ରମଣ ବନ୍ଦ କରିବାକୁ ଆମେରିକା ଆଲୋଚନା କରୁଛି। ଅସ୍ତ୍ରବିରତି ଘୋଷଣା କରିବା ସହ ତେହେରାନ ନିକଟରେ ନୂଆ ନୂଆ ସର୍ତ୍ତ ରଖୁଛି। କିନ୍ତୁ ଏପଟେ ମଧ୍ୟପ୍ରାଚ୍ୟକୁ ୧୦୦୦ରୁ ଅଧିକ ସୈନ୍ୟଙ୍କୁ ପଠାଇବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି ଆମେରିକା। ରିପୋର୍ଟ ଅନୁସାରେ, ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ ଆମେରିକା ବଡ ପଦକ୍ଷେପ ନେଇଛି। ଆମେରିକା ସେନାର ସବୁଠୁ ଘାତକ ୟୁନିଟ୍ ୮୨ବି ଏୟାରବର୍ଣ୍ଣ ଡିଭିଜନର ୧୦୦୦ ସୈନ୍ୟ ମଧ୍ୟପ୍ରାଚ୍ୟ ଯିବାକୁ ପ୍ରସ୍ତୁତ ହେଉଛନ୍ତି।

**ମଧ୍ୟପ୍ରାଚ୍ୟକୁ ହଜାରେ ସୈନ୍ୟ ପଠାଇବେ ଟ୍ରମ୍ପ**

ନ୍ୟୁଜ୍ ଏଜେନ୍ସି ଏପିର ରିପୋର୍ଟ ଅନୁସାରେ, ସୈନ୍ୟମାନେ କିଛି ଦିନ ମଧ୍ୟରେ ମଧ୍ୟପ୍ରାଚ୍ୟ ଆଡେ ଗସ୍ତ କରିବେ। ୮୨ବି ଏୟାରବର୍ଣ୍ଣ ଡିଭିଜନ ହେଉଛି ଆମେରିକୀୟ ସେନାର ଏମରଜେନ୍ସି ରେସପନ୍ସ ଫୋର୍ସ। ଏମାନଙ୍କୁ ଖୁବ କମ ସମୟ ମଧ୍ୟରେ ଦୁନିଆର କୌଣସି ସ୍ଥାନରେ ମୁତୟନ କରାଯାଇପାରିବ। ଏପି ନ୍ୟୁଜ୍ ଏଜେନ୍ସିର କହିବାନୁସାରେ, ଆମେରିକା ୧୦୦୦ସୈନ୍ୟଙ୍କୁ ପଠାଇବାକୁ ସମସ୍ତ ଯୋଜନା ପ୍ରସ୍ତୁତ କରିଛି। ସେହିପରି ଓ୍ୱାଲ ଷ୍ଟ୍ରିଟ୍ ଅଫ୍ ଜର୍ଣ୍ଣାଲ ଏହି ସଂଖ୍ୟା ତିନି ହଜାର ବୋଲି କହିଛି। ରୟଟର୍ସ ମଧ୍ୟ ସମାନ କଥା କହିଛି। ଗତ ସପ୍ତାହରେ ଆମେରିକା ୨୨୦୦ମେରାଇନ୍ କମାଣ୍ଡୋଙ୍କୁ ମଧ୍ୟପ୍ରାଚ୍ୟ ପଠାଇଥିଲା। ଏହି ଯବାନମାନେ ଦୂତାବାସର ସୁରକ୍ଷାରେ ନିୟୋଜିତ ହୋଇଛନ୍ତି। କିନ୍ତୁ ୮୨ବି ଏୟାରବର୍ଣ୍ଣ ଡିଭିଜନ କୌଣସି ଯୁଦ୍ଧ ସ୍ଥିତି କିମ୍ବା ବିବାଦୀୟ ସ୍ଥାନକୁ ସୁରକ୍ଷିତ ରଖିବା ପାଇଁ ନିୟୋଜିତ ହୋଇଥାନ୍ତି। ତେଣୁ ଟ୍ରମ୍ପ ସିଜ୍ ଫାୟାର କରି ଇରାନ ମାଟିରେ ନିଜ ସୈନ୍ୟଙ୍କୁ ଓହ୍ଲାଇବେ ବୋଲି ଆଶଙ୍କା କରାଯାଉଛି।

## ସତ ମାନିଲା ଆମେରିକା ଆବ୍ରାହମ ଲିଙ୍କନ ଉପରେ ହୋଇଛି ମିସାଇଲ ମାଡ଼



### ୧୦୧ କ୍ଷେପଣାସ୍ତ୍ର ମାଡ଼ କରିଛି ଇରାନ

ନ୍ୟୁୟର୍କ, ୨୩।୩: ଆମେରିକାର ଗର୍ବ କୁହାଯାଉଥିବା ବିଶାଳକାୟ ବିମାନବାହୀ ଯୁଦ୍ଧଜାହାଜ 'ୟୁଏସଏସ ଆବ୍ରାହମ ଲିଙ୍କନ' ଉପରେ ଇରାନ ପକ୍ଷରୁ ୧୦୧ଟି କ୍ଷେପଣାସ୍ତ୍ର ମାଡ଼ କରାଯାଇଥିବା ନେଇ ବୁଧବାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ଚାଞ୍ଚଲ୍ୟକର ସ୍ୱୀକାରୋକ୍ତି କରିଛନ୍ତି। ପ୍ରଥମ ଥର ପାଇଁ ଆମେରିକା ପକ୍ଷରୁ ଏହି ଆକ୍ରମଣ କଥା ସ୍ୱୀକାର କରାଯାଇଥିବା ବେଳେ ଟ୍ରମ୍ପ କହିଛନ୍ତି ଯେ, ଇରାନ କେବଳ ଦୁଇ ଚାରୋଟି ନୁହେଁ ବରଂ ଶହେରୁ ଅଧିକ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ତେବେ ଆମେରିକାର ଅତ୍ୟାଧୁନିକ ପ୍ରତିରକ୍ଷା ପ୍ରଣାଳୀ ଏହି ସମସ୍ତ କ୍ଷେପଣାସ୍ତ୍ରକୁ ସମୁଦ୍ର ମଧ୍ୟରେ ହିଁ ଖସାଇ ଦେବାରେ ସଫଳ ହୋଇଥିଲା ବୋଲି ସେ ଦାବି କରିଛନ୍ତି। ପୂର୍ବରୁ ଇରାନର ରିଭୋଲ୍ୟୁସନାରୀ ଗାର୍ଡସ (ଆଇଆରଜିସି) ଏହି ଆକ୍ରମଣରେ ଆମେରିକୀୟ ଜାହାଜ କ୍ଷତିଗ୍ରସ୍ତ ହୋଇଥିବା ଦାବି କରିଆସୁଥିଲା, କିନ୍ତୁ ଆମେରିକାର କେନ୍ଦ୍ରୀୟ କମାଣ୍ଡ ଏହାକୁ ସବୁବେଳେ ମିଥ୍ୟା ବୋଲି କହି ଖାରଜ କରିଥିଲା। ରାଷ୍ଟ୍ରପତି ଟ୍ରମ୍ପଙ୍କ ବୟାନ ପରେ ଏବେ ଏହା ସ୍ପଷ୍ଟ ହୋଇଛି ଯେ ଆମେରିକା ଏହି ଆକ୍ରମଣର ଗମ୍ଭୀରତାକୁ ଗୋପନ ରଖିବାକୁ ଚେଷ୍ଟା କରୁଥିଲା। ୟୁଏସଏସ ଆବ୍ରାହମ ଲିଙ୍କନ ଏକାକୀ କାର୍ଯ୍ୟ କରେ ନାହିଁ; ଏହା ସହିତ ଏକ 'କ୍ୟାରିଅର୍ ଷ୍ଟ୍ରାଇକ୍ ଗ୍ରୁପ୍' ରହିଥାଏ, ଯେଉଁଥିରେ ଅନ୍ୟ ଯୁଦ୍ଧଜାହାଜ ଏବଂ ବୁଡ଼ାଜାହାଜ ମଧ୍ୟ ସାମିଲ ଥାଆନ୍ତି। ଏହି ବିଶାଳକାୟ ଜାହାଜରେ ୮୦ରୁ ଅଧିକ ଯୁଦ୍ଧ ବିମାନ ମୁତୟନ ରହିଛନ୍ତି, ଯେଉଁଥିରେ ଏଫ୍-୧୮ ସୁପର ହର୍ନେଟ, ପଞ୍ଚମ ପିଢ଼ିର ଏଫ୍-୩୫ ଓ ଏମଏଚ୍-୬୦ଆର ହେଲିକପ୍ଟର ଅନ୍ତର୍ଭୁକ୍ତ। ଏହି ଜାହାଜର ରାଡାର ଏବଂ କ୍ଷେପଣାସ୍ତ୍ର ପ୍ରଣାଳୀ ଏତେ ଶକ୍ତିଶାଳୀ ଯେ ଏହା ଶତ୍ରୁ ଆକ୍ରମଣକୁ ପାଖକୁ ଆସିବା ପୂର୍ବରୁ ନଷ୍ଟ କରିଦେବାକୁ ସକ୍ଷମ। ତଥାପି, ଇରାନ ପକ୍ଷରୁ ଏତେ ବଡ଼ ଧରଣର ଆକ୍ରମଣ କରିବା ବିଶ୍ୱସ୍ତରରେ ଆମେରିକାର ସାମରିକ ପ୍ରାଧାନ୍ୟ ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଏଲପିଜି ବୁକିଂ ନିୟମକୁ ନେଇ ସ୍ପଷ୍ଟୀକରଣ

## ଗୁଜବରୁ ଦୂରେଇ ରହିବାକୁ କେନ୍ଦ୍ରର ପରାମର୍ଶ




ନୂଆଦିଲ୍ଲୀ, ୨୫।୩: ଦେଶରେ ଏଲପିଜି ସିଲିଣ୍ଡର ବୁକିଂ ପାଇଁ ନୂତନ ନିୟମ ଲାଗୁ ହୋଇଥିବା ନେଇ ସୋସିଆଲ ମିଡିଆରେ ପ୍ରଚାରିତ ହେଉଥିବା ଖବରକୁ ବୁଧବାର ସରକାର ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରିବା ସହ ବିଭିନ୍ନ ବର୍ଗର ହିତାଧିକାରୀଙ୍କ ପାଇଁ ଅଲଗା ଅଲଗା ସମୟ ସୀମା ଧାର୍ଯ୍ୟ କରାଯାଇଥିବା ଦାବିକୁ ଅସତ୍ୟ ବୋଲି ଦର୍ଶାଇଛନ୍ତି। ସରକାର ସ୍ପଷ୍ଟ କରିଛନ୍ତି ଯେ ପୂର୍ବରୁ ପ୍ରଚଳିତ ଥିବା ନିୟମ ହିଁ ବଳବତ୍ତର ରହିଛି, ଯେଉଁଥିରେ ଗ୍ରାମାଞ୍ଚଳ ପାଇଁ ୪୫ ଦିନ ଓ ସହରାଞ୍ଚଳ ପାଇଁ ୨୫ ଦିନର ବୁକିଂ ଅବଧି ଜାରି ରହିଛି। ଦେଶରେ ଗ୍ୟାସର କୌଣସି ଅଭାବ ନଥିବାରୁ ଜନସାଧାରଣଙ୍କୁ ଆତଙ୍କିତ ନହେବାକୁ ଏବଂ ମିଥ୍ୟା ସୂଚନା ଉପରେ ବିଶ୍ୱାସ ନକରିବାକୁ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ହିତାଧିକାରୀଙ୍କ ପାଇଁ କୌଣସି ସ୍ୱତନ୍ତ୍ର କଟକଣା ଲଗାଯାଇ ନାହିଁ। ନିୟମ ଅନୁଯାୟୀ, ଜଣେ ଗ୍ରାହକ ଶେଷ ଥର ସିଲିଣ୍ଡର ଗ୍ରହଣ କରିଥିବା ତାରିଖରୁ ହିଁ ପରବର୍ତ୍ତୀ ବୁକିଂ ପାଇଁ ଦିନ ଗଣନା କରାଯିବ। ଯଦି କେହି ନିର୍ଦ୍ଧାରିତ ସମୟ ପୂର୍ବରୁ ବୁକ୍ କରିବାକୁ ଚେଷ୍ଟା କରନ୍ତି, ତେବେ ସିଷ୍ଟମ ସ୍ୱୟଂଚାଳିତ ଭାବେ ସେହି ବୁକିଂକୁ ଖାରଜ କରିଦେବ। ଏହି ବ୍ୟବସ୍ଥା ସହରାଞ୍ଚଳରେ ୨୫ ଦିନ ଏବଂ ଗ୍ରାମାଞ୍ଚଳ ତଥା ଦୁର୍ଗମ ଅଞ୍ଚଳ ପାଇଁ ୪୫ ଦିନ ଭାବେ ଲାଗୁ ହେବ।

ଅନ୍ୟପକ୍ଷରେ, ଇରାନ-ଇସ୍ରାଏଲ ଯୁଦ୍ଧ ଓ ହର୍ମୁଜ୍ ପ୍ରଣାଳୀରେ ସୃଷ୍ଟି ହୋଇଥିବା ଅସ୍ଥିରତା ଯୋଗୁଁ ବିଶ୍ୱସ୍ତରରେ ତୈଳ ଓ ଗ୍ୟାସ ଯୋଗାଣରେ କିଛିଟା ବାଧା ସୃଷ୍ଟି ହୋଇଛି, ଯାହାକୁ ନେଇ ଗ୍ୟାସ ଅଭାବର ଆଶଙ୍କା କରାଯାଉଥିଲା। ତଥାପି, ସରକାର ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ଏବଂ ଘରୋଇ ବ୍ୟବହାର ପାଇଁ ପର୍ଯ୍ୟାପ୍ତ ଏଲପିଜି ମହଜୁଦ ଥିବା ସୁନିଶ୍ଚିତ କରିଛନ୍ତି।

## ମହଜୁଦ ରହିଛି ପର୍ଯ୍ୟାପ୍ତ ଅଶୋଧିତ ତୈଳ

### ଭୟଭୀତ ନହେବାକୁ ମନ୍ତ୍ରଣାଳୟର ପରାମର୍ଶ




ନୂଆଦିଲ୍ଲୀ, ୨୫।୩: ମଧ୍ୟପ୍ରାଚ୍ୟରେ ବଢ଼ୁଥିବା ସଂଘର୍ଷ ମଧ୍ୟରେ, ଭାରତ ସରକାର ଏକ ବଡ଼ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ପେଟ୍ରୋଲିୟମ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ ଦେଶ ଭିତରେ ପର୍ଯ୍ୟାପ୍ତ ପରିମାଣରେ ଅଶୋଧିତ ତୈଳ ଏବଂ ଇନ୍ଧନ ଉପଲବ୍ଧ ଅଛି । ତେଣୁ ଆତଙ୍କିତ ହେବାର କୌଣସି ଆବଶ୍ୟକତା ନାହିଁ । ସରକାର ପ୍ରତିଶ୍ରୁତି ଦେଇଛନ୍ତି ଯେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ ଏବଂ ଗ୍ୟାସ ଯୋଗାଣ ୧୦୦ ପ୍ରତିଶତ ନିରବଚ୍ଛିନ୍ନ ଭାବରେ ଜାରି ରହିବ। ଏହି ସମୟରେ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଆଲୋଚନା ସମୟରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ ଯେପରିକି ହରମୁଜ୍ ପ୍ରଣାଳୀ - ଖୋଲା ରଖିବା ଏବଂ ଉତ୍ତେଜନା ହ୍ରାସ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

ପେଟ୍ରୋଲିୟମ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି ଯେ ଦେଶରେ ପର୍ଯ୍ୟାପ୍ତ ପରିମାଣରେ ଅଶୋଧିତ ତୈଳ ମହଜୁଦ ଅଛି। ଆମ ପାଖରେ ପର୍ଯ୍ୟାପ୍ତ ପରିମାଣରେ ପେଟ୍ରୋଲ ଏବଂ ଡିଜେଲ ଗଚ୍ଛିତ ଅଛି। କୌଣସି ସ୍ଥାନରେ କୌଣସି ଅଭାବ ନାହିଁ। ସେ ଜନସାଧାରଣଙ୍କୁ ଆତଙ୍କିତ ହୋଇ କିଣିବାରୁ ନିବୃତ୍ତ ରହିବାକୁ ଅନୁରୋଧ କରିଛନ୍ତି। ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟରେ କୌଣସି ବୃଦ୍ଧି ହୋଇନାହିଁ। ପିଏନଜି ଏବଂ ସିଏନଜି ଉଭୟର ଯୋଗାଣ ୧୦୦ ପ୍ରତିଶତ ବଜାୟ ରଖାଯାଇଛି। ସେ ଆହୁରି ଉଲ୍ଲେଖ କରିଛନ୍ତି ଯେ ପେଟ୍ରୋଲିୟମ ମନ୍ତ୍ରଣାଳୟ ଗତକାଲି ଏକ ଗେଜେଟ୍ ବିଜ୍ଞପ୍ତି ଜାରି କରିଛି । ସରକାର ପିଏନଜି ସେବାର ବିସ୍ତାର ପାଇଁ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି ।

## ଭାରତ ବିରୋଧରେ ବଡ ପ୍ଲାନ କରୁଛି ପାକିସ୍ତାନ

- ଟାର୍ଗେଟରେ ଥିଲା ଦିଲ୍ଲୀ ଓ ହରିୟାଣାର ଷ୍ଟେସନ
- ଧରା ପଡ଼ିଲେଣି ୨୨ରୁ ଅଧିକ ଦେଶଦ୍ରୋହୀ

ଗାଜିଆବାଦ, ୨୫।୩: ଭାରତର ସୁରକ୍ଷା ବ୍ୟବସ୍ଥାକୁ ଦୋହଲାଇ ଦେବା ଭଳି ଏକ ସାଙ୍ଘାତିକ ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ କରିଛି ଗାଜିଆବାଦ ପୁଲିସ। ଦିଲ୍ଲୀ ଏବଂ ହରିୟାଣା ଭଳି ବ୍ୟସ୍ତବହୁଳ ରେଳ ଷ୍ଟେସନରେ ଗୁପ୍ତ ସୋଲାର କ୍ୟାମେରା ଲଗାଇ ପାକିସ୍ତାନୀ ହ୍ୟାଣ୍ଡଲରମାନଙ୍କୁ ଦେଶର ଗୁପ୍ତ ତଥ୍ୟ ଯୋଗାଉଥିବା ଏକ ବଡ଼ ଗ୍ୟାଙ୍ଗ ଏବେ ପୁଲିସ ହାତରେ ଲାଗିଛି। ଏହି ତଥ୍ୟ କେତେ ସାଂଘାତିକ ଥରେ ବିଚାର କରନ୍ତୁ ଯେ ସୀମା ପାରରେ ବସିଥିବା ଶତ୍ରୁ ଦେଶର ସବୁଠାରୁ ବ୍ୟସ୍ତବହୁଳ ରେଳ ଷ୍ଟେସନରେ କିଏ ଆସୁଛି ଏବଂ କିଏ ଯାଉଛି ସବୁର ଲାଇଭ ଫୁଟେଜ ଦେଖୁଥିଲେ। ତେବେ ଏହି ମାମଲାରେ ପୁଲିସ ଫରିଦାବାଦରୁ ନୌସାଦ ଅଲ୍ଲି ଓରଫ ଲାଲୁକୁ ଗିରଫ କରିବାରେ ସଫଳ ହୋଇଛି। ଏହି ଅଭିଯୁକ୍ତ ଗୋଟିଏ ପେଟ୍ରୋଲ ପମ୍ପରେ ପଙ୍କଚର ଦୋକାନ ଖୋଲି ପାକ୍ ନେଟୱାର୍କର ପରିଚାଳନା କରୁଥିଲା । ଆଉ ଏହି ଘଟଣାରେ ବର୍ତ୍ତମାନ ପର୍ଯ୍ୟନ୍ତ ଗ୍ୟାଙ୍ଗର ନେତା ସୁହେଲ ସମେତ ୨୨ ଜଣଙ୍କୁ ଗିରଫ କରିଛି ଗାଜିଆବାଦ ପୁଲିସ । ଯାହା ଏକ ବଡ଼ ଗୁପ୍ତଚର ଷଡ଼ଯନ୍ତ୍ରର ପର୍ଦ୍ଦାଫାସ କହିଲେ ଭୁଲ ହେବନି।

ଅଭିଯୁକ୍ତ ନୌଶାଦ ମୁଳତଃ ବିହାର ମୁଜାଫରପୁରର ବାସିନ୍ଦା। ତାଙ୍କୁ ଫରିଦାବାଦର ନାଚୋଲି ଗାଁରେ ପଙ୍କଚର ଦୋକାନ ଖୋଲିବା ପାଇଁ ସ୍ୱତନ୍ତ୍ର ଭାବରେ କୋଲକାତାରୁ ଅଣାଯାଇଥିଲା। ପୁଲିସର ତଦନ୍ତ ଅନୁଯାୟୀ ସୁରକ୍ଷା ଏଜେନ୍ସିଗୁଡ଼ିକର ଦୃଷ୍ଟି ଏଡ଼ାଇବା ସହିତ ଗୁପ୍ତଚର କାର୍ଯ୍ୟକଳାପ ଚଳାଇବା ପାଇଁ ଏହି ଦୋକାନ କେବଳ ଏକ ପ୍ରହସନ ଥିଲା। ପଚରାଉଚରାରୁ ଜଣାପଡ଼ିଛି ଯେ ନେଟୱାର୍କର ସଦସ୍ୟମାନେ ହ୍ୱାଟସଆପ ଗ୍ରୁପ ମାଧ୍ୟମରେ ରେଳ ଷ୍ଟେସନ ଏବଂ ସାମରିକ ଘାଟିର ଫଟୋ ଏବଂ ଭିଡିଓ ପାକିସ୍ତାନକୁ ପଠାଉଥିଲେ। ଆଶ୍ଚର୍ଯ୍ୟକର କଥା ହେଉଛି ପ୍ରତିଟି ଫଟୋ ଏବଂ ଭିଡିଓ ପାଇଁ ଏମାନଙ୍କୁ ଲକ୍ଷେ କି ଦୁଇ ଲକ୍ଷ ନୁହେଁ ମାତ୍ର ୪ ରୁ ୬ ହଜାର ଟଙ୍କା ମିଳୁଥିଲା। କଉଡ଼ି ଦାମରେ ଶତ୍ରୁ ଦେଶ ଆଗରେ ବିକ୍ରି ହୋଇଥିବା ଏହି ଅଭିଯୁକ୍ତ ନୌଶାଦଙ୍କ ସହ ମଥୁରାର ଜଣେ ମହିଳା ଏବଂ ଜଣେ ନାବାଳକଙ୍କୁ ମଧ୍ୟ ଅଟକ ରଖାଯାଇଛି।

## ସ୍ୱର୍ଣ୍ଣ ମୁଦ୍ରାରେ ରହିବ ଟ୍ରମ୍ପଙ୍କ ମୁହଁ!

### ଆମେରିକାରେ ଆରମ୍ଭ ହେଲାଣି ବିତର୍କ

### ଏକଛତ୍ରବାଦୀ ଶାସନ କହିଲେଣି ଡେମୋକ୍ରାଟ





ନ୍ୟୁୟର୍କ, ୨୫।୩: ଆମେରିକା ସ୍ୱାଧୀନତାର ୨୫୦ ବର୍ଷ ପୂରଣ ହେବାକୁ ଯାଉଛି। ଆଉ ଏହି ଅବସରରେ ଏକ ସ୍ୱତନ୍ତ୍ର ସୁନାର ମୁଦ୍ରା ଜାରି କରିବାକୁ ପ୍ଲାନ୍ କରିଛି ଆମେରିକା। ତେବେ ଏହା ଏମିତି ସେମିତି ମୁଦ୍ରା ନୁହେଁ, ଏହି ସ୍ୱର୍ଣ୍ଣମୁଦ୍ରାରେ ରହିବ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମୁହଁ। ଏହି ଖବର ଜଣାପଡ଼ିବା ପରେ ଆମେରିକାରେ ଏବେ ବିତର୍କ ଆରମ୍ଭ ହୋଇଯାଇଛି। କାରଣ ନିୟମ କହୁଛି ଯେ ଜଣେ ଜୀବିତ ରାଷ୍ଟ୍ରପତିଙ୍କ ପ୍ରତିଛବି କୌଣସି ମୁଦ୍ରାରେ ଦେଖାଯାଇପାରିବ ନାହିଁ। କିନ୍ତୁ ପ୍ରଥମଥର ପାଇଁ ଏଭଳି ଏକ ମୁଦ୍ରା ଆସୁଥିବା ନେଇ କେହି ସହଜରେ ଗ୍ରହଣ କରିପାରୁନାହାନ୍ତି। ୨୪ କ୍ୟାରେଟର ଏହି ସୁନା ମୁଦ୍ରାରେ ଟ୍ରମ୍ପଙ୍କୁ ହ୍ୱାଇଟ ହାଉସର ପ୍ରସିଦ୍ଧ ରିଜୋଲ୍ୟୁଟ ଡେସ୍କ ପାଖରେ ଠିଆ ହୋଇଥିବାର ଚିତ୍ର ଦେଖାଯିବ। ଯଦି ଏହି ସ୍ୱର୍ଣ୍ଣ ମୁଦ୍ରା ଜାରି କରାଯାଏ ତେବେ ଏହା ଦ୍ୱିତୀୟ ଥର ପାଇଁ ହେବ ଯେତେବେଳେ ଜଣେ ଜୀବିତ ରାଷ୍ଟ୍ରପତିଙ୍କ ପ୍ରତିଛବି ମୁଦ୍ରାରେ ଦେଖାଯିବ।

ପୂର୍ବରୁ କାଲଭିନ କୁଲିଜ ୧୯୨୬ ମସିହାରେ ଏକ ସ୍ମାରକୀ ମୁଦ୍ରାରେ ଦେଖାଯାଇଥିଲେ ଯେଉଁଥିରେ ଜର୍ଜ ୱାଶିଂଟନ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ସେହି ମୁଦ୍ରା ଆମେରିକୀୟ ସ୍ୱାଧୀନତାର ୧୫୦ତମ ବାର୍ଷିକୀ ପାଳନ କରିବା ପାଇଁ ପ୍ରଚଳିତ ହୋଇଥିଲା। ସେହିପରି ମାର୍ଚ୍ଚ ୧୯ ତାରିଖରେ ଆମେରିକାର ଲଳିତ କଳା କମିଶନ ମୁଦ୍ରାର ଡିଜାଇନ ଅନୁମୋଦନ କରିଥିଲେ। ତଥାପି ମୁଦ୍ରାର ଆକାର ଏବଂ ଅନ୍ୟାନ୍ୟ ବୈଷୟିକ ବିବରଣୀ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ଆମେରିକାର ଆଇନ ଅନୁଯାୟୀ କୌଣସି ଜୀବିତ ରାଷ୍ଟ୍ରପତିଙ୍କ ପ୍ରତିଛବି ସାଧାରଣ ମୁଦ୍ରାରେ ଦେଖାଯାଇପାରିବ ନାହିଁ। ତଥାପି ଅଧିକାରୀମାନେ କହିଛନ୍ତି ଯେ ଏହା ଏକ ସ୍ମାରକୀ ମୁଦ୍ରା ଯାହା ପ୍ରତିଦିନର ମୁଦ୍ରାଠାରୁ ଭିନ୍ନ। ତେଣୁ ଏହାର ଉତ୍ପାଦନ ସମ୍ପର୍କରେ ଟ୍ରେଜେରୀ ସଚିବ ଚୂଡ଼ାନ୍ତ ନିଷ୍ପତ୍ତି ନେଇପାରନ୍ତି। ଅନେକ ଡେମୋକ୍ରାଟିକ୍ ନେତା ଏହାକୁ ବିରୋଧ କରିଛନ୍ତି। ଯେମିତିକି ଜେଫ୍ ମର୍କଲେ କହିଛନ୍ତି ଯେ ଗଣତନ୍ତ୍ରରେ ରାଜନେତାଙ୍କ ପ୍ରତିଛବି ମୁଦ୍ରାରେ ଦେଖାଯାଏ ନାହିଁ; ଏହା ରାଜା କିମ୍ବା ଏକଛତ୍ରବାଦୀଙ୍କ ଅଭ୍ୟାସ। ସେ ଏହାକୁ ଦେଶର ପରମ୍ପରାର ଉଲ୍ଲଂଘନ ବୋଲି କହିଛନ୍ତି। କେବଳ ଏତିକି ନୁହେଁ ଯୁକ୍ତରାଷ୍ଟ୍ର ମିଣ୍ଟ ଘୋଷଣା କରିଛି ଯେ ୨୦୨୬ରେ କିଛି ମୁଦ୍ରା ଯେପରିକି ଡାଇମ୍ସ, କ୍ୱାର୍ଟର୍ସ ଏବଂ ହାଫ୍ ଡଲାର ପାଇଁ ଏକ ଭଲ ବର୍ଷ ହେବ।

### ରାହୁଲଙ୍କୁ ଶିବସେନା ନେତ୍ରୀଙ୍କ କଟାକ୍ଷ

## ସଂସଦରେ ମଜାକ ପାଲଟିଛନ୍ତି ବିରୋଧୀଦଳ ନେତା

ନୂଆଦିଲ୍ଲୀ, ୨୫।୩: ପଶ୍ଚିମ ଏସିଆ ସଙ୍କଟ ଉପରେ ବୁଧବାର କେନ୍ଦ୍ର ସରକାରଙ୍କ ଦ୍ୱାରା ଡକାଯାଇଥିବା ଗୁରୁତ୍ୱପୂର୍ଣ୍ଣ ସର୍ବଦଳୀୟ ବୈଠକରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଅନୁପସ୍ଥିତିକୁ ନେଇ ଶିବସେନା ନେତ୍ରୀ ମନୀଷା କାୟାଣ୍ଡେ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ରାହୁଲ ଗାନ୍ଧୀଙ୍କ ନେତୃତ୍ୱ କ୍ଷମତା ଉପରେ ପ୍ରଶ୍ନ ଉଠାଇବା ସହ ସେ ଏବେ ସଂସଦ ଭିତରେ ଓ ବାହାରେ ଏକ 'ମଜାକ' ପାଲଟିଛନ୍ତି ବୋଲି କାୟାଣ୍ଡେ ବ୍ୟଙ୍ଗାତ୍ମକ ଭାବେ କହିଛନ୍ତି। ଏଥିସହିତ ସମାନ ନାଗରିକ ସଂହିତା (ୟୁସିସି) ପ୍ରସଙ୍ଗରେ ଦଳର ସ୍ପଷ୍ଟ ମତ ରଖି ସେ କହିଛନ୍ତି ଯେ ଧାରା ୩୭୦ ଉଚ୍ଛେଦ ଓ ରାମ ମନ୍ଦିର ନିର୍ମାଣ ପରେ ଏବେ ଦେଶ ତଥା ମହାରାଷ୍ଟ୍ରରେ ୟୁସିସି ଲାଗୁ କରିବା ସମୟର ଆବଶ୍ୟକତା ଏବଂ ଏହି ପ୍ରସଙ୍ଗରେ ଶିବସେନା ସମ୍ପୂର୍ଣ୍ଣ ଭାବେ ବିଜେପି ସହ ଛିଡ଼ା ହୋଇଛି। ବୈଠକରେ ରାହୁଲଙ୍କ ଅନୁପସ୍ଥିତିକୁ ଦାୟିତ୍ୱହୀନ ରାଜନୈତିକ ମନୋଭାବ ବୋଲି ଦର୍ଶାଇ କାୟାଣ୍ଡେ କହିଛନ୍ତି ଯେ ବିଶ୍ୱସ୍ତରୀୟ ସମ୍ବେଦନଶୀଳ ମୁହୂର୍ତ୍ତରେ ବିରୋଧୀ ଦଳର ନେତା ପରି ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ସେ ଏହାକୁ ଗମ୍ଭୀରତାର ସହ ନେଉନାହାଁନ୍ତି। ରାହୁଲ କେତେବେଳେ ବିଦେଶ ଉଡ଼ିଯିବେ ତାହାର କୌଣସି ନିଶ୍ଚିତତା ନାହିଁ ଏବଂ ସବୁବେଳେ ତଥ୍ୟହୀନ କଥା କହି ନିଜ ବକ୍ତବ୍ୟର ଗମ୍ଭୀରତା ହ୍ରାସ କରୁଛନ୍ତି। ଏହି କାରଣରୁ କଂଗ୍ରେସ ଏବେ ବିରୋଧୀ ଦଳ ନେତା ପରିବର୍ତ୍ତନ କରିବା ବିଷୟରେ ବିଚାର କରିବା ଉଚିତ ବୋଲି ସେ ପରାମର୍ଶ ଦେଇଛନ୍ତି। ଅନ୍ୟପଟେ ୟୁସିସି ସମ୍ପର୍କରେ ସେ ମନେ ପକାଇ ଦେଇଛନ୍ତି ଯେ ବାଲାସାହେବ ଠାକରେଙ୍କ ସମୟରୁ ହିଁ ଶିବସେନା ଏହାକୁ ସମର୍ଥନ କରିଆସୁଛି ଏବଂ ଏହାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରାଯିବା ଉଚିତ।



# ପେଟ୍ରୋଲ ଓ ସିଏନ୍‌ଜି ସଙ୍କଟ ଗୁଜବ



➘ ନଗଦ ନ ଦେଲେ କମ୍ପାନୀ ତେଲ ଦେଉନି

➘ ଛୁଟି ଦିନରେ କିଛି ଟାଙ୍କି ବନ୍ଦ କରିବାକୁ ବାଧ୍ୟ

ଭୁବନେଶ୍ୱର,୨୫।୩(ସଂଚାର ବ୍ୟୁରୋ)ଃ ଭୁବନେଶ୍ୱରରେ ପେଟ୍ରୋଲ ଓ ଡିଜେଲ୍ ସହ ସିଏନଜି ସଙ୍କଟ ଦେଖାଦେଇଥିବା ଗୁଜବ ସତ ସାବ୍ୟସ୍ତ ହୋଇଛି। ସରକାର ପକ୍ଷରୁ ତେଲ ପର୍ଯ୍ୟାପ୍ତ ମାତ୍ରାରେ ଅଛି ବୋଲି ଦାବି କରାଯାଉଥିବା ବେଳେ ତୃଣମୂଳ ସ୍ତରରେ ସମସ୍ତ ପେଟ୍ରୋଲ ପମ୍ପରେ ପରିସ୍ଥିତି ସ୍ୱାଭାବିକ ଥିବା ନଜରକୁ ଆସିଛି। ସକାଳୁ ଅନେକ ଗାଡ଼ି ମାଲିକ ପେଟ୍ରୋଲ ପମ୍ପରେ ପହଞ୍ଚି ତେଲ ପକାଇ ଘରକୁ ଫେରିଛନ୍ତି।

ରିପୋର୍ଟ ଅନୁସାରେ, ଶନିବାର ଓ ରବିବାର ୨ ଦିନ ବ୍ୟାଙ୍କ ବନ୍ଦ ଥିବାରୁ ସୋମବାର ଓ ମଙ୍ଗଳବାର ଭୁବନେଶ୍ୱରର ବିଭିନ୍ନ ପେଟ୍ରୋଲ ପମ୍ପରେ ଭିଡ଼ ହୋଇଥିବା ନଜରକୁ ଆସିଥିଲା। କେତେକ ଟାଙ୍କି ସମ୍ପୂର୍ଣ୍ଣ ବନ୍ଦ ଥିବା ବେଳେ ଅନ୍ୟ କିଛିରେ ତେଲ ନ ଥିବାରୁ ଗ୍ରାହକମାନେ ନିରାଶ ହୋଇ ଫେରିଥିଲେ। ହେଲେ ବୁଧବାର ସକାଳୁ ସ୍ଥିତି ସ୍ୱାଭାବିକ ହେବା ସହ ସରକାରଙ୍କ ଦୃଢ଼ୋକ୍ତି ସତ ପ୍ରମାଣିତ ହୋଇଛି। ପେଟ୍ରୋଲ ଡିଲର ଆସୋସିଏସନର ସାଧାରଣ ସମ୍ପାଦକ ସଞ୍ଜୟ ଲାଠ କହିଛନ୍ତି ଯେ ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ପେଟ୍ରୋଲ ଟାଙ୍କିରେ ସମସ୍ୟା ଥିଲା। ନଗଦ ଟଙ୍କା କାରବାର ହେଉ ନ ଥିବାରୁ ତେଲ ଆସିପାରୁନଥିଲା।

ପୂର୍ବରୁ ତୈଳ କମ୍ପାନୀମାନେ ବାକିରେ କଞ୍ଚାମାଲ କିଣୁଥିଲେ। ଏବେ ସେମାନଙ୍କୁ ନଗଦ ଟଙ୍କା ଦେଇ କିଣିବାକୁ ପଡୁଛି। ତେଣୁ ସେମାନେ ନଗଦ ଦେଣନେଣ ଉପରେ ଗୁରୁତ୍ୱ ଦେଉଛନ୍ତି। ହେଲେ ଛୁଟି ଦିନରେ ବ୍ୟାଙ୍କ ବନ୍ଦ କାରଣରୁ ଏଥିରେ ସମସ୍ୟା ହେଉଛି। ତେଣୁ ପେଟ୍ରୋଲ ପମ୍ପ ମାଲିକମାନେ ତେଲ କିଣିପାରୁନାହାନ୍ତି। ଭୁବନେଶ୍ୱରରେ ଏବେ ୪୨ଟି ପେଟ୍ରୋଲ ପମ୍ପ ରହିଛି। ଦୈନିକ କେବଳ ରାଜଧାନୀରେ ୩ ଲକ୍ଷ ୧୨ ହଜାର ଲିଟର ପେଟ୍ରୋଲ ଓ ୨ ଲକ୍ଷ ୧୫ ହଜାର ଲିଟରରୁ ଊର୍ଦ୍ଧ୍ୱ ଡିଜେଲ ଆବଶ୍ୟକ ହେଉଛି। ଯେତେଶୀଘ୍ର ଯୁଦ୍ଧ ବନ୍ଦ ହେବ ସେତେଶୀଘ୍ର ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ଶ୍ରୀ ଲାଠ କହିଛନ୍ତି।

## ୧୨୦ ଏଲ୍‌ପିଜି ସିଲିଣ୍ଡର ଜବତ



ଭୁବନେଶ୍ୱର,୨୫।୩(ସଂଚାର ବ୍ୟୁରୋ)ଃ ମଧ୍ୟପ୍ରାଚ୍ୟରେ ଯୁଦ୍ଧର ପ୍ରଭାବ ରାଜଧାନୀ ଭୁବନେଶ୍ୱରରେ କିଛିଦିନ ହେବ ଦେଖିବାକୁ ମିଳୁଛି। ବିଶେଷକରି ରନ୍ଧନ ଗ୍ୟାସ ମିଳୁ ନ ଥିବାରୁ ସହରର ଅଧିକାଂଶ ଜଳଖିଆ ଦୋକାନ ବନ୍ଦ ହେବାକୁ ବସିଲାଣି। ଗୋଟିଏ ପଟେ ରନ୍ଧନ ଗ୍ୟାସ ସଙ୍କଟ ଜାରି ରହିଥିବା ବେଳେ ଅନ୍ୟପଟେ କଳାବଜାରୀମାନେ ଏହାର ଭରପୂର ଫାଇଦା ନେବାରେ ଲାଗିଛନ୍ତି। ଗ୍ୟାସ ସଙ୍କଟ ଜାରି ରହିଥିବା ବେଳେ ରାଜଧାନୀର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଗଣେଶ ମଣ୍ଡପ ଅଞ୍ଚଳରେ ଥିବା ଏକ ଭଡ଼ା ଘରେ ଯୋଗାଣ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଶହେରୁ ଊର୍ଦ୍ଧ୍ୱ ଘରୋଇ ଏଲ୍‌ପିଜି ସିଲିଣ୍ଡର ଜବତ କରାଯାଇଛି। ଏହାଛଡ଼ା ୨୦ଟି ବ୍ୟାବସାୟିକ ଗ୍ୟାସ୍ ଜବତ କରାଯାଇଥିବା ବେଳେ ସିଲିଣ୍ଡର ମହଜୁଦ ରଖିଥିବା ବ୍ୟବସାୟୀ ଜଣଙ୍କ ଫେରାର ହୋଇଯାଇଛନ୍ତି।

### ଏସସିବି ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି

# ଗୋଟିଏ ମଞ୍ଚରେ ୧୦ ଦଳର ପ୍ରତିନିଧି



କଟକ,୨୫।୩(ସଂଚାର ବ୍ୟୁରୋ)ଃ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଗତ ୧୬ ତାରିଖ ରାତିରେ ଘଟିଥିବା ଅଗ୍ନିକାଣ୍ଡରେ ୧୪ ଜଣ ରୋଗୀ ମୃତ୍ୟୁବରଣ କରିଥିବା ବେଳେ ଆଜି ସେମାନଙ୍କ ଶ୍ରଦ୍ଧାଞ୍ଜଳି ଜଣାଇବା ଓ ସେମାନଙ୍କ ପରିବାରବର୍ଗ ପ୍ରତି ସମବେଦନା ଜଣାଇବା ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଏଥିରେ ୧୦ଟି ରାଜନୈତିକ ଦଳ ଯଥା ବିଜେଡି, କଂଗ୍ରେସ, ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍‌ଏଲ୍), ଏନସିପି, ଆରଜେଡି ଓ ସମତା କ୍ରାନ୍ତି ଦଳର ନେତାମାନେ ଏକାଠି ହୋଇଥିଲେ। କଲେଜ ଛକସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଅନୁଷ୍ଠିତ ଏହି ସଭାର ଆୟୋଜନ ମିଳିତ ବିରୋଧୀ ଦଳ ପକ୍ଷରୁ କରାଯାଇଥିଲା। ଏହାକୁ ମିଳିତ ସଭାପତି ମଣ୍ଡଳୀ ପରିଚାଳନା କରିଥିବା ବେଳେ ପ୍ରଥମେ ମୃତକଙ୍କ ନାମଫଳକରେ ରାଜ୍ୟର ନେତୃମଣ୍ଡଳୀ ପୁଷ୍ପ ପ୍ରଦାନ କରିଥିଲେ। ସେମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ, ମେୟର ସୁଭାଷ ସିଂ, ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ଓ ପ୍ରତାପ ଜେନା, କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ବିଜୟଲକ୍ଷ୍ମୀ ସାହୁ, ସିପିଆଇର ରାଜ୍ୟ ସମ୍ପାଦକ ପ୍ରଶାନ୍ତ ମିଶ୍ର, ସିପିଆଇ(ଏମ୍)ର ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ପୁଷ୍ପା ଦାଶ, ସିପିଆଇ(ଏମ୍‌ଏଲ)ର ରାଜ୍ୟ ସଭାପତି ଯୁଧିଷ୍ଠିର ମହାପାତ୍ର, ଫରୱାର୍ଡ ବ୍ଲକର ରାଜ୍ୟ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର, ଏନସିପିର ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ଆରଜେଡି ରାଜ୍ୟ ସଭାପତି ହେମନ୍ତ କୁମାର, ସମତା କ୍ରାନ୍ତି ଦଳର ପ୍ରଭାସ ସାମନ୍ତରାୟ ବକ୍ତବ୍ୟ ରଖିଥିଲେ। ସେମାନେ ବିଜେପି ସରକାର କଟକ ବଡ଼ ମେଡିକାଲ୍‌କୁ ଅବହେଳା କରୁଛି ଓ ସରକାର ସାଧାରଣ ଲୋକଙ୍କ ସୁରକ୍ଷା ପ୍ରତି ଅବହେଳା ପ୍ରଦର୍ଶନ କରୁଛନ୍ତି। ତେଣୁ ତୁରନ୍ତ ବିଭାଗୀୟ ମନ୍ତ୍ରୀ ଇସ୍ତଫା ଦେବା କିମ୍ବା ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରାଯିବା, ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶଙ୍କ ନେତୃତ୍ୱରେ ନ୍ୟାୟିକ ତଦନ୍ତ କରାଯିବା, ପ୍ରତ୍ୟେକ ମୃତକଙ୍କ ପରିବାରକୁ କୋଟିଏ ଟଙ୍କା ଲେଖାଏଁ କ୍ଷତିପୂରଣ ଓ ପରିବାରର ଜଣଙ୍କୁ ନିଯୁକ୍ତି, ଆହତଙ୍କୁ ଉନ୍ନତ ମାନର ମାଗଣା ଚିକିତ୍ସା ସହ ୫ ଲକ୍ଷ ଟଙ୍କା କ୍ଷତିପୂରଣ, ହସ୍ପିଟାଲ ଅଧୀକ୍ଷକଙ୍କ ସମେତ ଦାୟୀ ସମସ୍ତ ଅଧିକାରୀ ଓ ଠିକାଦାରଙ୍କୁ ଗିରଫ କରି କଠୋର ଦଣ୍ଡ ଆଦି ଦେବା ସକାଶେ ଦାବି କରାଯାଇଛି।

କାର୍ଯ୍ୟକ୍ରମରେ ବିଜେଡି ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂ, କଂଗ୍ରେସର କଟକ ଜିଲ୍ଲା ନେତୃତ୍ୱ ପ୍ରତାପ ମଲ୍ଲିକ, ସିପିଆଇର ନେତା ଅମରେନ୍ଦ୍ର ମହାନ୍ତି, ସିପିଆଇ(ଏମ୍) ସମ୍ପାଦକ ବଦ୍ରିନାରାୟଣ ଦାଶଙ୍କୁ ନେଇ ସଭାପତି ମଣ୍ଡଳୀ ଗଠନ କରାଯାଇଥିଲା। ପୂର୍ବତନ ବିଧାୟକ ରବି ମଲ୍ଲିକ, ସୁରେଶ ମହାପାତ୍ର, ବିନୋଦ ବେହେରା, ପ୍ରଶାନ୍ତ ମହାପାତ୍ର, ସିପିଆଇ(ଏମ୍)ର ବରିଷ୍ଠ ନେତା ରବି ରବିନାରାୟଣ ମଲ୍ଲିକ, ପ୍ରତାପ ମହାପାତ୍ର ଓ ବରିଷ୍ଠ ନେତା କିଶୋର ଜେନା ମଧ୍ୟ ଉପସ୍ଥିତ ଥିଲେ।

## ପାଟ୍ରୋଲିଂ ବେଳେ ୪୦୫୬ କେଜି ଗଞ୍ଜେଇ ଜବତ



ଫୁଲବାଣୀ,୨୫।୩(ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ପୁଲିସକୁ ଆଜି ମିଳିଛି ଏକ ବଡ଼ ସଫଳତା। ଦୁଇ ଦିନରେ ପୁଲିସ୍ ୪୦୫୬ କେଜି ଓଜନର ବେଆଇନ ଗଞ୍ଜେଇ ଜବତ କରିଛି। ଏସପି ହରିଶ ବିଶିଙ୍କ ନିର୍ଦ୍ଦେଶ କ୍ରମେ ସମଗ୍ର ଜିଲ୍ଲାକୁ ଗଞ୍ଜେଇମୁକ୍ତ କରିବା ଲକ୍ଷ୍ୟ ନେଇ ବିଭିନ୍ନ ଥାନା ପକ୍ଷରୁ ବେଆଇନ ଗଞ୍ଜେଇ ଚାଷ ଓ ଚାଲାଣ ଉପରେ ଚଢ଼ାଉ ଜାରି ରହିଛି। ଗତ ଦୁଇ ଦିନ ଧରି ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ବାଲିଗୁଡ଼ା ଥାନା ଅନ୍ତର୍ଗତ ବାରଖମା ଫାଣ୍ଡି ଅଞ୍ଚଳର ଡାକା ଜଙ୍ଗଲ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ସେଠାରେ ଗଚ୍ଛିତ ଥିବା ୨୦୧୫ କେଜି ବେଆଇନ ଗଞ୍ଜେଇ ଜବତ କରିଥିଲା। ଏନେଇ ୭୫/୨୫ରେ ଏକ ମାମଲା ରୁଜୁ କରାଯାଇଥିଲା। ସେହିପରି ଆଜି ଲଣ୍ଡାଗାଁ ପଞ୍ଚାୟତ ଜଙ୍ଗଲ ଅଞ୍ଚଳରେ ଗଚ୍ଛିତ ଥିବା ୨୦୪୧ କେଜି ବେଆଇନ ଗଞ୍ଜେଇକୁ ଜବତ କରାଯିବା ସହ ୭୬/୨୬ରେ ଏକ ମାମଲା ରୁଜୁ କରାଯାଇଛି। ତେବେ ଏନେଇ ପୁଲିସ୍ କାହାରିକୁ ବି ଗିରଫ କରିପାରିନାହିଁ। କେହି ଗଞ୍ଜେଇ ମାଫିଆ ଏହି ବେଆଇନ ଗଞ୍ଜେଇ ବାହାର ରାଜ୍ୟକୁ ଚାଲାଣ କରିବା ପାଇଁ ଗଚ୍ଛିତ ରଖିଥିବା ସନ୍ଦେହ କରାଯାଉଛି। ମାମଲାର ଅଧିକ ତଦନ୍ତ ଥାନାଧିକାରୀ ଶିବରଞ୍ଜନ ସିଂହ ଜାରି ରଖିଛନ୍ତି।

## ୪ହଜାର ଲାଞ୍ଚ ନେଇ ଜେଲ୍ ଗଲେ ଅଡିଟର



ଭୁବନେଶ୍ୱର, ୨୫।୩ (ସଂଚାର ବ୍ୟୁରୋ) : ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ କାର୍ଯ୍ୟାଳୟର ଅଡିଟର୍ ଅମ୍ବିକା ପ୍ରସାଦ ରଥଙ୍କୁ ବୁଧବାର ଗିରଫ କରାଯାଇଛି। ମଙ୍ଗଳବାର ୪ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଧରାପଡ଼ିଥିଲେ ଅଡିଟର। ତାଙ୍କଠାରୁ ରେଡ ବେଳେ ନଗଦ ୨୮ ଲକ୍ଷ ୭୦ ହଜାର ୯୦୦ ଟଙ୍କା ଜବତ ହୋଇଥିଲା। ଦେଇପାରିନାହାନ୍ତି। ଭିଜିଲାନ୍ସ ଅଧିକାରୀ ତାଙ୍କ ନାମରେ ଏକ ଦୁର୍ନୀତି ମାମଲା ରୁଜୁ କରି ଉଠାଇ ନେଇଥିବା ଜଣାପଡ଼ିଛି। ଖୋର୍ଦ୍ଧା କଲେଜର ଜଣେ କର୍ମଚାରୀ ସର୍ଭିସ ଭେରିଫିକେସନ ପାଇଁ ଅମ୍ବିକା ପ୍ରସାଦଙ୍କ ନିକଟକୁ ଯାଇଥିଲେ। ସେ ତାଙ୍କୁ ୪ହଜାର ଟଙ୍କା ଲାଞ୍ଚ ନଦେଲେ କାମ ହେବନି ବୋଲି କହିଥିଲେ। ଏନେଇ କଲେଜ

ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କ ଅଫିସ୍ ଅଡିଟର ଅମ୍ବିକା ପ୍ରସାଦ ରଥ। ତାଙ୍କ ପକେଟରୁ ୪ହଜାର ଲାଞ୍ଚ ଟଙ୍କା ଜବତ କରାଯିବା ପରେ ଘର ଏବଂ ଅଫିସରେ ଚଢଉ କରାଯାଇଥିଲା। ବାବୁଙ୍କ ଘର ଏବଂ ଅଫିସ୍‌ରୁ ୨୮.୭୦ ଲକ୍ଷ ନଗଦ ଟଙ୍କାକରାଯାଇଥିଲା। ମଧୁସୁଦନ ନଗର ଘରୁ ୨୭ ଲକ୍ଷ ୪୨ ହଜାର ୯ଶହ ଟଙ୍କା ଜବତ କରାଯାଇଥିବା ବେଳେ ଅଫିସ୍‌ରୁ ୧ଲକ୍ଷ ୨୮ ହଜାର ଟଙ୍କା ଜବତ କରାଯାଇଛି। ଭିଜିଲାନ୍ସ ଅଧିକାରୀ ଏହି ଟଙ୍କାର ହିସାବ ମାଗିଥିଲେ ମଧ୍ୟ ସେ ସନ୍ତୋଷ ଜନକ ଉତ୍ତର କର୍ମଚାରୀ ଜଣଙ୍କ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ମଙ୍ଗଳବାର ତାଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲେ। ସେ ଅଫିସ ନିକଟରେ ୪ ହଜାର ଟଙ୍କା ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ଅଧିକାରୀ ତାଙ୍କୁ ଧରିଥିଲେ। ତାଙ୍କ ପକେଟରୁ ୪ ହଜାର ଲାଞ୍ଚ ଟଙ୍କା ଜବତ କରାଯିବା ସହ ତାଙ୍କ ହାତକୁ ପାଣିରେ ଧୋଇବା ପରେ କେମିକାଲର ପ୍ରମାଣ ମିଳିଥିଲା। ଏହାପରେ ତାଙ୍କୁ ଉଠାଇ ନେଇ ଘର ଏବଂ ଅଫିସରେ ଚଢଉ କରାଯିବା ପରେ ମୋଟ ୨୮.୭୦ଲକ୍ଷ ଟଙ୍କା ଜବତ କରାଯାଇଛି। ଭିଜିଲାନ୍ସ ତାଙ୍କର ବ୍ୟାଙ୍କ୍ ଆକାଉଣ୍ଟ ଏବଂ ଲକର ଛାନ୍‌ଭିନ କରୁଛି।

### ରାଜ୍ୟରେ ରେକର୍ଡ ପରିମାଣର ଧାନ ସଂଗ୍ରହ

# ମଣ୍ଡିକୁ ଆସିଲାଣି ୭୫ ଲକ୍ଷ ମେଟ୍ରିକ ଟନ୍



ଭୁବନେଶ୍ୱର,୨୫।୩(ସଂଚାର ବ୍ୟୁରୋ)ଃ ରାଜ୍ୟରେ ଚଳିତ ଖରିଫ ଋତୁରେ ୨୦୨୫-୨୬ ବର୍ଷ ପାଇଁ ଧାନ ସଂଗ୍ରହ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସରକାରୀ ସୂତ୍ରରୁ ମିଳିଥିବା ସଦ୍ୟତମ ରିପୋର୍ଟ ଅନୁଯାୟୀ, ଆଜି ସୁଦ୍ଧା ରାଜ୍ୟର ବିଭିନ୍ନ ମଣ୍ଡିକୁ ପ୍ରାୟ ୭୫ ଲକ୍ଷ ୪୫ ହଜାର ୩୮୧ ମେଟ୍ରିକ ଟନ୍ ଧାନ ଆସିଥିବା ବେଳେ ସେଥିମଧ୍ୟରୁ ୭୫ ଲକ୍ଷ ୨୦ ହଜାର ୨୧୨ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି।

ସରକାରୀ ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ଅଦ୍ୟାବଧି ମୋଟ ୧୮ ଲକ୍ଷ ୧୧ ହଜାର ୯୮୮ ଚାଷୀ ସେମାନଙ୍କ ଧାନ ବିକ୍ରି କରିଛନ୍ତି। ସଂଗୃହୀତ ଧାନ ମଧ୍ୟରୁ ପ୍ରାୟ ୭୩ ଲକ୍ଷ ୪୬ ହଜାର ୨୨୬ ମେଟ୍ରିକ ଟନ୍ ଧାନ ମିଲରମାନେ ମଣ୍ଡିରୁ ଉଠାଇଛନ୍ତି। ଧାନ ସଂଗ୍ରହ ପ୍ରକ୍ରିୟାରେ ଏମଏସପି ସହାୟକ ହୋଇଛି, ଯାହାଦ୍ୱାରା ଚାଷୀଙ୍କୁ ସେମାନଙ୍କ ଶସ୍ୟର ଉଚିତ ମୂଲ୍ୟ ପ୍ରଦାନ କରାଯାଉଛି। ବର୍ତ୍ତମାନ ସୁଦ୍ଧା ମୋଟ ୨୨,୩୩୭.୬୦ କୋଟି ଟଙ୍କାର ଏମଏସପି ଓ ଇନପୁଟ ସହାୟତା ପ୍ରଦାନ କରାଯାଇଛି।ଧାନ ସଂଗ୍ରହ କ୍ଷେତ୍ରରେ ବରଗଡ଼ ଜିଲ୍ଲା ସବୁଠାରୁ ଆଗରେ ରହିଛି। ସେଠାରେ ସର୍ବାଧିକ ୭ ଲକ୍ଷ ୭୦ ହଜାର ୧୫୭ ମେଟ୍ରିକ ଟନ୍ ଧାନ ମଣ୍ଡିକୁ ଆସିଛି ଓ ୭ ଲକ୍ଷ ୬୯ ହଜାର ୮୩୮ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି। ଦ୍ୱିତୀୟରେ ରହିଛି କଳାହାଣ୍ଡି ଜିଲ୍ଲା, ଯେଉଁଠି ୬ ଲକ୍ଷ ୪୩ ହଜାର ୧୭୮ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଛି। ଆହୁରି ଗଞ୍ଜାମ ଜିଲ୍ଲାରେ ୫ ଲକ୍ଷ ୫୮ ହଜାର ୧୨ ମେଟ୍ରିକ ଟନ ଓ ସୁବର୍ଣ୍ଣପୁର ଜିଲ୍ଲାରେ ୩ ଲକ୍ଷ ୭୯ ହଜାର ୪୫ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି। ସରକାରୀ ସୂଚନା ମୁତାବକ, ଧାନ ବିକ୍ରି କରିଥିବା ସମସ୍ତ ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ସିଧାସଳଖ ବ୍ୟାଙ୍କ ଖାତାକୁ ପ୍ରଦାନ କରାଯାଉଛି।

ଗତକାଲି ସୁଦ୍ଧା ମିଳିଥିବା ସରକାରୀ ତଥ୍ୟ ଅନୁଯାୟୀ, ରାଜ୍ୟରେ ଖରିଫ ଧାନ ସଂଗ୍ରହ ୨୦୨୩-୨୪ ମସିହାରେ ୫୮,୦୩,୬୬୪ ମେଟ୍ରିକ ଟନ୍ ହୋଇଥିବା ବେଳେ ୨୦୨୪-୨୫ରେ ୭୩,୦୨,୭୮୨ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଥିଲା। ୨୦୨୫-୨୬ରେ ଏହା ବୃଦ୍ଧି ପାଇ ୭୪,୯୨,୮୯୩ ମେଟ୍ରିକ ଟନ୍‌ରେ ପହଞ୍ଚିଛି। ଗତ ଦୁଇ ବର୍ଷ ମଧ୍ୟରେ ଧାନ ସଂଗ୍ରହ ପରିମାଣରେ ପ୍ରାୟ ୧୬ ଲକ୍ଷ ମେଟ୍ରିକ ଟନ ବୃଦ୍ଧି ହୋଇଛି, ଯାହାକି ରାଜ୍ୟର କୃଷି ଅର୍ଥନୀତି ପାଇଁ ଏକ ସକାରାତ୍ମକ ସଙ୍କେତ।

## ଝରଣାରୁ ପାଣି ପିଇବା ବେଳେ ଜୋକ ଖାଇ ଯୁବକ ଗୁରୁତର



ରାୟଗଡ଼ା,୨୫।୩(ସଂଚାର ବ୍ୟୁରୋ)ଃ ଭୁଲ୍ ବଶତଃ ଜୋକ ଖାଇଦେବାରୁ ଜନୈକ ଯୁବକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଛି। ଝରଣା ପାଣି ପିଇବା ସମୟରେ ଅସାବଧାନବଶତଃ ଯୁବକ ଜଣଙ୍କ ଜୋକ ଖାଇଦେଇଥିଲେ। ପେଟ ଭିତରକୁ ଜୋକ ଚାଲିଯିବା ଫଳରେ ଯୁବକ ଜଣଙ୍କ ଗୁରୁତର ହୋଇପଡ଼ିଥିଲେ। ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ରାଇଲିମା ଗାଁରେ ଘଟିଛି ଏଭଳି ଅଘଟଣ। ଗୁରୁତର ଅବସ୍ଥାରେ ଯୁବକ ଶ୍ୟାମ ହୁଇକା କେସିଂପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ମିଳିଥିବା ସୂଚନାନୁଯାୟୀ, ଶ୍ୟାମ ତାଙ୍କର କେତେକ ସାଙ୍ଗଙ୍କ ସହ ଜଙ୍ଗଲକୁ ଜାଳେଣୀ କାଠ ଆଣିବାକୁ ଯାଇଥିଲେ। ତେବେ ଜଙ୍ଗଲରେ ଶୋଷ ଲାଗିବାରୁ ସେ ଝରଣା ପାଣି ପିଇଥିଲେ। କିନ୍ତୁ ଏହି ସମୟରେ ସେ ଅସାବଧାନତାବଶତଃ ଏକ ଜୋକକୁ ଢୋକିଦେଇଥିଲେ। ଏହାର କିଛି ଘଣ୍ଟା ପରେ ସେ ଗୁରୁତର ଭାବେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ଗୁରୁତର ଅବସ୍ଥାରେ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ଶ୍ୟାମଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ଜଣାପଡ଼ିଛି।

## ମିଠା ଖାଇବାକୁ ଚାମଚ ଦେଲେନି, ଖାଇଲେ ଖଣ୍ଡାଚୋଟ

● ଦୁଇ ସହଯୋଗୀ ସହ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୫।୩(ସଂଚାର ବ୍ୟୁରୋ)ଃ ମିଠା ବଦଳରେ ମିଳିଛି ଖଣ୍ଡା ଚୋଟ। ମିଠା ଖାଇବା ପାଇଁ ଚାମଚ ନ ଦେବାରୁ ଦୋକାନୀଙ୍କୁ ଖଣ୍ଡାରେ ଆକ୍ରମଣ କରିଛନ୍ତି ଜନୈକ ଯୁବକ। ତେବେ ଉକ୍ତ ଅଭିଯୁକ୍ତକୁ ପୁଲିସ୍ ଗିରଫ କରିବା ସହ ତା'ଠାରୁ ୩ଟି ଖଣ୍ଡା ଜବତ କରିଛି। ସ୍ଥାନୀୟ ସାମନ୍ତରାପୁର ଛକରେ ଏପରି ଅଘଟଣ ଘଟିଛି। ଘଟଣାରେ ଅଭିଯୁକ୍ତ ତଥା ଦୁର୍ଦ୍ଧାନ୍ତ ଅପରାଧୀ ଗେଣ୍ଡୁଆକୁ ଗିରଫ କରାଯାଇଛି। ସେ ମିଠା ଦୋକାନୀ ଦିଲୁ ବେହେରାଙ୍କୁ ଆକ୍ରମଣ କରିବା ପରେ ଖବର ପାଇ ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଗେଣ୍ଡୁଆ ଓରଫ୍ ମହେଶ୍ୱର ସାହୁକୁ ଗିରଫ କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଗତ ୫ ତାରିଖରେ ଲିଙ୍ଗରାଜ ଥାନା ଅନ୍ତର୍ଗତ ସାମନ୍ତରାପୁର ଛକରେ ଗେଣ୍ଡୁଆ ଆତଙ୍କ ଖେଳାଇଥିଲା। ଏଥିରେ ତାକୁ ସହଯୋଗ କରିଥିଲେ ଦୁଇ ସହଯୋଗୀ। ତେବେ ଆଜି ଦିଲୁ ବେହେରାଙ୍କ ମିଠା ଦୋକାନରେ ଗେଣ୍ଡୁଆ ମିଠା ଖାଇବା ସମୟରେ ଚାମଚ ମାଗିଥିଲା। କିନ୍ତୁ ଦିଲୁ ଚାମଚ ଦେବାକୁ ମନା କରିବାରୁ ଗେଣ୍ଡୁଆ କ୍ରୋଧାନ୍ୱିତ ହୋଇ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲା। ଦିଲୁ ଓ ତା'ର ଅନ୍ୟ ଦୁଇ ସହଯୋଗୀ ମିଶି ଦିଲୁଙ୍କୁ ଆକ୍ରମଣ କରିଥିଲେ। ତେବେ ପୁଲିସ୍ ପହଞ୍ଚି ତିନି ଜଣଙ୍କୁ କାବୁ କରିଥିବା ଜଣାପଡ଼ିଛି। ଗେଣ୍ଡୁଆ ନାଁରେ ପୂର୍ବରୁ ବଡ଼ଗଡ଼, ଲିଙ୍ଗରାଜ ଥାନାରେ ଏକାଧିକ ମାମଲା ରହିଛି।

### ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦକୁ ବିରୋଧ

# ବିଷ ପିଇବାକୁ ଧମକ ଦେଲେ ମହିଳା, ଫେରିଗଲା ଟିମ୍



ରାଜନଗର,୨୫।୩ (ସଂଚାର ବ୍ୟୁରୋ)ଃ ଭିତରକନିକା ଅଞ୍ଚଳରୁ ଆଜି ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ବେଳେ ବନ ବିଭାଗକୁ ଜୋର୍‌ଦାର ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି। ମହିଳାମାନେ ବନ ବିଭାଗ ଟିମ ଭାଙ୍ଗିବା ସକାଶେ ପହଞ୍ଚିଥିବା କ୍ଷଣି ସେମାନଙ୍କୁ କେହି ବି ଉଚ୍ଛେଦ କରିପାରିବେ ନାହିଁ ବୋଲି କହିବା ସହ ଆବଶ୍ୟକ ହେଲେ ସେମାନେ ବିଷ ପିଇଦେବ ବୋଲି ଧମକ ଦେଇଥିଲେ। ଏହି ସମୟରେ ଚିଙ୍ଗୁଡ଼ି ଚାଷୀ, ଫାଇନାନ୍ସର୍ ଓ କେତେକ ସ୍ଥାନୀୟ ନେତା ଘେରି ଭଙ୍ଗା ସ୍ଥାନଠାରୁ କିଛି ଦୂରରେ ଏକଜୁଟ ହୋଇଥିଲେ। ଯୋଜନାବଦ୍ଧ ଭାବେ ଚିଙ୍ଗୁଡ଼ି ଘେରି ମାଲିକଙ୍କ ବିରୋଧ ଫଳରେ ବନ ବିଭାଗ ପଛଘୁଞ୍ଚା ଦେବାକୁ ବାଧ୍ୟ ହୋଇଥିଲା। ଫଳରେ ଆଜି ଘେରି ଭାଙ୍ଗି ନ ପାରି ବନ ବିଭାଗ ଫେରିଯାଇଛି।

ଭିତରକନିକା ଜାତୀୟ ଉଦ୍ୟାନର ଜୈବ ବିବିଧତା ବେଆଇନ ଚିଙ୍ଗୁଡ଼ି ଘେରି ପାଇଁ ନଷ୍ଟ ହେଉଛି। ସିଆରଜେଡ୍ ଆଇନ ଅନୁସାରେ ନଦୀ ଓ ସମୁଦ୍ରରେ ଜୁଆର ମାଡୁଥିବା ସ୍ଥାନରେ ୫ ଶହ ମିଟର ମଧ୍ୟରେ କୌଣସି ଚିଙ୍ଗୁଡ଼ି ଘେରି ରହିପାରିବ ନାହିଁ। ଇକୋ ସେନ୍ସିଟିଭ ଜୋନ ଆଇନ, ସିଆରଜେଡ୍ ଆଇନ, ଭିତରକନିକା ଜାତୀୟ ଉଦ୍ୟାନ ଆଇନ, ଭିତରକନିକା ଅଭୟାରଣ୍ୟ ଆଇନକୁ ଉଲ୍ଲଂଘନ କରାଯାଇ ନଦୀ କୂଳେ କୂଳେ ଏପରିକି ଭିତରକନିକା ଜାତୀୟ ଉଦ୍ୟାନ ଭିତରେ ଚିଙ୍ଗୁଡ଼ି ଘେରି ଭାଙ୍ଗିବା ସକାଶେ ନିର୍ଦ୍ଦେଶ ରହିଛି। ଗତ ୨୦ ତାରିଖରେ ୧୨ ଜଣଙ୍କର ୨୦ଟି ଘେରି ଓ ଗତକାଲି ୧୧ ଜଣଙ୍କର ୨୧ଟି ଚିଙ୍ଗୁଡ଼ି ଘେରି ବନ ବିଭାଗ ପକ୍ଷରୁ ଉଚ୍ଛେଦ କରାଯାଇଥିଲା। ଆଜି କନିକା ବନାଞ୍ଚଳର ସହକାରୀ ବନ ସଂରକ୍ଷକ ମାନସ କୁମାର ଦାସଙ୍କ ନେତୃତ୍ୱରେ ବନ ବିଭାଗର ୫୦ ଜଣ କର୍ମଚାରୀଙ୍କ ସହ ୩୦ ଜଣ ଶ୍ରମିକ ଘେରି ଭାଙ୍ଗିବା ସକାଶେ ପଟ୍ଟାପାରିଆରେ ପହଞ୍ଚିଥିଲେ। ମାତ୍ର ବନ ବିଭାଗ ଟିମ ପହଞ୍ଚିବା ପୂର୍ବରୁ ବିରୋଧ ପାଇଁ ପ୍ରସ୍ତୁତ ହୋଇ ରହିଥିଲେ ମହିଳା ଓ ଚିଙ୍ଗୁଡ଼ି ଘେରି ମାଲିକ। ବିରୋଧ ଭିତରେ ବନ ବିଭାଗ ଟିମ ଗୋଟିଏ ପମ୍ପ ଓ ୬ଟି ଏରିଟର ଜବତ କରିଥିଲେ ମଧ୍ୟ ଗୋଟିଏ ବି ଘେରି ଭାଙ୍ଗିବାରେ ସକ୍ଷମ ହୋଇନାହାନ୍ତି। ବନ ବିଭାଗ ଟିମ ଦୀର୍ଘ ସମୟ ଧରି ସେଠାରେ ରହିଥିଲେ ମଧ୍ୟ ଜୋରଦାର ବିରୋଧ ଯୋଗୁ ଶେଷରେ ଖାଲି ହାତରେ ଫେରିବାକୁ ବାଧ୍ୟ ହୋଇଛି। ପଟ୍ଟାପାରିଆ ବାତ୍ୟା ଆଶ୍ରୟସ୍ଥଳରେ ଚିଙ୍ଗୁଡ଼ି ଚାଷୀ ଓ ଫାଇନାନ୍ସର୍‌ମାନେ ଏକାଠି ହୋଇ ଘେରିଭଙ୍ଗା କାର୍ଯ୍ୟକୁ ଜୋରଦାର ବିରୋଧ କରିବେ ବୋଲି ମଧ୍ୟ ନିଷ୍ପତ୍ତି ନେଇଛନ୍ତି। ତେଣୁ ଆଗାମୀ ଦିନରେ ଏହି ଅଞ୍ଚଳରେ ବନ ବିଭାଗ କିପରି ଅବଶିଷ୍ଟ ଘେରିକୁ ଉଚ୍ଛେଦ କରିବ, ତା' ଦେଖିବାର କଥା।

## ଲୁଟିନେଲେ କିଲେ ସୁନା ଓ ଦେଢ଼ ଲକ୍ଷ ଟଙ୍କା

ବ୍ରହ୍ମପୁର,୨୫।୩(ସଂଚାର ବ୍ୟୁରୋ)ଃ କିଲେ ସୁନା ଓ ଦେଢ଼ ଲକ୍ଷ ଟଙ୍କା ଲୁଟିନେଲେ ଦୁର୍ବୃତ୍ତ। ଘରେ କଳାକନା ବୁଲାଇଦେଲେ ଲୁଟେରା। ବ୍ରହ୍ମପୁର ସହରର ବଡ଼ ବଜାର ଥାନା ଅନ୍ତର୍ଗତ ପ୍ରେମ ନଗରରେ ରହୁଥିବା ବ୍ୟବସାୟୀ ପି. ରାଜ ପ୍ରଭାକର ରାଓଙ୍କ ଘରୁ ବଡ଼ ଧରଣର ଲୁଟ ହୋଇଥିବା ଅଭିଯୋଗ ଆସିଛି। ଆଜି ସକାଳୁ ଲୁଟେରାମାନେ ତାଙ୍କ ଘରେ କଳାକନା ବୁଲାଇଦେଇଛନ୍ତି। ପ୍ରାୟ ୧ କିଲୋ ୨୦୦ ଗ୍ରାମର ଓଜନର ସୁନା ଅଳଙ୍କାର ଓ ନଗଦ ୧ ଲକ୍ଷ ୩୦ ହଜାର ଟଙ୍କା ଲୁଟି ନେଇଥିବା ଶ୍ରୀ ରାଓ ଅଭିଯୋଗ କରିଛନ୍ତି। ଘରର ମୁଖ୍ୟ ଗ୍ରୀଲରେ ପଡ଼ିଥିବା ତାଲା ଭାଙ୍ଗିବା ପରେ କବାଟ ତାଡ଼ି ଆଲମିରରାରୁ ସୁନା ଓ ଟଙ୍କା ଲୁଟ୍ ହୋଇଛି। ପରିବାର ଲୋକେ ୧୦ ଦିନ ହେଲା ବାହାରକୁ ଚାଲିଯାଇଥିବା ବେଳେ ପ୍ରଭାକର ଘରେ ଏକାକୀ ରହୁଥିଲେ। ତେବେ ଆଜି ଭୋର ସମୟରେ ସେ ବାହାରକୁ ଯାଇଥିବା ବେଳେ ଚୋରମାନେ ଏପରି କାଣ୍ଡ ଭିଆଇଛନ୍ତି। ତେବେ ଚୋରମାନେ ପାଖାପାଖି ୨୦ କିଲୋ ରୁପା ଅଳଙ୍କାରକୁ ଛାଡ଼ିଦେଇଥିବା ଶ୍ରୀ ରାଓ ସୂଚନା ଦେଇଛନ୍ତି। ଅଭିଯୋଗ ପାଇବା ପରେ ପୁଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ ସହାୟତାରେ ତଦନ୍ତ ଚଳାଇଛି।

## କାଳ ହେଲା କାଳବୈଶାଖୀ

୧୫ରୁ ଊର୍ଦ୍ଧ୍ୱ ପରିବାର ସର୍ବସ୍ୱାନ୍ତ



ଆନନ୍ଦପୁର,୨୫।୩(ସଂଚାର ବ୍ୟୁରୋ)ଃ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍‌ରେ ବୁଧବାର ଅପରାହ୍ନ ୩ଟା ସମୟରେ ହୋଇଥିବା କାଳବୈଶାଖୀ ପ୍ରଭାବରେ ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ପବନ, ଘଡ଼ଘଡ଼ି, ବର୍ଷା ଯୋଗୁଁ ଅନେକ ପରିବାର ସର୍ବସ୍ୱାନ୍ତ ହୋଇଯାଇଛନ୍ତି। ଆନନ୍ଦପୁର ବ୍ଲକର ଅନେକ ସ୍ଥାନରେ କାଳବୈଶାଖୀ ହୋଇଥିବା ବେଳେ ବିଶେଷକରି କଣ୍ଟିପାଳ ପଞ୍ଚାୟତର କଣ୍ଟିପାଳ ମହାପାତ୍ର ସାହିର ୧୩ରୁ ଊର୍ଦ୍ଧ୍ୱ ପରିବାର ପରିବାରର ଅନେକ କ୍ଷତିଗ୍ରସ୍ତ ହୋଇଛନ୍ତି। ଦିଲ୍ଲୀପ ନାଏକ, ରଞ୍ଜନ ନାଏକ, ଅଭିରାମ ନାଏକ, ରାଧୁଚରଣ ନାଏକ, ସଞ୍ଜୁଲତା ନାଏକ, ବିଶ୍ୱନାଥ ନାଏକ, ପ୍ରମିଳା ନାଏକ, ଅମ୍ବିକା ନାଏକ, ବାସନ୍ତୀ ବେହେରା, ପୁରସ୍ତମ ନାଏକ ଘର ଚାଳଛପର ଉଡ଼ାଇନେବା ସହ ଧାନ ଚାଉଳ ନଷ୍ଟ ହୋଇଯାଇଛି। ଘର ଭିତରେ ଥିବା ସମ୍ପୂର୍ଣ୍ଣ ଆସବାବପତ୍ର ନଷ୍ଟ ହୋଇଯାଇଛି। ସେହିପରି ବିରିଡିହା ଗ୍ରାମର ଉପର ହରିଜନ ସାହିର ନାଡ଼ି ଜେନା, ଭଜନ ଜେନା, ଜାନକୀ ଜେନା, କୃଷ୍ଣଚନ୍ଦ୍ର ବାରିକ, ସୁଦର୍ଶନ ସାହୁଙ୍କ ଘର ଚାଳ ଛପର ଉଡ଼େଇ ନେଇଯାଇଥିବା ସହ ଘର କାନ୍ଥ ପଡ଼ିଯାଇଛି। ସେହିପରି ବାରୁଆଁ ମୁଣ୍ଡା ସାହିର ଲକେ ହୋ'ଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ପରିବାର ଲୋକେ ସର୍ବସ୍ୱାନ୍ତ ହୋଇପଡ଼ିଛନ୍ତି।

ପରିବାରଗୁଡ଼ିକ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସହାୟତା ନିମନ୍ତେ ନିବେଦନ କରାଯାଇଛି। ଏ ବିଷୟରେ ଆନନ୍ଦପୁର ତହସିଲଦାର ପଲ୍ଲବୀ ପ୍ରିୟଦର୍ଶିନୀଙ୍କୁ ଯୋଗାଯୋଗ କରିବା ପରେ ସେ କହିଛନ୍ତି ଯେ ସ୍ଥାନୀୟ ରାଜସ୍ୱ ନୀରିକ୍ଷକଙ୍କୁ ଆମେ ଜଣାଇଛୁ, ତୁରନ୍ତ କ୍ଷୟକ୍ଷତି ରିପୋର୍ଟ ଦେବୁ। ଅନ୍ୟପକ୍ଷରେ ପରିବାରଙ୍କୁ ସରକାର ତରଫରୁ ସହାୟତା ଦେବା ସହ ଆବାସ ଯୋଜନାରେ ଅନର୍ଭୁକ୍ତ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଜିଏସ୍‌ଟି ସାମାଜିକ-ଆର୍ଥିକ ପ୍ରଭାବ ସଂକ୍ରାନ୍ତ ଆଲୋଚନାଚକ୍ର



ଭୁବନେଶ୍ୱର,୨୫।୩(ସଂଚାର ବ୍ୟୁରୋ)ଃନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡିଜ୍ (ଏନସିଡିଏସ୍), ଭୁବନେଶ୍ୱର ପକ୍ଷରୁ ଆଜି 'ଦ୍ରବ୍ୟ ଓ ସେବା କର (ଜିଏସଟି)ର ସାମାଜିକ-ଆର୍ଥିକ ପ୍ରଭାବ, ଦ୍ରବ୍ୟ ଓ ସେବା ବ୍ୟବହାର ପ୍ରଣାଳୀ, ମଧ୍ୟବର୍ଗ ଓ ନିକଟରେ ନିଜର ଆର୍ଥିକ ବିକାଶ ଫଳରେ ନୂତନ ଭାବେ ମଧ୍ୟମ ବର୍ଗକୁ ଆସିଥିବା ବର୍ଗ (ନିଓ ମିଡିଲ କ୍ଲାସ)ଙ୍କ ଉପରେ ଏହାର ପ୍ରଭାବ' ସମ୍ପର୍କିତ ଏକ ଜାତୀୟ କର୍ମଶାଳା ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ନୀତି ନିର୍ଦ୍ଧାରକ, ଅର୍ଥନୀତିଜ୍ଞ ଓ ଶିକ୍ଷାବିତ ଯୋଗ ଦେଇଥିଲେ। ଆଲୋଚନାଚକ୍ରର ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ବାଣିଜ୍ୟ କର ଓ ଜିଏସ୍‌ଟି କମିଶନର୍ ଯାମିନୀ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଫେସର ତଥା ଆର୍‌ବିଆଇ ଚେୟାର୍ ପ୍ରାଧ୍ୟାପକ ସୁଧାକର ପାତ୍ର ଓ ବିଶିଷ୍ଟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ଅତିରିକ୍ତ ଶାସନ ସଚିବ ଡଃ. ସତ୍ୟପ୍ରିୟ ରଥ ଯୋଗ ଦେଇଥିଲେ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଏନସିଡିଏସ ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ଦେଇ 'କର' ସୁଧାରକୁ କେବଳ ଆୟ ମାପକରେ ନୁହେଁ, ବରଂ ସେଗୁଡ଼ିକର ସାମାଜିକ ଓ ଆର୍ଥିକ ପ୍ରଭାବକୁ ମଧ୍ୟ ବିଶ୍ଳେଷଣ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଉଦଘାଟନୀ ଅଧିବେଶନ ଶେଷରେ ଏନସିଡିଏସ୍ ସଚିବ ରଶ୍ମି କବି ଧନ୍ୟବାଦ ଦେଇଥିଲେ। ଆଲୋଚନାଚକ୍ରରେ ଦୁଇଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ପ୍ରଥମରେ ଏନସିଡିଏସ୍‌ର ଗବେଷକମାନଙ୍କ ଦ୍ୱାରା ପ୍ରସ୍ତୁତ ଏକ ଗବେଷଣା ରିପୋର୍ଟ ଉପସ୍ଥାପିତ ହୋଇଥିଲା, ଯେଉଁଥିରେ ଜିଏସଟି ଅଧୀନରେ ପରିବର୍ତ୍ତିତ ଦ୍ରବ୍ୟ ଓ ସେବା ଉପଯୋଗ ଓ ବ୍ୟବହାର ସମ୍ପର୍କରେ ଦର୍ଶାଯାଇଥିଲା। ଏଥିସହ ଆରବିଆଇ ଚେୟାର ପ୍ରଫେସର ଓ ଆଇଆଇଟି ଭୁବନେଶ୍ୱରର ଜଣେ ସହଯୋଗୀ ପ୍ରଫେସରଙ୍କ ଦ୍ୱାରା ଦିଆଯାଇଥିବା ବିଶେଷଜ୍ଞ ଉପସ୍ଥାପନାରେ କର ପ୍ରଣାଳୀ ଓ ପରିବାରର ଆର୍ଥିକ ଆଚରଣ ସମ୍ବନ୍ଧୀୟ ଦୃଷ୍ଟିକୋଣ ଉପସ୍ଥାପନ କରାଯାଇଥିଲା।

ଦ୍ୱିତୀୟ ବୈଷୟିକ ଅଧିବେଶନ ପ୍ରଶାସନିକ ଓ ନୀତିଗତ ଦୃଷ୍ଟିକୋଣ ଉପରେ କେନ୍ଦ୍ରିତ ଥିଲା। ସିଟି ଏବଂ ଜିଏସଟି, ଓଡ଼ିଶାର ଯୁଗ୍ମ କମିଶନର, ଓଡ଼ିଶା ଏ କ୍ଷେତ୍ରରେ ବିଧି ଅନୁପାଳନ ଏବଂ ତାହାର ସାମାଜିକ-ଆର୍ଥିକ ପ୍ରଭାବ ସମ୍ବନ୍ଧରେ ବ୍ୟାବହାରିକ ଅନୁଭବ ଦର୍ଶାଇଥିଲେ। ସେହିପରି ଉଦଯାପନୀ ଅଧିବେଶନରେ ମଧ୍ୟମ ବର୍ଗର ସହନଶୀଳତା ଓ ସମାବେଶୀ କର ନୀତି ସମ୍ବନ୍ଧୀୟ ପ୍ରମୁଖ ଅନୁଭୂତିମାନଙ୍କର ନିଯ୍ୟାସ ସଂକଳନ କରାଯାଇଛି। ଏନସିଡିଏସ୍‌ର ସଚିବ ଉଦଯାପନୀ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ନିର୍ଦ୍ଦେଶକ ଶ୍ରୀ ମହାନ୍ତି ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଲୋଚନାଚକ୍ର ଶେଷରେ ଆବାହକ ଡଃ. ବିଶ୍ୱବାସ ପାତ୍ର ଧନ୍ୟବାଦ ଦେଇଥିଲେ।

ପ୍ରତିଷ୍ଠାତାଃ ଡାକ୍ତର ଦାମୋଦର ରାଉତ

Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକଃ ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକଃ ଅଜିତ କୁମାର ଦାଶ

## ଲଗାତାର ଦ୍ୱିତୀୟ ଦିନରେ ଷ୍ଟକ୍ ବଜାରରେ ଉତ୍ସାହ

# ସେନସେକ୍ସରେ ୧୨୦୫ ପଏଣ୍ଟ ବୃଦ୍ଧି



ମୁମ୍ବାଇ, ୨୫।୩: ଲଗାତାର ଦ୍ୱିତୀୟ ଦିନରେ ଷ୍ଟକ୍ ବଜାରରେ ଉନ୍ନତି ପରିଲକ୍ଷିତ ହୋଇଥିଲା। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୧,୨୦୫ ପଏଣ୍ଟ ବୃଦ୍ଧି ପାଇ ୭୫,୨୭୩ରେ ବନ୍ଦ ହୋଇଥିଲା। ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ମଧ୍ୟ ୩୯୪ ପଏଣ୍ଟ ବୃଦ୍ଧି ପାଇ ୨୩,୩୦୬ରେ ବନ୍ଦ ହୋଇଥିଲା। ଅଟୋ, ବ୍ୟାଙ୍କିଙ୍ଗ୍, ଧାତବ ଓ ଏଫ୍‌ଏମ୍‌ସିଜି କମ୍ପାନିଗୁଡ଼ିକର ସେୟାର ମୂଲ୍ୟରେ ବୃଦ୍ଧି ଘଟିଥିଲା। ଆମେରିକା ଓ ଇରାନ ମଧ୍ୟରେ ସକାରାତ୍ମକ ଆଲୋଚନା ଖବର ପ୍ରସାର ହେବା ଦ୍ୱାରା ବଜାର ଉତ୍ସାହିତ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଛନ୍ତି ଯେ ୱାସିଂଟନ ଏବଂ ତେହେରାନ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସହମତିରେ ପହଞ୍ଚିଛନ୍ତି। ବିଶ୍ୱ ସାରା ବଜାରରୁ ସକାରାତ୍ମକ ସଙ୍କେତ ନିବେଶକଙ୍କ ବିଶ୍ୱାସକୁ ବୃଦ୍ଧି କରିଛି। ପ୍ରାରମ୍ଭିକ କାରବାରରେ ପ୍ରାୟ ସମସ୍ତ ପ୍ରମୁଖ ଏସୀୟ ବଜାରରେ ଅଧିକ କାରବାର ହୋଇଥିଲା। ଅନ୍ୟ ପକ୍ଷରେ ଅଶୋଧିତ ତୈଳ ମୂଲ୍ୟ ୧୦୦ ଡଲାର ତଳକୁ ହ୍ରାସ ପାଇବା ମଧ୍ୟ ନିବେଶକମାନଙ୍କ ମନୋବଳ ବଢ଼ାଇଛି।

ଏସିଆ ମହାଦେଶରେ ଜାପାନର ନିକେଇ ସୂଚକାଙ୍କ ୨.୮୭% ବୃଦ୍ଧି ପାଇ ୫୩,୭୪୯ ପଏଣ୍ଟରେ ବନ୍ଦ ହୋଇଛି। ଦକ୍ଷିଣ କୋରିଆର କୋସ୍ପି ସୂଚକାଙ୍କ ୧.୫୯% ବୃଦ୍ଧି ପାଇ ୫୬୪୨ ପଏଣ୍ଟରେ ବନ୍ଦ ହୋଇଛି। ହଂକଂର ହ୍ୟାଙ୍ଗ ସେଙ୍ଗ ସୂଚକାଙ୍କ ୧.୦୯% ବୃଦ୍ଧି ପାଇ ୨୫,୩୩୫ ପଏଣ୍ଟରେ ବନ୍ଦ ହୋଇଛି। ଚୀନ୍‌ର ସାଂଘାଇ କମ୍ପୋଜିଟ୍ ସୂଚକାଙ୍କ ୧.୩୦% ବୃଦ୍ଧି ପାଇ ୩,୯୩୧ ପଏଣ୍ଟରେ ବନ୍ଦ ହୋଇଛି। ଆମେରିକାରେ ଡାଓ ଜୋନ୍ସ ୬୨ ପଏଣ୍ଟ ହ୍ରାସ ପାଇ ୪୬,୧୨୪ ପଏଣ୍ଟରେ ବନ୍ଦ ହୋଇଥିଲା। ନାସଦାକ୍ କମ୍ପୋଜିଟ୍ ୦.୮୪% ବୃଦ୍ଧି ପାଇ ୨୧,୭୬୧ ପଏଣ୍ଟରେ ବନ୍ଦ ହୋଇଛି। ଏସ୍‌ଆଣ୍ଡପି ୫୦୦ ସୂଚକାଙ୍କ ୨୪ ପଏଣ୍ଟ ବୃଦ୍ଧି ପାଇ ୬,୫୫୬ ପଏଣ୍ଟରେ ବନ୍ଦ ହୋଇଛି।



# ଉପହାରରେ ଦେଇହେବ ମ୍ୟୁଚୁଆଲ୍ ଫଣ୍ଡ୍ ଗିଫ୍ଟ କାର୍ଡ

ନୂଆଦିଲ୍ଲୀ, ୨୫।୩: ନିବେଶକୁ ସରଳ ଓ ଅଧିକ ସୁଲଭ କରିପାରୁଥିବା ଏକ ପଦକ୍ଷେପ ଭାବେ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ମ୍ୟୁଚୁଆଲ୍ ଫଣ୍ଡ ନିବେଶ ପାଇଁ ଗିଫ୍ଟ କାର୍ଡକୁ ଅନୁମତି ଦେବା ପାଇଁ ପ୍ରସ୍ତାବ ଦେଇଛି। ଖୁବ୍‌ଶୀଘ୍ର ଉପହାର ସପିଂ ଭାଉଚର ଭଳି ମ୍ୟୁଚୁଆଲ ଫଣ୍ଡ୍‌କୁ ମଧ୍ୟ ଅନ୍ୟକୁ ଉପହାର ଆକାରରେ ଦେଇପାରିବେ। ଏହା ଦ୍ୱାରା ନୂଆ ନିବେଶକମାନେ ବଜାରରେ ପ୍ରବେଶ କରିବା ସହଜ କରିବ। ବିଶେଷକରି ପାରମ୍ପରିକ ନିବେଶ ପ୍ରକ୍ରିୟାକୁ ଯେଉଁମାନେ ଜଟିଳ ଭାବୁଛନ୍ତି, ସେମାନେ ଏହାଦ୍ୱାରା ଉପକୃତ ହେବେ। ସେବି ଗିଫ୍ଟ ପ୍ରିପେଡ୍ ପେମେଣ୍ଟ୍ ଉପକରଣ (ପିପିଆଇ) ପ୍ରଚଳନ କରିବାକୁ ଚାହୁଁଛି। ଏହା ହେଉଛି ମୂଳତଃ ଏକ ପ୍ରିପେଡ୍ କାର୍ଡ କିମ୍ବା ଡିଜିଟାଲ୍ ଭାଉଚର ଯାହା ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ କରିବାକୁ ବ୍ୟବହାର କରାଯାଇପାରିବ। ମ୍ୟୁଚୁଆଲ ଫଣ୍ଡ୍ ଗିଫ୍ଟ କାର୍ଡକୁ ପରିବାର ସଦସ୍ୟ, ବନ୍ଧୁ ପରିଜନ, ସନ୍ତାନମାନଙ୍କୁ ଉପହାର ଆକାରରେ ଦିଆଯାଇପାରିବ। ସେହି କାର୍ଡକୁ ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ କରିବା ପାଇଁ ବ୍ୟବହାର କରିହେବ। ଜଣେ ବ୍ୟକ୍ତିଙ୍କୁ ବର୍ଷକୁ ସର୍ବାଧିକ ୫୦ ହଜାର ଟଙ୍କାର ଗିଫ୍ଟ କାର୍ଡ ଦିଆଯାଇପାରିବ। ସେହି ସୀମା ଅତିକ୍ରମ କଲେ ଗିଫ୍ଟ ଭାଉଚର ଆପେ ଖାରଜ ହୋଇଯିବ ଓ ସେଥିରେ ଜମା ଥିବା ଟଙ୍କା ବ୍ୟାଙ୍କ ଖାତାକୁ ଫେରିଯିବ। ସେହି କାର୍ଡକୁ କେବଳ ୟୁପିଆଇ ପେମେଣ୍ଟ୍ ଜରିଆରେ କିଣାଯାଇପାରିବ। ପାରମ୍ପରିକ ଭାବେ ସପିଂ କରିବା ପାଇଁ ଗିଫ୍ଟ ଭାଉଚର ଓ ପ୍ରିପେଡ ଭାଉଚର୍ ଜାରି କରାଯାଉଛି। ପ୍ରମୁଖ ଇ-କମର୍ସ ବ୍ୟାଙ୍କ, ବ୍ୟାଙ୍କ ଓ କାର୍ଡ ଜାରି କରୁଥିବା ସଂସ୍ଥା ଗିଫ୍ଟ କାର୍ଡ ଜାରି କରୁଛନ୍ତି। ସେହି ଢାଞ୍ଚାରେ ମ୍ୟୁଚୁଆଲ୍ ଫଣ୍ଡ୍ ଗିଫ୍ଟ କାର୍ଡ ଜାରି କରାଯିବ। ଏ ସଂକ୍ରାନ୍ତରେ ସେବି ପକ୍ଷରୁ ଆଲୋଚନା ପେପର ଜାରି କରାଯାଇଛି। ତାହା ଉପରେ ଏପ୍ରିଲ୍ ୧୪ ସୁଦ୍ଧା ଲୋକମାନଙ୍କ ମତାମତ ଆହ୍ୱାନ କରାଯାଇଛି।

# ସୋସିଆଲ ମିଡିଆ ଓ ଗେମିଂ ଆପ୍ ପାଇଁ କେୱାଇସି ବାଧ୍ୟତାମୂଳକ କରିବାକୁ ସଂସଦୀୟ କମିଟିର ପ୍ରସ୍ତାବ




ନୂଆଦିଲ୍ଲୀ, ୨୫।୩: ଭାରତରେ ସୋସିଆଲ ମିଡିଆ, ଡେଟିଂ ଆପ୍ ଓ ଅନଲାଇନ୍ ଗେମିଂ ପ୍ଲାଟଫର୍ମ ବ୍ୟବହାର କରିବାର ଶୈଳୀରେ ବଡ଼ ଧରଣର ପରିବର୍ତ୍ତନ ଆସିବାକୁ ଯାଉଛି। ବ୍ୟାଙ୍କ ଆକାଉଣ୍ଟ କିମ୍ବା ସିମ୍ କାର୍ଡ ପରି ଏବେ ଏହି ସବୁ ଡିଜିଟାଲ ପ୍ଲାଟଫର୍ମରେ ନିଜର ପରିଚୟ ପ୍ରମାଣିତ କରିବା ପାଇଁ କେୱାଇସି ପ୍ରକ୍ରିୟା ବାଧ୍ୟତାମୂଳକ ହୋଇପାରେ। ସାଇବର ଅପରାଧ ରୋକିବା ଏବଂ ବିଶେଷ କରି ମହିଳା ଓ ଶିଶୁମାନଙ୍କ ଅନଲାଇନ୍ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଏକ ସଂସଦୀୟ କମିଟି, ଆଇଟି ଏବଂ ଗୃହ ମନ୍ତ୍ରଣାଳୟକୁ ଏହି ଗୁରୁତ୍ୱପୂର୍ଣ୍ଣ ସୁପାରିଶ କରିଛି। ଯଦି ଏହି ପ୍ରସ୍ତାବ ଗୃହୀତ ହୁଏ, ତେବେ ବ୍ୟବହାରକାରୀଙ୍କୁ ନୂତନ ଆକାଉଣ୍ଟ ଖୋଲିବା କିମ୍ବା ଲଗ୍-ଇନ୍ କରିବା ପୂର୍ବରୁ ସରକାରୀ ପରିଚୟ ପତ୍ର ମାଧ୍ୟମରେ ନିଜର ସତ୍ୟତା ପ୍ରତିପାଦନ କରିବାକୁ ପଡ଼ିବ।

ବର୍ତ୍ତମାନ ସମୟରେ ନକଲି ଆକାଉଣ୍ଟ ମାଧ୍ୟମରେ ସାଇବର ଷ୍ଟକିଂ, ହଇରାଣ କରିବା ଓ ଆର୍ଥିକ ଠକେଇ ଭଳି ଘଟଣା ବୃଦ୍ଧି ପାଉଛି। କମିଟିର ମତ ଅନୁଯାୟୀ, ଅନେକ ସମୟରେ ଅପରାଧୀମାନେ ନିଜ ପରିଚୟ ଲୁଚାଇ ମହିଳା ଓ ପିଲାମାନଙ୍କୁ ଟାର୍ଗେଟ୍ କରିଥାନ୍ତି। କେୱାଇସି ବ୍ୟବସ୍ଥା ଲାଗୁ ହେଲେ ପ୍ରତ୍ୟେକ ଆକାଉଣ୍ଟ ଜଣେ ପ୍ରକୃତ ବ୍ୟକ୍ତିଙ୍କ ସହ ସଂଯୁକ୍ତ ରହିବ। ଯେତେବେଳେ ବ୍ୟବହାରକାରୀ ଜାଣିବେ ଯେ ସେମାନଙ୍କୁ ସହଜରେ ଟ୍ରାକ୍ କରାଯାଇପାରିବ, ସେତେବେଳେ ଅପରାଧିକ କାର୍ଯ୍ୟକଳାପରେ ହ୍ରାସ ଘଟିବ ବୋଲି ଆଶା କରାଯାଉଛି। ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ପ୍ଲାଟଫର୍ମଗୁଡ଼ିକରେ ବୟସ ଯାଞ୍ଚ ପ୍ରକ୍ରିୟା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ବିଶେଷ କରି ଡେଟିଂ ଓ ଗେମିଂ ଆପ୍ସରେ ନାବାଳକମାନେ ଯେପରି ଅନୁପଯୁକ୍ତ ବିଷୟବସ୍ତୁର ସଂସ୍ପର୍ଶରେ ନଆସନ୍ତି, ସେଥିପାଇଁ ସମୟ ସମୟରେ ପୁନଃ ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି। ଯେଉଁ କମ୍ପାନୀଗୁଡ଼ିକ ଏହି ନିୟମ ପାଳନ କରିବାରେ ବିଫଳ ହେବେ କିମ୍ବା ନିୟମ ଉଲ୍ଲଂଘନକାରୀଙ୍କୁ ପ୍ରଶ୍ରୟ ଦେବେ, ସେମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ବ୍ୟବସ୍ଥା ରହିଛି।

# ରନ୍ଧନ ଗ୍ୟାସ୍‌ର ବିକଳ୍ପ ହେବ ଇଥାନଲ୍

ନୂଆଦିଲ୍ଲୀ,୨୫।୩: ରନ୍ଧନ ଗ୍ୟାସର ବିକଳ୍ପ ହେବ ଇଥାନଲ। ଏବେ ଏଲ୍ପିଜି ଉପରେ ନିର୍ଭରତା କମ୍ କରିବା ପାଇଁ ଇଥାନଲ୍ର ବ୍ୟବହାର ପାଇଁ ପ୍ରସ୍ତୁତି ଚାଲିଛି। ସରକାର ଏଥାନଲ-ଭିତ୍ତିକ ଷ୍ଟୋଭ୍ ବା ଚୁଲା ନିର୍ମାଣ ଉପରେ କାର୍ଯ୍ୟ କରୁଛନ୍ତି। ମଙ୍ଗଳବାର ଖାଦ୍ୟ ଏବଂ ସାଧାରଣ ବଣ୍ଟନ ସଚିବ ସଞ୍ଜୀବ ଚୋପ୍ରା ଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏ ସୂଚନା ଦେଇଛନ୍ତି। ଚୋପ୍ରା କହିଲେ ଯେ, ଇଥାନଲ କେବଳ ଗାଡ଼ି ପାଇଁ ନୁହେଁ ବରଂ ଏବେ ଘରଗୁଡ଼ିକରେ ରନ୍ଧନ ପାଇଁ ବି ଏକ ସୁରକ୍ଷିତ ଏବଂ ଶସ୍ତା ବିକଳ୍ପ ହୋଇପାରେ। ଚୋପ୍ରା କହିଲେ ଯେ, ନିକଟରେ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରେ ଚାଲିଥିବା ସଂଘର୍ଷ କାରଣରୁ ଭାରତରେ ଗ୍ୟାସ ଯୋଗାଣ ପ୍ରଭାବିତ ହୋଇଛି। ହୋର୍ମୁଜ ଜଳପଥ ବନ୍ଦ ହେବା ଫଳରେ ମଧ୍ୟପ୍ରାଚ୍ୟରୁ ଗ୍ୟାସ ଆମଦାନି ବ୍ୟାହତ ହୋଇଛି। ଫଳରେ ତୃଣମୂଳ ସ୍ତରରେ ଏଲ୍ପିଜି ଅଭାବ ସ୍ଥିତି ଉପୁଯିଛି।

ଦର ବି ବଢ଼ିଛି। ଏହି ସଂକଟକୁ ଦୃଷ୍ଟିରେ ରଖି ସରକାର ଏବେ ଘରୋଇ ସ୍ତରରେ ପ୍ରସ୍ତୁତ ଏଥାନଲକୁ ରନ୍ଧନ ଇନ୍ଧନ ଭାବେ ପ୍ରୋତ୍ସାହନ ଦେଉଛନ୍ତି। ଖାଦ୍ୟ ଏବଂ ସାଧାରଣ ବଣ୍ଟନ ସଚିବ ଆହୁରି କହିଲେ ଯେ, ଇଥାନଲଭିତ୍ତିକ ଚୁଲାର କିଛି ପ୍ରାରମ୍ଭିକ ମଡେଲ ପ୍ରସ୍ତୁତ କରାଯାଇସରିଛି। ତେବେ ଏହି ପ୍ରକଳ୍ପ ଏବେ ପ୍ରାରମ୍ଭିକ ପର୍ଯ୍ୟାୟରେ ଥିବା ସେ ସୂଚନା ଦେଇଛନ୍ତି। ଚୋପ୍ରା କହିଲେ ଯେ, ଯଦି ଏହାକୁ ବଡ଼ ଆକାରରେ ଲାଗୁ କରାଯାଏ ତେବେ ଏହା ସୁନିଶ୍ଚିତ କରିବାକୁ ପଡ଼ିବ ଯେ, ଏହା ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ରହିବ ଏବଂ ଏହାର ଉପଲବ୍ଧତା ବଜାୟ ରହିବ। ଇଥାନଲ ଚୁଲାରେ ତରଳ ଇଥାନଲର ବ୍ୟବହାର ହୋଇଥାଏ। ଏହା ଏଲ୍ପିଜି ତୁଳନାରେ କମ୍ ପ୍ରଦୁଷଣ କରିଥାଏ ଏବଂ ଏହାକୁ ମହଜୁଦ କରିବା ମଧ୍ୟ ସହଜ। ଏଥାନଲ ଅତ୍ୟଧିକ ଜ୍ୱଳନଶୀଳ। ଏଥିପାଇଁ ଏହାର ଚୁଲାରେ ସ୍ୱତନ୍ତ୍ର ପ୍ରକାର ସୁରକ୍ଷା ବଲ୍ଭ ଏବଂ ବର୍ଣ୍ଣରର ଡିଜାଇନ କରାଯାଉଛି।



ସରକାର ଏହାର ଯୋଗାଣ ଶୃଙ୍ଖଳକୁ ପରଖିବା ପାଇଁ ଏକ ପ୍ରୟୋଗ କରିବାକୁ ଯାଉଛନ୍ତି। ଏହା ମାଧ୍ୟମରେ ଦେଶର ଏଥାନଲ ଉତ୍ପାଦନ ପ୍ଲାଣ୍ଟରେ ହିଁ ଇଥାନଲ କୁକିଂର ପରୀକ୍ଷଣ କରାଯିବ। ଦେଶରେ ଇଥାନଲ କାର୍ଯ୍ୟକ୍ରମକୁ ନେଇ ଚୋପ୍ରା କହିଲେ, ଯୋଗାଣ ମାମଲାରେ ଆମେ ଭଲ ଅଗ୍ରଗତି କରିଛୁ। ଏଯାବତ୍ ୩୦% ଇଥାନଲ ମିଶ୍ରଣ ଲକ୍ଷ୍ୟ ହାସଲ କରାଯାଇଛି। ଯୋଗାଣରେ କୌଣସି ପ୍ରକାର ଅଭାବ ନାହିଁ। ତେଣୁ ଚାହିଦା ବଢ଼ାଇବା ଉପରେ ସରକାର ଦୃଷ୍ଟି ଦେଉଛନ୍ତି। ସେ କହିଲେ ଯେ, ସରକାର ଡିଜେଲ ସହିତ ଇଥାନଲ ମିଶ୍ରଣ ଏବଂ ଟେକ୍ସ୍‌ଟାଇଲ ବାଇ-ପ୍ରଡକ୍ଟ ଭଳି ବିକଳ୍ପ ଉପରେ କାର୍ଯ୍ୟ କରୁଛନ୍ତି। ସରକାର ପିଡିଏସ୍ ଜରିଆରେ ଦିଆଯାଉଥିବା ଚାଉଳର ମାନରେ ସୁଧାର ଆଣୁଛନ୍ତି। ୫ ରାଜ୍ୟରେ ଏକ ପାଇଲଟ୍ ପ୍ରକଳ୍ପ ଆରମ୍ଭ କରାଯାଇଛି, ଯାହାଦ୍ୱାରା କଳରୁ ବାହାରୁଥିବା ଚାଉଳ ମଧ୍ୟରେ ଭଙ୍ଗା ଚାଉଳର ମାତ୍ରା ୨୫% ରୁ କମି ୧୦% ହୋଇଛି। ଏହାଦ୍ୱାରା ରାସନ୍କାର୍ଡଧାରୀଙ୍କୁ ଭଲ ଚାଉଳ ମିଳିବ। ଏହି ପ୍ରକ୍ରିୟା ଜରିଆରେ ଯେଉଁ ଅତିରିକ୍ତ ଭଙ୍ଗା ଚାଉଳ ମିଳିବ ତାହାକୁ ଇଥାନଲ ପ୍ରସ୍ତୁତକାରୀ କମ୍ପାନିଗୁଡ଼ିକୁ ଯୋଗାଇ ଦିଆଯିବ।

# ହୋଟେଲ୍, ରେସ୍ତୋରାଁରେ 'ଏଲ୍‌ପିଜି ଚାର୍ଜ' ନିଷିଦ୍ଧ

ନୂଆଦିଲ୍ଲୀ, ୨୫।୩: କେନ୍ଦ୍ରୀୟ ଗ୍ରାହକ ସୁରକ୍ଷା ପ୍ରାଧିକରଣ (ସିସିପିଏ) ହୋଟେଲ ଓ ରେସ୍ତୋରାଁଗୁଡ଼ିକ ପାଇଁ ଏକ ନୂତନ ପରାମର୍ଶାବଳୀ ଜାରି କରିଛି। ଏଥିରେ ଗ୍ରାହକଙ୍କ ବିଲ୍‌ରେ ଏଲ୍‌ପିଜି ଚାର୍ଜ, ଗ୍ୟାସ୍ ସରଚାର୍ଜ କିମ୍ବା ଏହିଭଳି ଅନ୍ୟାନ୍ୟ ଅତିରିକ୍ତ ଶୁଳ୍କ ଆଦାୟ କରିବାକୁ ନିଷେଧ କରାଯାଇଛି। ଗ୍ରାହକ ସୁରକ୍ଷା ଆଇନ, ୨୦୧୯ ଅନୁଯାୟୀ ଏହି ଅଭ୍ୟାସକୁ ଏକ 'ଅସାଧୁ ବ୍ୟବସାୟ ଅଭ୍ୟାସ ବୋଲି କୁହାଯାଇଛି।ଉପଭୋକ୍ତା ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ଏହି ପରାମର୍ଶାବଳୀରେ ନିର୍ଦ୍ଦେଶ ଦିଆଯାଇଛି ଯେ କୌଣସି ଶୁଳ୍କ ସ୍ୱୟଂଚାଳିତ ଭାବେ ଲାଗୁ କରାଯିବ ନାହିଁ। ଏଥିରେ ଦର୍ଶାଯାଇଛି ଯେ ଇନ୍ଧନ, ବିଦ୍ୟୁତ୍ ଓପରିଚାଳନା ଖର୍ଚ୍ଚ ଭଳି ଉପାଦାନଗୁଡ଼ିକ ବ୍ୟବସାୟର ମୋଟ ଖର୍ଚ୍ଚର ଏକ ଅଂଶ। ତେଣୁ ଏଗୁଡ଼ିକୁ ଖାଦ୍ୟ ତାଲିକା ମୂଲ୍ୟରେ ଅନ୍ତର୍ଭୁକ୍ତ କରାଯିବା ଉଚିତ। ତାହାକୁ ଗ୍ରାହକଙ୍କ ବିଲ୍‌ରେ ଅଲଗା ଭାବେ ଯୋଡ଼ାଯିବ ନାହିଁ।

ଏଲ୍‌ପିଜି ଚାର୍ଜ ଓ ସେହି ଧରଣର ଅତିରିକ୍ତ ଶୁଳ୍କ ସମ୍ପର୍କରେ ଜାତୀୟ ଗ୍ରାହକ ହେଲ୍‌ପଲାଇନ୍‌ରେ ମିଳିଥିବା ଅଭିଯୋଗ ଅନୁଯାୟୀ ଅନେକ ରେସ୍ତୋରାଁ ଖାଦ୍ୟର ଧାର୍ଯ୍ୟ ମୂଲ୍ୟ ଉପରେ ଏହି ଚାର୍ଜ ଯୋଡୁଥିଲେ ଯାହା ଗ୍ରାହକଙ୍କ ଉପରେ ଅଯଥା ବୋଝ ସୃଷ୍ଟି କରୁଥିଲା। ସିସିପିଏ ସ୍ପଷ୍ଟ କରିଛି ଯେ ପରିଚାଳନା ଖର୍ଚ୍ଚକୁ ପୃଥକ ବାଧ୍ୟତାମୂଳକ ଶୁଳ୍କ ମାଧ୍ୟମରେ ଆଦାୟ କରିବା ଗ୍ରାହକ ସୁରକ୍ଷା ଆଇନର ଧାରା ୨ (୪୭)ର ଉଲ୍ଲଂଘନ ଅଟେ। ମେନୁ କାର୍ଡରେ ପ୍ରଦର୍ଶିତ ମୂଲ୍ୟ ହିଁ ଚୂଡ଼ାନ୍ତ ମୂଲ୍ୟ ହେବା ଉଚିତ। ଏହି ନିୟମ ଉଲ୍ଲଂଘନ କରୁଥିବା ପ୍ରତିଷ୍ଠାନଗୁଡ଼ିକ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିସିପିଏ ସତର୍କ କରାଇ ଦେଇଛି। ଯଦି କୌଣସି ହୋଟେଲ ବା ରେସ୍ତୋରାଁ ଏପରି ଚାର୍ଜ ଦାବି କରନ୍ତି, ତେବେ ଗ୍ରାହକମାନେ ତାହାକୁ ହଟାଇବା ପାଇଁ ଅନୁରୋଧ କରିପାରିବେ। ଏହା ସତ୍ତ୍ୱେ ସମସ୍ୟା ସମାଧାନ ନହେଲେ ସେମାନେ ୧୯୧୫ ନମ୍ବରକୁ କଲ୍ କରି ଅଭିଯୋଗ କରିପାରିବେ।



## ଅସୁଲ କଲେ ହେବ କଠୋର କାର୍ଯ୍ୟାନୁଷ୍ଠାନ



# ଆଜିର ସୁନା ଦର

ଆଜି ସ୍ଥିର ରହିଛି ସୁନା ଓ ରୁପା ଦର। ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୫,୯୭୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୩,୮୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୫,୯୭୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୩୩,୮୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୪୫,୯୭୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ଦର ୧,୩୩,୮୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୪୬,୧୨୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୩୩,୯୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୮,୫୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୬,୨୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୫,୯୭୦ ଓ ୧,୩୩,୮୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୫,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୪ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି। ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ। ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ।

### ସରପଞ୍ଚ ବିରୋଧରେ ଗ୍ରାମବାସୀଙ୍କ ଗୁରୁତର ଅଭିଯୋଗ

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣ



**ସୁନ୍ଦରଗଡ଼, ୨୫।୩ (ସଂଚାର ବ୍ୟୁରୋ):** ଜିଲ୍ଲାର ଦର୍ଲିପାଲି ଗ୍ରାମପଞ୍ଚାୟତର ସରପଞ୍ଚଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଏନ୍‌ଟିପିସି ପ୍ରକଳ୍ପ ସମ୍ପର୍କିତ ମାମଲା ଉଚ୍ଚ ନ୍ୟାୟାଳୟରେ ଚାଲିଥିବା ସମୟରେ ସରପଞ୍ଚ ନଳିନୀ କୁମୁରା ନିଜ ପଦର ଅପବ୍ୟବହାର କରି କମ୍ପାନୀର ପକ୍ଷରେ କାମ କରୁଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ, ମାମଲା ଉଚ୍ଚ ନ୍ୟାୟାଳୟରେ ଚାଲିଥିବା ସତ୍ତ୍ୱେ ଅବୈଧ ଗ୍ରାମସଭା ଆୟୋଜନ କରାଯାଇ ଭୁଲ ତଥ୍ୟ ନ୍ୟାୟାଳୟରେ ପ୍ରଦାନ କରାଯାଇଛି। ଆରଟିଆଇ ରିପୋର୍ଟରେ ମଧ୍ୟ ଏହି ଗ୍ରାମସଭା ସମ୍ପର୍କିତ କୌଣସି ପ୍ରମାଣ ମିଳିନଥିବା ଦାବି କରିଛନ୍ତି ସେମାନେ।ଏନ୍‌ଟିପିସି ଅଧିକାରୀ ଓ ସରପଞ୍ଚ ମିଳିତ ଭାବରେ ଲୋକମାନଙ୍କୁ ଭୟ ଦେଖାଇ ପ୍ରସ୍ତାବ ଖାତାରେ ଜବରଦସ୍ତି ଦସ୍ତଖତ କରାଇଥିବା ଅଭିଯୋଗ ମଧ୍ୟ ଉଠିଛି। ଗ୍ରାମବାସୀମାନେ କହିଛନ୍ତି ଯେ, ଏହା ନେଇ ପୂର୍ବରୁ ପ୍ରଶାସନ ଓ ପୋଲିସଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଅନ୍ୟପଟେ, ସରପଞ୍ଚ ଗ୍ରାମବାସୀଙ୍କୁ ଧମକ ଦେଇ 'ପୋଲିସ ଓ ପ୍ରଶାସନ ମୋର କିଛି କରିପାରିବେ ନାହିଁ' ବୋଲି କହିଥିବା ମଧ୍ୟ ଅଭିଯୋଗ କରିଛନ୍ତି।ଏହାକୁ ନେଇ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ତତ୍କାଳ ହସ୍ତକ୍ଷେପ କରି ସରପଞ୍ଚଙ୍କୁ ପଦରୁ ବହିଷ୍କାର କରିବାକୁ ଦାବି କରିଛନ୍ତି। ଯଦି ଶୀଘ୍ର କାର୍ଯ୍ୟାନୁଷ୍ଠାନ ନ ନିଆଯାଏ, ତେବେ ଆଗାମୀ ଦିନରେ ଗ୍ରାମବାସୀ ଆନ୍ଦୋଳନକୁ ତୀବ୍ର କରିବେ ଏବଂ ପାଉଁଶ ପୋଖରୀ କୁ ବନ୍ଦ କରିବେ ବୋଲି ସଚେତନ କରିଛନ୍ତି।

### ଜଙ୍ଗଲ ଭିତରେ ଖଣି, ଭିତରେ ବିସ୍ଫୋରକ

# ବାରୁଦ ଗଦା ଉପରେ ବଢ଼ୁଛି ଜନବସତି




**ବରଗଡ଼, ୨୫।୩(ସଂଚାର ବ୍ୟୁରୋ):** ଖଣି ବନ୍ଦ ହେଲା, ହେଲେ ବିସ୍ଫୋରକ ସାମଗ୍ରୀ ନେବାକୁ ଭୁଲିଗଲା କମ୍ପାନୀ । ଚୂନ ପଥର ଖଣିରେ ଠୁଳ ହୋଇଛି ବିପୁଳ ଆମୋନିଆ ଓ ଜିଲୋଟିନ ଷ୍ଟିକ। କେତେବେଳେ ଯେ ଅଘଟଣ ଘଟିବ ତାର କିଛି ଠିକଣା ନାହିଁ । ବରଗଡ଼ ଜିଲ୍ଲା ଅମ୍ବାଭନା ବ୍ଲକର ଡୁଙ୍ଗୁରୀ ଚୂନ ପଥର ଖଣିରେ ଶହଶହ ଟନ୍ ବିସ୍ଫୋରକ ଏମିତି ପଡି ରହିଛି । ଯାହାକୁ ନେଇ ଗାଁରେ ସବୁବେଳେ ଭୟର ବାତାବରଣ । କୋଠରୀ ଭିତରେ ବନ୍ଦ ପଡ଼ିଛି ଟନ ଟନ୍ ଆମୋନିଆ, ହଜାର ହଜାର ଜିଲେଟିନ ଷ୍ଟିକ୍ । ବରଗଡ଼ ଜିଲ୍ଲା ଅମ୍ବାଭନା ବ୍ଲକର ଡୁଙ୍ଗୁରୀ ଚୂନ ପଥର ଖଣି ବନ୍ଦ ହେବା ପରେ ଅନେକ ଲୋକଙ୍କ ଘର ଉଜୁଡ଼ିଛି । ଅନେକ କ୍ଷତି ବି ହୋଇଛି । ହେଲେ ଏତିକିରେ କଥା ସରିନି । ସ୍ଥାନୀୟ ଲୋକଙ୍କୁ ବିପଦ ଭିତରକୁ ଠେଲି ଦେଇଛନ୍ତି ସିମେଣ୍ଟ କମ୍ପାନି । ପରିଚାଳନାଗତ ତ୍ରୁଟି ଯୋଗୁଁ ଗତ ତିନିବର୍ଷ ହେଲା ଡୁଙ୍ଗୁରି ଚୂନପଥର ଖଣି ଅଚଳ । ହେଲେ ଖଣି କାର୍ଯ୍ୟାଳୟ ଭିତରେ ରହିଯାଇଛି ବିପୁଳ ମାତ୍ରାରେ ଭୟଙ୍କର ବିସ୍ଫୋରକ । ଯାହା ଲୋକଙ୍କ ନିଦ ହଜାଇ ଦେଇଛି । ଚୂନପଥର ଖନନ ପାଇଁ ବିସ୍ଫୋରକ ଭାବେ ଆମୋନିଆ ରାସାୟନିକ ସହ ଜିଲୋଟିନ ଷ୍ଟିକ ବ୍ୟବହାର କରାଯାଉଥିଲା । ୩ ରୁ ୪ ବର୍ଷ ପୂର୍ବରୁ କିଣାଯାଇଥିବା ଏହି ବିସ୍ଫୋରକ ସବୁ ଏବେ ବ୍ୟବହାର ନହୋଇ ପଡିରହିଛି । ଏହାକୁ ନେଇ ସରକାରଙ୍କୁ ଅବଗତ କରାଇଥିଲେ ସୁଦ୍ଧା ବିସ୍ଫୋରକ କଢ଼ାଯାଉନଥିବା କହିଛନ୍ତି କମ୍ପାନି କର୍ତ୍ତୃପକ୍ଷ । ଏତେ ମାତ୍ରାରେ ବିସ୍ଫୋରକ ଥିଲେ ବି କାହାରି ଖାତିର ନାହିଁ । ଶହ ଶହ ଟନ ଆମୋନିଆ ସହ ହଜାର ହଜାର ଖଣ୍ଡ ଜିଲୋଟିନ ଷ୍ଟିକ । ନିରୀକ୍ଷଣ କରିବାକୁ କେହିନାହାନ୍ତି । ଯଦି କୌଣସି କାରଣରୁ ବିସ୍ଫୋରଣ ହୁଏ, ପୂରା ଡୁଙ୍ଗୁରୀ ଏବଂ ଆଖପାଖ ଅଞ୍ଚଳ ପାଉଁଶରେ ପରିଣତ ହୋଇଯିବ । ଗାଁ ଲୋକେ ବିଭାଗୀୟ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ବି କୌଣସି ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହୋଇଛି ।

## ଜନଗଣନା ତାଲିମ ଶିବିର



**ହିଞ୍ଜିଳିକାଟୁ, ୨୫।୩(ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ପୌର କାର୍ଯ୍ୟାଳୟ ପରିସରରେ ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା ସକାଶେ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପୌର ଅଧ୍ୟକ୍ଷ ସୁବାଷ ପୋଲାଇ, ପୌର ନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରା, ପୌର ଯନ୍ତ୍ରୀ ମୁକେଶ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ଦାଶ ଓ ସୁବ୍ରତ ମହାପାତ୍ର ଯୋଗ ଦେଇ ତାଲିମ ପ୍ରଦାନ କରିଥିଲେ। ୩ ଦିନ ପର୍ଯ୍ୟନ୍ତ ଏହି ତାଲିମ ଚାଲିବ। ହିଞ୍ଜିଳିକାଟୁ ମୁନିସିପାଲିଟିର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନେଇ ଏହି ତାଲିମ ଶିବିର ଆରମ୍ଭ ହୋଇଥିଲା।

## ଉପକୂଳ ସୁରକ୍ଷା ଅଭ୍ୟାସ ସାଗର କବଚ ୧ ଉଦଯାପିତ



**ପାରାଦୀପ, ୨୫।୩ (ସଂଚାର ବ୍ୟୁରୋ):** ଉପକୂଳ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ, ଓଡ଼ିଶା ସରକାରଙ୍କ ତତ୍ତ୍ୱାବଧାନରେ ଉପକୂଳ ସୁରକ୍ଷା ଅଭ୍ୟାସ 'ସାଗର କବଚ-୧ ୨୦୨୬ ବୁଧବାର ଉଦଯାପିତ ହୋଇଯାଇଛି। ଏହି ସମରାଭ୍ୟାସ ସମୟରେ, ସମସ୍ତ ସୁରକ୍ଷା ଏଜେନ୍ସି ସମେତ ବ୍ଲୁ ଫୋର୍ସ କଡ଼ା ସୁରକ୍ଷା ବଜାୟ ରଖିଥିଲେ ଏବଂ ସମୁଦ୍ର ଏବଂ ସ୍ଥଳଭାଗରେ ରେଡ୍ ଫୋର୍ସ ଉପାଦାନମାନଙ୍କ ଦ୍ୱାରା ଆକ୍ରମଣକୁ ପଣ୍ଡ କରିଥିଲେ।ସମସ୍ତ ସୁରକ୍ଷା ଏଜେନ୍ସି ଏବଂ ଅଂଶୀଦାର ମାନେ ଓଡ଼ିଶା ରାଜ୍ୟ ପାଇଁ ଉପକୂଳ ସୁରକ୍ଷା ସହିତ ଜଡିତ ମାର୍ଗଦର୍ଶିକା ଗୁଡ଼ିକୁ ବୈଧ କରିବାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ ଯାହା ଦ୍ୱାରା ଉପକୂଳ ସୁରକ୍ଷାରେ ଜଡିତ ବିଭିନ୍ନ କେନ୍ଦ୍ରୀୟ ଏବଂ ରାଜ୍ୟ ଏଜେନ୍ସି ଗୁଡ଼ିକର ପ୍ରୟାସ ଏବଂ ସମ୍ପତ୍ତିକୁ ନକଲ ନ କରି ସମନ୍ୱୟ କରାଯାଇ ଉପକୂଳ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯାଇପାରିବ।

## ପଣ୍ଡିତ ଦୀନଦୟାଲଙ୍କ ପ୍ରଶିକ୍ଷଣ ମହାଅଭିଯାନ ଉଦ୍‌ଯାପିତ



**ସାଲେପୁର, ୨୫।୩ (ସଂଚାର ବ୍ୟୁରୋ):** ଆଜି ସାଲେପୁର ନିର୍ବାଚନ ମଣ୍ଡଳୀର ରାମେଶ୍ୱର ମଣ୍ଡଳ ରେ ଭାରତୀୟ ଜନତା ପାର୍ଟି ର ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ୨୦୨୬ ଉଦଯାପିତ ହୋଇଯାଇଛି। ଏହି ଅଭିଯାନ ୨୪/୨୫ ତାରିଖ ଦୁଇ ଦିନଧରି ଅନୁଷ୍ଠିତ ଏହି ସଭାକୁ କଟକ ଜିଲ୍ଲା ସଭାପତି (ଗ୍ରାମୀଣ )ଶ୍ରୀଯୁକ୍ତ ରାମନାରାୟଣ ମହାନ୍ତି, ଜିଲ୍ଲା ଉପ ସଭାପତି ହିମାଂଶୁ ମହାନ୍ତି ସାଲେପୁର ବରିଷ୍ଠ ବିଜେପି ନେତା ଚୌଧୁରୀ ହେମନ୍ତ କୁମାର ସାହୁ, ବରିଷ୍ଠ ବିଜେପି ନେତା କୁଞ୍ଜମୋହନ ସେଠି, ରାମେଶ୍ୱର ମଣ୍ଡଳ ସଭାପତି ଶ୍ରୀମତି ସଂଗୀତା ଜେନା, ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରି ଥିଲେ। ଏହି ସଭାରେ ରାମେଶ୍ୱର ମଣ୍ଡଳ ର ପାଖାପାଖି ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ବିଜେପି ର ମୂଳଉତ୍ପତି କିପରି ହୋଇଥିଲା ଏବଂ ଜୀବନ ଶୈଳୀ ସହିତ ଭାରତୀୟ ଜନତା ପାର୍ଟି ର ଅନୁଶାସନ ଭିତରେ ରହି କିପରି ରାଷ୍ଟ୍ର ହିତ ଦିଗରେ କାର୍ଯ୍ୟ କରୁଛି ଏବଂ ଏହି ଦଳ କିପରି ଦୀର୍ଘ ଦିନ ଧରି ସରକାର ରହିପାରିବ ଓ ବିଜେପି ର ନୀତି ଆଦର୍ଶ ରେ ଅଧିକ ରୁ ଅଧିକ ଲୋକଙ୍କୁ ତଳ ସ୍ତରରେ ଅନୁପ୍ରାଣିତ କରି ଦଳର ଯୋଡ଼ା ଯାଇ ପାରିବ, ସରକାର ଙ୍କ ସମସ୍ତ ସୁବିଧା ସୁଯୋଗ କିପରି ସାଧାରଣ ଜନତା ଙ୍କ ପାଖରେ ପହଞ୍ଚି ପାରିବ ତାହା ଏହି ଦଳର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଦଳର ପ୍ରମୁଖ କାର୍ଯ୍ୟକର୍ତ୍ତା ଆଲୋଚନା କରିଥିଲେ। ଏହି ଉଦଯାପନୀ ସଭାକୁ କଟକ ଜିଲ୍ଲା ଗ୍ରାମୀଣ ସଭାପତି ରାମ ନାରାୟଣ ମହାନ୍ତି। ଏବଂ ସାଲେପୁର ବିଜେପି ନେତା ଅରିନ୍ଦମ ରାୟ, କଟକ ଜିଲ୍ଲା ପ୍ରଭାରୀ କିଶୋରେ ପଣ୍ଡା, କଟକ ଜିଲ୍ଲା ଗ୍ରାମୀଣ ସମ୍ପାଦକ ତାପସ ଜେନା ଓ ରାମେଶ୍ୱର ମଣ୍ଡଳ ସଭାପତି ସଂଗୀତା ଜେନା ପ୍ରମୁଖ ନିଜ ନିଜର ଅଭିଭାଷଣ ରଖିଥିଲି ।

## ନିଶ୍ଚିନ୍ତକୋଇଲିରେ ଅନନ୍ତ ନାରାୟଣୀ ମହାଯଜ୍ଞ

**ନିଶ୍ଚିନ୍ତକୋଇଲି, ୨୫।୩ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବସ୍‌ଷ୍ଟାଣ୍ଡ୍ ନିକଟରେ ୫ଦିବସ ବ୍ୟାପୀ ମା'କାମାକ୍ଷା ଦେବୀ ଓ ଅଷ୍ଟଭୁଜା କଲ୍‌କୀ ଅବତାରଙ୍କ ପୂଜାର୍ଚ୍ଚନା ମହାଯଜ୍ଞ ସନ୍ଥ ଶିରୋମଣି ଡକ୍ଟର ସ୍ୱାମୀ ଅରୁପାନନ୍ଦ ଦାସଜୀ ମହାରାଜ ଓ ଗୁରୁ ଚରଣାଶ୍ରିତ ସନ୍ଥ ନିର୍ଭୟାନନ୍ଦ ଦାସଜୀ ମହାରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହେଉଅଛି। ଏହି ମହାଯଜ୍ଞ ଉତ୍ସବ ତା.୨୩.୦୩.୨୦୨୬ ରିଖ ସୋମବାର ଠାରୁ ଆରମ୍ଭ ହୋଇଥିଲା ବେଳେ ତା.୨୭.୦୩.୨୦୨୬ରିଖ ଶୁକ୍ରବାର ଦିନ ଦଶମୀପୂଜା ଓ ବିସର୍ଜନ କାର୍ଯ୍ୟକ୍ରମ ରହିଛି ବୋଲି ଅନୁଷ୍ଠାନ ସୂତ୍ରରୁ ପ୍ରକାଶ। ଏହି ଯଜ୍ଞରେ ସୁବିଜ୍ଞ ପଣ୍ଡିତମାନଙ୍କ ଦ୍ୱାରା ବିଲ୍ୱାଧିବାସ, ସପ୍ତମୀ ପୂଜା, ମହାଷ୍ଟମୀପୂଜା, ମହାନବମୀ ପୂଜା ଏବଂ ୨୭ତାରିଖ ଶେଷ ଦିନ ଦଶମୀପୂଜା, ବିସର୍ଜନ ଆଦି କାର୍ଯ୍ୟକ୍ରମ ଯଥାବିଧି ରୀତିନୀତି ଅନୁଯାୟୀ କରାଯିବାର ବ୍ୟବସ୍ଥା ହୋଇଥିବା ଜଣାଯାଇଛି। ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ରବୀନ୍ଦ୍ର କୁମାର ରାଉତ, ରବୀନ୍ଦ୍ର କୁମାର ସାହୁଙ୍କ ସମେତ ସମସ୍ତ ଉଦ୍ୟୋକ୍ତା ଓ ସହଯୋଗୀ, ନିଶ୍ଚିନ୍ତକୋଇଲି ବଜାରର ସମସ୍ତ ବ୍ୟବସାୟୀ ବୃନ୍ଦ, ସ୍ଥାନୀୟ ଗ୍ରାମବାସୀ, ଗୁରୁ ଚରଣାଶ୍ରୀତ, ସମସ୍ତ ଭକ୍ତ ବୃନ୍ଦ ପୂର୍ଣ୍ଣ ସହଯୋଗ କରୁଛନ୍ତି।

# ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

### ସୁଚାରୁରୂପେ ସମ୍ପାଦନ କରିବାକୁ ଜିଲ୍ଲାପାଳଙ୍କ ଗୁରୁତ୍ୱାରୋପ



**ବାରିପଦା, ୨୫।୩ (ସଂଚାର ବ୍ୟୁରୋ):** ଆସନ୍ତା ପବିତ୍ର ରଥଯାତ୍ରା ସୁଚାରୁ ଓ ଶୃଙ୍ଖଳିତ ଭାବେ ପାଳନ କରିବା ପାଇଁ ବାରିପଦାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା। ଉକ୍ତ ବୈଠକରେ ଜିଲ୍ଲାପାଳ ହେମକାନ୍ତ ସୟ୍ ଚଳିତ ବର୍ଷ ରଥଯାତ୍ରା କୁ ସୁଚାରୁ ରୂପେ ସମ୍ପାଦନ କରିବା ସହ ରଥ ନିର୍ମାଣ ପାଇଁ ଆବଶ୍ୟକ କାଠ ଯୋଗାଡ କରିବାକୁ ବୈଠକରେ ଗୁରୁତ୍ୱାରୋପ କରିଛନ୍ତି। ଏହି ସମୟରେ ସଭାରେ ରଥଯାତ୍ରା ସମୟରେ ଶୃଙ୍ଖଳାବଦ୍ଧ ବ୍ୟବସ୍ଥା ପାଇଁ ପୁଲିସ ବ୍ୟବସ୍ଥାକୁ ସୁଦୃଢ଼ କରିବା, ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ବ୍ୟବସ୍ଥାପନା ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ତଥ୍ୟାଧାରିତ ଆଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆପାତକାଳୀନ ଚିକିତ୍ସା ସେବା, ଆମ୍ବୁଲାନ୍ସ ବ୍ୟବସ୍ଥା, ମେଡିକାଲ ଟିମ୍ ମୁତୟନ ଓ ଆବଶ୍ୟକ ଔଷଧର ଉପଲବ୍ଧତା ସୁନିଶ୍ଚିତ କରିବାକୁ କହାଯାଇଥିଲା। ଜଳ ଯୋଗାଣ, ପାନୀୟ ଜଳର ଗୁଣବତ୍ତା ଓ ସାନିଟେସନ ବ୍ୟବସ୍ଥାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ବିଦ୍ୟୁତ ବିଭାଗକୁ ନିରବିଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ଆଲୋକୀକରଣ ବ୍ୟବସ୍ଥା ଓ ଆପତ୍କାଳୀନ ସ୍ଥିତି ପାଇଁ ବିକଳ୍ପ ବ୍ୟବସ୍ଥା ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ପୌରସଂସ୍ଥା ପକ୍ଷରୁ ସଫେଇ, ଅଳିଆ ପରିଚାଳନା, ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା ଓ ସାର୍ବଜନୀନ ସ୍ୱଚ୍ଛତା ଉପରେ ଜୋର ଦିଆଯାଇଥିଲା।

### ବିଭିନ୍ନ ୱାର୍ଡରୁ ସାଧାରଣ ଲୋକମାନଙ୍କର ଆପ୍‌ରେ ଯୋଗଦାନ

# ଆଦିବାସୀ ଲୋକଙ୍କର ଅନ୍ୟ ଦଳ ଉପରେ କ୍ଷୋଭ



**ଢେଙ୍କାନାଳ, ୨୫।୩ (ସଂଚାର ବ୍ୟୁରୋ):** ଆମ୍ ଆଦମୀ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ କାମର ରାଜନୀତିରେ ଅନୁପ୍ରାଣିତ ହୋଇ ଅନେକ ବ୍ୟକ୍ତି ଦଳରେ ଯୋଗ ଦେଉଛନ୍ତି। ସେହିପରି ନୂତନ ଭାବେ ଗଠନ ହୋଇଥିବା ଗଁଦିଆ ଘଇଉ ର ବିଭିନ୍ନ ୱାର୍ଡରୁ ସାଧାରଣ ଲୋକମାନେ ମୌଳିକ ଅଧିକାରରୁ ବଞ୍ଚିତ ହୋଇ ଅନ୍ୟ ଦଳ ମାନଙ୍କ ବିରୋଧରେ କ୍ଷୋଭ ପ୍ରକାଶ କରି ଆମ୍ ଆଦମୀ ପାର୍ଟିରେ ଯୋଗଦେଇଥିଲେ। ସ୍ୱାଧୀନତାର ୭୯ ବର୍ଷ ପରେ ମଧ୍ୟ ଗଁଦିଆ ପଞ୍ଚାୟତ ଟେଣ୍ଟେଇ ପଦା ମୁଣ୍ଡାସାହି ଆଦିବାସୀ ମାନେ ଏବେ ଗାଁ ଠାରୁ ଏକ କିଲୋମିଟର ଦୂରରେ ଥିବା ନାଳରେ ଚୁଆ ଖୋଳି ପାଣି ପିଉଛନ୍ତି। ଗାଁ ରେ ଗୋଟିଏ ନଳକୂପ ଅଛି ତାର ପାଣି ଦୁର୍ଗନ୍ଧ ଓ ଲୁହାଳିଆ ପାଣି ବାହାରୁଛି। ତେଣୁ ସେ ପାଣି ପିଇବା ଯୋଗ୍ୟ ନୁହେଁ। ଏବେ ମଧ୍ୟ ଆଦିବାସୀ ଲୋକମାନେ ଆବାସ ଯୋଜନାରେ ଘର ପାଇନାହାନ୍ତି। ଗାଁ ର ଜାନକୀ ଗୁଇଆ ଓ ତାଙ୍କ ସ୍ୱାମୀ କୋହଭରା କଣ୍ଠରେ ଖୁବ କ୍ଷୋଭ ପ୍ରକାଶ କରି ବିଜେପି, ବିଜେଡି ଦଳ ମାନଙ୍କୁ ଗାଳି ଗୁଲଜ କରିଥିଲେ। ସେମାନଙ୍କୁ ଘର ଖଣ୍ଡିଏ ମିଳିନାହିଁ। ହାତୀ ଭୟ ଥିବା ଏହି ଗାଁ ରେ ସ୍କୁଲ ନାହିଁ, ଅଙ୍ଗନବାଡି ନାହିଁ କି ରାସ୍ତା ଘାଟ ଭଲ ନାହିଁ। ମୋଟ ଉପରେ କହିବାକୁ ଗଲେ ଆଦିବାସୀ ଲୋକମାନେ କେବଳ ହାଣ୍ଡିଆ ପିଇ ପଥର ଖଣିରେ ମାଫିଆ ମାନଙ୍କ ପାଇଁ ପଥର କାଟୁଛନ୍ତି। ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବାପାଇଁ ପ୍ରଶାସନ ଚେଷ୍ଟା କରିନାହିଁ କି ଜନ ପ୍ରତିନିଧି ମାନେ ଚେଷ୍ଟା କରିନାହାଁନ୍ତି।

## ବାର୍ଷିକ ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା ପ୍ରଗତି ସମାରୋହ କାର୍ଯ୍ୟକ୍ରମ




**ଢେଙ୍କାନାଳ, ୨୫।୩ (ସଂଚାର ବ୍ୟୁରୋ):** ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ପିଏମ୍ ଶ୍ରୀ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳରେ ବାର୍ଷିକ ଅଲମ୍ପିକ ମୂଲ୍ୟବୋଧ ଶିକ୍ଷା ପ୍ରଗତି ସମାରୋହ କାର୍ଯ୍ୟକ୍ରମ -୨୦୨୬ ବିଦ୍ୟାଳୟର ସ୍ମାର୍ଟ ଶ୍ରେଣୀ ଗୃହରେ ଦିବା ୨ ଘଟିକା ସମୟରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମିନତୀ ଦେହୁରୀଙ୍କ ଆବାହକତ୍ୱରେ, ବ୍ରହ୍ମୋତ୍ରୀ ବିଶ୍ୱାଳ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଢେଙ୍କାନାଳଙ୍କ ମାର୍ଗଦର୍ଶନରେ, ଶାରୀରିକ ଶିକ୍ଷାଅଧିକାରୀ ତଥା କାର୍ଯ୍ୟକ୍ରମ ସଂଯୋଜକ ସୁଜାତା ପଟ୍ଟନାୟକଙ୍କ ପୌରୋହିତ୍ୟରେ ପିଏମ୍ ଶ୍ରୀ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳରେ ଏକ ଦିବସୀୟ ବାର୍ଷିକ ଅଲମ୍ପିକ ମୂଲ୍ୟବୋଧ ଶିକ୍ଷା ପ୍ରଗତି ସମାରୋହ କାର୍ଯ୍ୟକ୍ରମ -୨୦୨୬ ଉଦ୍ ଘାଟିତ ହୋଇ ଅପରାହ୍ନରେ ଉଦ୍ ଯାପିତ ହୋଇଯାଇଛି।ଏହି ଉପଲକ୍ଷେ ଅନୁଷ୍ଠିତ ଉଦ୍ ଘାଟନୀ ଓ ଉଦ୍ ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଢେଙ୍କାନାଳ ଜିଲ୍ଲା ଶିକ୍ଷାଅଧିକାରୀ ପରେଶ ଚନ୍ଦ୍ର ପାତ୍ର, ବ୍ରହ୍ମୋତ୍ରୀ ବିଶ୍ୱାଳ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଢେଙ୍କାନାଳ ଯୋଗଦାନ କରି ଏହି କାର୍ଯ୍ୟକ୍ରମର ଶୁଭ ଉଦ୍ ଘାଟନ କରିବା ସଙ୍ଗେ ସଙ୍ଗେ ସ୍ୱୀୟ ବକ୍ତବ୍ୟରେ ଏହି ଅଭିନବ କାର୍ଯ୍ୟକ୍ରମ ସମସ୍ତଙ୍କ ମଧ୍ୟରେ ବନ୍ଧୁତା, ସମ୍ମାନ ଓ ଉତ୍କର୍ଷତା ସୃଷ୍ଟି କରିବାପାଇଁ ସମର୍ଥ ହେବ ବୋଲି ଦୃଢ଼ ଆଶାପୋଷଣ କରିଥିଲେ। ଢେଙ୍କାନାଳ ଜିଲ୍ଲା ଶାରୀରିକ ଶିକ୍ଷାଅଧିକାରୀ ତଥା କାର୍ଯ୍ୟକ୍ରମ ସଂଯୋଜକ ସୁଜାତା ପଟ୍ଟନାୟକ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଉମେଶଙ୍କ ନାମରେ ସୋସିଆଲ ମିଡିଆରେ ମିଥ୍ୟା ଅପପ୍ରଚାର; ପ୍ରଦ୍ୟୁମ୍ନ ପାଢ଼ୀ ଗିରଫ

# ଏସପି ଅଫିସ ଘେରିଲେ ସଙ୍ଗଠନ କର୍ମକର୍ତ୍ତା



**ସୁବର୍ଣ୍ଣପୁର, ୨୫।୩ (ସଂଚାର ବ୍ୟୁରୋ):** ସାମାଜିକ ଗଣମାଧ୍ୟମରେ ବ୍ୟକ୍ତିଗତ ଆକ୍ଷେପ ତଥା ମିଥ୍ୟା ଖବର ପୋଷ୍ଟ କରି ଅପପ୍ରଚାର କରୁଥିବା ଅଭିଯୋଗ ନେଇ ସୋନପୁର ଜିଲ୍ଲା ରାମପୁର ଥାନାରେ ସ୍ଥାନୀୟ ଯୁବ ସମାଜସେବୀ ଉମେଶ ପୂଜାରୀ ଗତ ୧୯ ତାରିଖ ଅଭିଯୋଗ କରିଥିଲେ। ଶ୍ରୀ ପୂଜାରୀ ଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ନାମରେ ଗତ କିଛିଦିନ ହେଲା ପ୍ରଦ୍ୟୁମ୍ନ କୁମାର ପାଢ଼ୀ ନାମକ ଜଣେ ଯୁବକ ମିଥ୍ୟା ତଥା ଆପତ୍ତିଜନକ ବ୍ୟକ୍ତିଗତ ଆକ୍ଷେପ ଖବର ସାମଜିକ ଗଣମାଧ୍ୟମରେ ପୋଷ୍ଟ କରୁଥିବା ନେଇ ଶ୍ରୀ ପୂଜାରୀ ଥାନାର ଦ୍ୱାରସ୍ଥ ହୋଇଥିବା ବେଳେ ଆଉ ଜଣେ ସ୍ଥାନୀୟ ଯୁବକ ବିକି ମୁଖୀ ମଧ୍ୟ ଜାତିଆଣ ଆକ୍ଷେପ କରିଥିବା ନେଇ ଅଭିଯୋଗ କରିଥିଲେ। ସାମାଜିକ ଗଣମାଧ୍ୟମରେ ମିଥ୍ୟା ଅପପ୍ରଚାର କରି ମୋର ସାମାଜିକ ଛବିକୁ କଦର୍ଯ୍ୟ କରିବା ଓ ହୀନ ରାଜନୀତି ପାଇଁ ମୋତେ ଜାଣିଶୁଣି ବଦନାମ କରିବାର ଚକ୍ରାନ୍ତ କରୁଛନ୍ତି ବୋଲି ଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି। ସେ ରାମପୁର ହାଇସ୍କୁଲ ଖେଳ ପଡ଼ିଆ ନିକଟରେ ହଠାତ ଶ୍ରୀ ପାଢ଼ୀଙ୍କ ସହ ଦେଖା ହେବା ପରେ ଶ୍ରୀ ପୂଜାରୀ ମିଥ୍ୟା ପୋଷ୍ଟ କାହିଁକି କରୁଛୁ ବୋଲି ପଚାରିବାରୁ ୫୦ ହଜାର ଟଙ୍କା ଦେଲେ ପୋଷ୍ଟ ଡିଲିଟ କରିବି ବୋଲି ଧମକ ଦେବା ସହ ଉଭୟଙ୍କ ମଧ୍ୟରେ ବଚସା ହୋଇଥିବା ଅଭିଯୋଗରେ ଉଲ୍ଲେଖ ହୋଇଥିଲା ବେଳେ ପ୍ରଦ୍ୟୁମ୍ନ ପିସ୍ତଲ ଦେଖାଇ ମାରିଦେବାକୁ ଧମକ ଦେଇଥିବା ଶ୍ରୀ ପୂଜାରୀ ଦର୍ଶାଇଛନ୍ତି। ଘଟଣା ପରେ ଶ୍ରୀ ପୂଜାରୀଙ୍କ ସମର୍ଥକ, ସ୍ଥାନୀୟ ସମାଜସେବୀ, ବୁଦ୍ଧିଜୀବୀ, ଆଇନଜୀବୀ, ଯୁବଗୋଷ୍ଠୀ ଥାନାରେ ଏଫଆଇଆର ଦେବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ସେମାନେ କହିବା କଥା ଯେ ଶ୍ରୀ ପୂଜାରୀ ଜଣେ ସମାଜସେବୀ ତଥା ସ୍ଥାନୀୟ ଚାଷୀ ମାନଙ୍କ ସୁଖ ଦୁଃଖ ର ସାଥୀ ଅଟନ୍ତି। ଅଭିଯୋଗ ପାଇବା ପରେ ରାମପୁର ପୋଲିସ ମାମଲା ରୁଜୁ କରିବା ସହ ୨୦ ତାରିଖ ଶୁକ୍ରବାର ଦିନ ପ୍ରଦ୍ୟୁମ୍ନଙ୍କୁ ତାଙ୍କ ଘରୁ ଗିରଫ କରିଥିଲା। ତେବେ ନବ ନିର୍ମାଣ କୃଷକ ସଙ୍ଗଠନ ଏହି ଗିରଫଦାରୀକୁ ବେଆଇନ ଦର୍ଶାଇଛି।

## ଦକ୍ଷତା ବୃଦ୍ଧି ପାଇଁ ପ୍ରଶାସନ ପକ୍ଷରୁ ଏଆଇ କର୍ମଶାଳା



**ଖୋର୍ଦ୍ଧା, ୨୫।୩ (ସଂଚାର ବ୍ୟୁରୋ):** ଜିଲ୍ଲା ପ୍ରଶାସନିକ କାର୍ଯ୍ୟଧାରାକୁ ଅଧିକ ଆଧୁନିକ ଓ ସୁଦୃଢ଼ କରିବା ପାଇଁ ଖୋର୍ଦ୍ଧା ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ଦିନିକିଆ କାର୍ଯ୍ୟକ୍ଷମ ଉତ୍କର୍ଷତା ପାଇଁ କୃତ୍ରିମ ବୁଦ୍ଧିମତ୍ତା (ପ୍ରଶାସନିକ ଉତ୍କର୍ଷତା ପାଇଁ ଏ ଆଇ ଉପକରଣ) ଜନିତ କର୍ମଶାଳା ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଙ୍କ ଅଧ୍ୟକ୍ଷତାରେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି କର୍ମଶାଳା ଆଜି ପୂର୍ବାହ୍ନ ଘ ୯:୩୦ ମି ରୁ ଆରମ୍ଭ ହୋଇ ସନ୍ଧ୍ୟା ଘ ୫:୦୦ ଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟର (ଓକାକ୍) ଏବଂ ଓଡ଼ିଶା ବୁଦ୍ଧି ମତ୍ତା ନିଗମ ପ୍ରତିଷ୍ଠାନ (ଓ କେ ସି ଏଲ୍ ) ର ମିଳିତ ସହଯୋଗରେ ଏହି ପ୍ରଶିକ୍ଷଣ ଶିବିର ପରିଚାଳିତ ହୋଇଥିଲା। ଏଥିରେ ଜିଲ୍ଲାର ବିଭିନ୍ନ ବିଭାଗୀୟ ମୁଖ୍ୟ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀନିବାଶ ମହାନ୍ତି, ବନଖଣ୍ଡ ଅଧିକାରୀ, ମୁଖ୍ୟଉନ୍ନୟନଅଧିକାରୀ-ତଥା-ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ଶ୍ରୀ ଜ୍ୟୋତି ଶଙ୍କର ସାହୁ, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ଇ ଗଭର୍ନାନ୍ସ ଡେପୁଟୀ କଲେକ୍ଟର ଆର୍ତ୍ତତ୍ରାଣ ମଲ୍ଲିକ ଏବଂ ଅନ୍ୟାନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀ ମାନେ ଯୋଗ ଦେଇଥିଲେ। ଏଥି ସହ ବିଭିନ୍ନ ବିଭାଗୀୟ ଅଧିକାରୀ, ଜିଲ୍ଲାପାଳ ଏବଂ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଅଧିକାରୀ ମାନେ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ଜିଲ୍ଲା ଇ ଗଭର୍ନାଂସ ପରିଚାଳକ ମାନସ କୁମାର ବ୍ରହ୍ମା ପାୱାର ପଏଣ୍ଟ ଉପକରଣର ଓକାକ୍ ଏବଂ ଓାକେ ସି ଏଲ ସଂଶାଧକଙ୍କ ସହ ତାଲିମ ପ୍ରଦାନ କରିଥିଲେ ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ



**ବାଲିଅନ୍ତା, ୨୫।୩ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ଗଣ୍ଡିଲୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବାଲିଅନ୍ତା ଗୋଷ୍ଠୀ ଶିକ୍ଷା ଅଧିକାରୀ ଭକ୍ତ ବତ୍ସଳ ମହାପାତ୍ର, କାକରୁଦ୍ରପୁର ସରପଞ୍ଚ ସସ୍ମିତା ମଲ୍ଲିକ, ସମିତି ସଭ୍ୟ ମିଳିଲତା ବେହେରା, ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କ୍ଷୀରୋଦ ଚନ୍ଦ୍ର ନାୟକ, ଚମ୍ପେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶର୍ମିଷ୍ଠା ତ୍ରିପାଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲୋଚନ କୁମାର ସ୍ୱାଇଁ, ପ୍ରଦୀପ କୁମାର ବାରିକ, ରମେଶ ଚନ୍ଦ୍ର ମୁଦୁଲି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜୟନ୍ତ ବେହେରା ସଭାପତିତ୍ୱ କରିଥିଲେ। ବିଭିନ୍ନ କ୍ରୀଡାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ ।

# ଉପନିର୍ବାଚନ ସୁପରିଚାଳନା ପାଇଁ ୧୦୮ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କଲେ ଜିଲ୍ଲାପାଳ

**ନୂଆପଡ଼ା, ୨୫।୩ (ସଂଚାର ବ୍ୟୁରୋ):** ନୂଆପଡ଼ା ବିଧାନସଭା ଉପ-ନିର୍ବାଚନ- ୨୦୨୫ର ସଫଳ ପରିଚାଳନା ପାଇଁ ଆଜି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶ ୧୦୮ ଜଣ କର୍ମଚାରୀଙ୍କୁ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ଆୟୋଜିତ ଏକ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳ ତାଙ୍କର ବାର୍ତ୍ତାରେ କହିଥିଲେ ଯେ ପ୍ରଶାସନର ଅନ୍ୟନାମ ହେଉଛି ଗତିଶୀଳତା ଓ ସମ୍ବେଦନଶୀଳତା। କଷ୍ଟସାଧ୍ୟ ପରିସ୍ଥିତି ସତ୍ତ୍ୱେ ଜିଲ୍ଲାରେ ଶାନ୍ତିଶୃଙ୍ଖଳା ସହ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ସୁନିଶ୍ଚିତ କରିବାରେ ସମସ୍ତ କର୍ମଚାରୀଙ୍କ ନିଷ୍ଠାପର ଉଦ୍ୟମ, ଦଳଗତ ମନୋଭାବ ଓ ଦିନରାତି ପରିଶ୍ରମ ଅତ୍ୟନ୍ତ ପ୍ରଶଂସନୀୟ ଥିଲା। ସେ ଆହୁରି କହିଥିଲେ ଯେ ନୂଆପଡ଼ା ଜିଲ୍ଲା ପ୍ରଶାସନ ନିର୍ବାଚନ ପରିଚାଳନାରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଜାତୀୟ ସ୍ତରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଠାରୁ ପୁରସ୍କାର ଲାଭ କରିଥିବା ସହ ରାଜ୍ୟ ସ୍ତରରେ ମଧ୍ୟ ସମ୍ମାନିତ ହୋଇଛି। ସେହି ଜାତୀୟ "ଶ୍ରେଷ୍ଠ ନିର୍ବାଚନ ପରିଚାଳନା" ପୁରସ୍କାରକୁ ସମସ୍ତ ନିର୍ବାଚନ କର୍ମଚାରୀଙ୍କୁ ଉତ୍ସର୍ଗ କରିଥିଲେ। ଏହି ସମ୍ମାନ ନୂଆପଡ଼ା ଜିଲ୍ଲା ପ୍ରଶାସନର ପେଷାଦାରିତା, ସୁଦୃଢ଼ ସମନ୍ୱୟ ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ସମର୍ପଣକୁ ପ୍ରତିଫଳିତ କରିଛି ବୋଲି ସେ କହିଥିଲେ।

## ୨୦୨୭ ଜନଗଣନା ପାଇଁ ସମ୍ବଲପୁର ସଦର ତହସିଲ କାର୍ଯ୍ୟାଳୟରେ ପ୍ରଶିକ୍ଷଣ ପ୍ରସ୍ତୁତି

**ସମ୍ବଲପୁର, ୨୫।୩ (ସଂଚାର ବ୍ୟୁରୋ):** ଆସନ୍ତା ୨୦୨୭ ରେ ପ୍ରଥମ ପର୍ଯ୍ୟାୟ ଜନଗଣନା ନିମନ୍ତେ ସମ୍ବଲପୁର ସଦର ତହସିଲରେ ୩ଟି ପର୍ଯ୍ୟାୟରେ ପ୍ରଶିକ୍ଷଣ ଅନୁଷ୍ଠିତ ହେବ। ଏହି ପ୍ରଶିକ୍ଷଣ ଶିବିର ଚଳିତ ମାସ ମାର୍ଚ୍ଚ ୨୪ ତାରିଖରୁ ୨୬ ପର୍ଯ୍ୟନ୍ତ, ମାର୍ଚ୍ଚ ୩୦ ରୁ ଏପ୍ରିଲ ମାସ ୨ ତାରିଖ ପର୍ଯ୍ୟନ୍ତ ପିଏମ ଶ୍ରୀ ଉଚ୍ଚ ବିଦ୍ୟାଳୟ ଶାସନ ଠାରେ, ଏପ୍ରିଲ ୪ ରୁ ୭ ତାରିଖ ପର୍ଯ୍ୟନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ ଗୋଶାଳା ଠାରେ ଅନୁଷ୍ଠିତ ହେବ ବୋଲି ସ୍ଥିରୀକୃତ ହୋଇଛି। ଏହି ଶିବିରରେ ମୋଟ ୧୩୭ ଜଣ ପ୍ରଶିକ୍ଷକ ଓ ସୁପରଭାଇଜର ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହି ପର୍ଯ୍ୟାୟରେ ସଦର ତହସିଲଦାର ଅଭିଜିତ ମହନ୍ତ ଚାର୍ଜ ଅଫିସର, ଅତିରିକ୍ତ ତହସିଲଦାର ସଞ୍ଜୟ କୁମାର ସାହୁ ଓ ରଫିକ୍ ଅହମଦ ଫିଲ୍ଡ ଟ୍ରେନର ଭାବେ ଦାୟିତ୍ୱ ତୁଲାଇବେ ବୋଲି ଜଣାପଡ଼ିଛି।

# କେବଳ ମାର୍କ ପାଇଁ ନୁହେଁ, ଭଲ ମଣିଷ ହେବା ପାଇଁ ପଢ଼

### ପିଏମ୍ ଶ୍ରୀ ଜଗନ୍ନାଥ ନୋଡାଲ ଉପ୍ରା ବିଦ୍ୟାଳର ବାର୍ଷିକ ଉତ୍ସବ



**କାକଟପୁର /ଅସ୍ତରଙ୍ଗ, ୨୫।୩ (ସଂଚାର ବ୍ୟୁରୋ):** ଜୀବନ ବାଟ ଦେଖାଇଥାଏ ଶିକ୍ଷା। ଯେଉଁଠି ଶିକ୍ଷା ନାହିଁ ସେଠାରେ ପରିବର୍ତ୍ତନ ନାହିଁ। ଶିକ୍ଷା ହିଁ ମାନବ ସମାଜ କୁ ସଶକ୍ତ କରିଥାଏ ବୋଲି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ପିଏମ୍ ଶ୍ରୀ ଜଗନ୍ନାଥ ନୋଡାଲ ଉପ୍ରା ବିଦ୍ୟାଳୟ, ବନ୍ତିଲୋ ବାର୍ଷିକ ଉତ୍ସବ ରେ ଅତିଥି ମତ ଦେଇଛନ୍ତି।ବିଦ୍ୟାଳୟ କେବଳ ଶିକ୍ଷାର ସ୍ଥାନ ନୁହେଁ, ଏହା ପରିବର୍ତନ ଏକ ମନ୍ଦିର, ଜ୍ଞାନର ଭଣ୍ଡାର। ଯେଉଁଠାରେ ଉତ୍ତମ ଚରିତ୍ର ଗଠନ ଏବଂ ମୂଲ୍ୟବୋଧ ଶିକ୍ଷା ଦିଆଯାଏ। ଜୀବନବ୍ୟାପି ଶିକ୍ଷାର ମୂଳଦୁଆ ସହ ଆନନ୍ଦ ଦାୟକ ଏବଂ କାର୍ଯ୍ୟକଳାପ ଭିତ୍ତିକ ଶିକ୍ଷା ପାଇଁ ଆହ୍ୱାନ କରେ। ବରଂ ସମାଜର ନୈତିକ କର୍ତ୍ତବ୍ୟ ବୋଲି ପିଏମ୍ ଶ୍ରୀ ଜଗନ୍ନାଥ ନୋଡାଲ ଉପ୍ରା ବିଦ୍ୟାଳୟ, ବନ୍ତିଲୋ ରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ଅବସରରେ ମୁଖ୍ୟ ଅତିଥି ବୈଜ୍ଞାନିକ ରାଷ୍ଟ୍ରୀୟ ସୂଚନା କେନ୍ଦ୍ର ଶ୍ରୀଯୁକ୍ତ ଶଙ୍କର ପ୍ରସାଦ ଜେନା ମତବ୍ୟକ୍ତ କରିଛନ୍ତି। ପିଏମ୍ ଶ୍ରୀ ଜଗନ୍ନାଥ ନୋଡାଲ ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ନାରାୟଣ ପରିଡା ଙ୍କ ସଭାପତିତ୍ୱ ରେ ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ କରିବା ସହ ବିଦ୍ୟାଳୟ ତରଫରୁ ଅତିଥି ଙ୍କୁ ବୃକ୍ଷ ପ୍ରଦାନ ସହ ଉଦ୍‌ଘାଟନ କରିବା ସହିତ ଶିକ୍ଷାଦାନ କ୍ଷେତ୍ରରେ ଛାତ୍ର, ଛାତ୍ରୀ ଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ସ୍ଥିତି ସୁଦୃଢ଼ କରାଯିବା ଉଚିତ ବୋଲି କହିଥିଲେ।

# ଚାରିଧାମ



**ସତ୍ୟନାରାୟଣ ପ୍ରଧାନ**

ବୟସର ଅପରାହ୍ନରେ ବାପା ମାଆ ଦୁହିଁଙ୍କୁ ପୁଅଟି ତୀର୍ଥରେ ବୁଲାଇ ନେବାକୁ ଇଚ୍ଛା କରିଥିଲା ହେଲେ ଯିବା ପାଇଁ ହେଲେ ଟଙ୍କା ତାର ପ୍ରତିବନ୍ଧକ ହୋଇ ବାଟ ଓଗାଳି ଛିଡା ହୁଏ। ପରିବାର ବୋଝ ଉଠାଇଲା ବେଳକୁ ସକାଳେ ଯାଇ ସନ୍ଧ୍ୟାରେ ଘରକୁ ଫେରିବା ପାଇଁ ପଡେ। ସେଥିରେ ପୁଣି ପିଲା ଛୁଆଙ୍କ ଅଳି ଫେରିଲା ବେଳେ କହିଥିବା ଖାଇବା ଜିନିଷ ଆଣିବାକୁ। ଦିନକୁ ଦିନ ବୟସ ବଢିବା ସାଙ୍ଗକୁ ସେମାନଙ୍କ ଦେହ ପା ଖରାପ ହେବା ତ ସ୍ୱାଭାବିକ କଥା। ଶେଷ ସମୟରେ କେହି କାହାରିକୁ ଛାଡ଼ି ଚାଲି ଯିବା ପାଇଁ ମୋଟେ ପ୍ରସ୍ତୁତ ନ ଥିଲେ। ସେ ପିଲାଦିନେ ବାପା ବୋଉ ସାଙ୍ଗରେ ଡଙ୍ଗାରେ ବସି ନଦୀ ପାରି ହୋଇ ସେପାଖ ଗାଁରେ ଥିବା ପ୍ରସିଦ୍ଧ ନାରାୟଣ ଗୋସାଇଁ ଦେଖିବାକୁ ଯାଇଥିବା ତାର ମନେ ପଡି ଯାଇଥିଲା। ପ୍ରତିବର୍ଷ ମହାବିଷୁବ ସଂକ୍ରାନ୍ତିରେ ଯାତ୍ରା ଅନୁଷ୍ଠିତ ହୁଏ। ପୂର୍ବ ଭଳି ସେ ଦୁଇ ଗାଁ ମଝିରେ ବହି ଯାଇଥବା ନଦୀ ଉପରେ ପୋଲ ତିଆରି ହୋଇ ଲୋକମାନଙ୍କ ଯାତାୟାତ ଆହୁରି ସୁବିଧା ହୋଇ ଯାଇଥିଲା। ପାଖରେ ଗାଡିର ସୁବିଧା ନ ଥିବାରୁ ନିଜ ବନ୍ଧୁ ଠାରୁ ଧାନ ଚାଉଳ ବୋହୁଥିବା ଟ୍ରଲି ମାଗି ନିଜେ ଚଲାଇ ନେବାକୁ ମନରେ ଚିନ୍ତା କରିଥିଲା। ସେ ଯେଉଁଦିନକୁ ଅପେକ୍ଷା କରିଥିଲା ତାହା ଆସି ପହଞ୍ଚି ଗଲା ବାପା ବୋଉଙ୍କୁ ସେଠାକୁ ନେଇ ଠାକୁର ଦର୍ଶନ କରାଇ ପୁଣି ଘରକୁ ଯଥା ସମୟରେ ପ୍ରତ୍ୟାବର୍ତ୍ତନ କରିଥିଲା। ବାପା ମାଆ ପୁଅର ଦୁଃଖ ଦେଖି ଅନେକ ଦିନ ଆଗରୁ ଦେଖିବା ପାଇଁ ଇଚ୍ଛା କରିଥିଲେ ବି କହି ପାରୁ ନ ଥିଲେ। ଜୀବନର ଆଶା ପୂର୍ଣ୍ଣ ହୋଇ ଥିବାରୁ ସେମାନେ ପୁଅକୁ ତୁ ଆମକୁ ଟିକେ ଠାକୁର ଦେଖାଇ ଆଣିଲୁ ସେଇଟା ଆମ ଲାଗି କେଉଁ ଚାରିଧାମ ଠାରୁ କମ୍ ନୁହେଁ। ପୁଅ ବାପା ମାଆଙ୍କ କଥା ଶୁଣି ଖୁସିରେ ଆଖିରୁ ତାର ଦୁଇ ଟୋପା ଲୁହ ଝରି ପଡିଥିଲା।

ଅଣ୍ଡିଆ, ଯାଜପୁର
ମୋବାଇଲ୍‌:୯୧୭୮୩୧୩୬୪୪



## ପଖାଳ କଂସାରେ ଓଡ଼ିଆ ସଂସ୍କୃତି

**ସ୍ୱାଗତିକା ସାହୁ**

ବିଦଗ୍ଧ ଧୁ ଧୁ ତାତିରେ ଯେବେ
ଶିରା ପ୍ରଶିରା ଜଳାଇ ହୁଏ ପାଣି
ଅମୀୟ ଅମୃତ ଆଧାର ଏ....
ପଖାଳ କଂସା ସବୁଠୁ ସୁଲଭ...!
ଓଡ଼ିଆ ସଂସ୍କୃତିର ବାସ୍ନାରେ
ବାସ୍ନାୟୀତ ନିତିଦିନିଆ ବନ୍ଧୁ
ପଖାଳ କଂସା ଗରିବର ସାଥି...
ସାତ୍ତ୍ୱିକ ଖାଦ୍ୟ ଆହାର
ବିମୁଗ୍ଧ ପ୍ରାଣ ତୋଳେ...

ଅନ୍ତହୀନ ପରିତୃପ୍ତିର ସମ୍ଭାର
ସତେକି ମହୋଷଧି ପ୍ରଲେପ
ଅନେକ ରୋଗର ରାମବାଣ
ହୃଦୟେ ଝରାଏ ଭାବ ଅମୃତ...!
ଓଡ଼ିଆଙ୍କ ସେ ତ ପାରମ୍ପାରିକ
ଶ୍ରୀଜିଉଙ୍କ ନିକଟେ ପଖାଳ ଲାଗି
ଶ୍ରେଷ୍ଠ ମହକ ସେ ଟଙ୍କ ତୋରାଣି
ବଡ଼ ଠାକୁରଙ୍କ ଭାରିପ୍ରିୟ ପଖାଳ
ଦିଏ ସ୍ୱତନ୍ତ୍ର ପରିଚୟ... !!
ମାଟି ପିଣ୍ଡା ରୁ ପଞ୍ଚତାରକା ହୋଟେଲ
କି ଗରିବ କି ଧନୀ
ଉଦର ହୁଅଇ ଶିକ୍ତ....!

ପ୍ରତି ଓଡ଼ିଆଙ୍କ ପ୍ରୀୟ ଓ ଗର୍ବ ଓ ପ୍ରାଣ
ଚାଷିପୁଅ ଖୋଜେ ସକାଳୁ ସଜ...
ମାଁ ହାତ ପଖାଳ ଆହାକି ମଞ୍ଜ
ପରସି ଦଏରେ ପଖାଳ ସହ
ବଡ଼ିଚୁରା କୁ ବାଇଗଣ ଭରତା
ତା ସହ ଲେଉଟାଣି ଶାଗଭଜା ଆଉ
ଭେଣ୍ଡି ବେଶର କୁ ସଜଭଜା ଭଜି
ସୁପକ୍ୱ ରସାଳ ଆମ୍ବ ଯଦି ଥାଏ
ରାନ୍ଧି ଖୁଆଇବା ମଜାଟା ନିଆରା ହୁଏ...!

ଖୁସିର ମାଦକ ରସଟା
ଜମିଯାଏ ଯେବେ ବଡଙ୍କ
ଥାଏ ଆଶୀଷ ଓ ହସ..!
ଟଙ୍କ ପଖାଳର ମୂଲ ଅମୂଲ୍ୟ
ମନ ଗାଏ ତୃପ୍ତିର ମଲ୍ଲାର
ଉତ୍ ଫୁଲ୍ଲୀତ ପୀୟୂଷ ଧାରେ
ଲାଗେ ଖଟା ମିଠା....
ଏ କ୍ଷଣ ସ୍ଥାୟୀ ଜୀବନେ
ଏଇ କିଛି ଅଛି,ଏଇ କିଛି ନାହିଁ
ବାଣ୍ଟି ସ୍ନେହ ପ୍ରେମ ପୀରତି
ସାଉଁଟିବା ଅନ୍ତରଙ୍ଗ ଅନୁଭୂତି
ପ୍ରତି ଓଡ଼ିଆଙ୍କ ହୃଦ କନ୍ଦରେ
ଅପଣାର ଭିତରେ ଖୁସିର ଉତ୍ସକୁ
ନିଶ୍ଚିତ ପାଇବା ସୁବୁ ସ୍ଥିତିରେ..!

ଉମରକୋଟ,ନବରଙ୍ଗପୁର






## ସମୟ

**ପୁଷ୍ପଲତା ମିଶ୍ର**

ଧରା ଦିଏ ନାହିଁ ସମୟ ଟି ସତେ
ରାତି ଯାଉ ପଛେ ପାହି,
ତା ସୁଅ ରେ ଭାସେ ଅପେକ୍ଷା ନ କରେ
ତାକୁ ଛୁଇଁ ହୁଏ ନାହିଁ।।
ସମୟ କି ଯାଏ ଢେଉ ଖେଳି ଖେଳି
କରେନି କେବେ ଅପେକ୍ଷା,
ବଡ଼ ବଳବାନ ଏହି ତ ସମୟ
ଜୀବନେ ଦିଅଇ ଶିକ୍ଷା ।।
ସମୟ ର ସହ ଚାଲିବା ଶିଖିଲେ
ପାଦେ ପାଦେ ଥାଏ ରହି,
ସମୟ ନଉକା ଯାଏ ଅଙ୍କା ବଙ୍କା
ମନରେ ଥାଏ ସେ ରହି ।।
ଅତି ବଳବାନ ଏହି ଯେ ସମୟ
ଲେଖି ଦିଏ ଭାଗ୍ୟ ଫଳ,
ଝୁମ୍ପୁଡ଼ି ଘରକୁ କରଇ ଉଆସ
ସମୟ ସାଥିରେ ବଳ।।
ସମୟ ର ହାତେ ସରବେ ତ ବନ୍ଧା
ସମୟ ତ ବଳବାନ,
ସମୟ କୁ ଜଗି କର୍ମ କରିଗଲେ
ଆନନ୍ଦେ ବିତେ ଜୀବନ।।

ଭୁବନେଶ୍ୱର
ମୋବାଇଲ୍‌: ୯୩୩୮୨୯୪୬୫୭



## ଫଗୁଣ ଫେରିଗଲା ପରେ



**ଡ. ଶୁଭେନ୍ଦୁ ମେହେର**

ଫୁଲେଇ ଫଗୁଣ ଫେରିଗଲା ବୋଲି ମଳୟ ଯାଇଛି ହଜି
ଆମ୍ବ ବଉଳରେ ମହୁଲ ଫୁଲରେ ଲାଗିଛି ପ୍ରେମର ବାଜି ।
ପୀରତି କୁଞ୍ଜରେ ମହୁଆ ସଂଜରେ ଜହ୍ନର ନିବିଡ଼େ ଯାଇ
ଲୁଚି ରହିଗଲ ଲାସ୍ୟମୟୀ ଗୋ ବିରହ ଝାଞ୍ଜି ଦେଇ ।।

ଗୁମୁରି ଗୁମୁରି କାନ୍ଦେ ଋତୁରାଜ କୋମଳ ସ୍ପର୍ଶ ହେଜି
ସାଗର ବିଚିର ତତଲା ବାଲିରେ ବୁଲୁଛି ମୁକ୍ତା ଖୋଜି ।
ଧୋଇନାହିଁ ରଙ୍ଗ ଲିଭିନି ସେ' ଦାଗ ସ୍ନିଗ୍ଧ କୋମଳ ଛୁଆଁ
ଚୋରା ଚଇତାଳି ଭାରି ନିଉଛାଳି ଚୋରେଇ ନେଇଛି କିଆଁ ।।

ପାନ୍ଥଶାଳା ମୋ' ପଡ଼ିଅଛି ଖାଲି କାନ୍ଥରେ ରହିଛି ଦାଗ
ଚାନ୍ଦିନୀ ରାତିର ଚନ୍ଦ୍ରାତପରେ ଘଟିଲା କେଉଁ ପରାଗ ।
ଧୁ ଧୁ ଖରା ଆବୋରି ଧରିଲା ଖାଁ ଖାଁ ନଈ କୂଳ
ପଲାଶ ରୁଧିର ରୁନ୍ଧି ଧରିଛି ଶୂନଶାନ ଖରାବେଳ ।।

ପଦ୍ମବନର ପଦ୍ମଗନ୍ଧା ଗୋ ପଦ୍ମତୋଳାର ଡାକ
ଛାଇ ଛଳନାର ଛନ୍ଦ ଭିତରୁ ଦିଅ ଅମୀୟ ମହକ ।।

ଯାଲୋଏ
ସୁବର୍ଣ୍ଣପୁର
ମୋବାଇଲ୍‌: ୯୯୩୮୪୩୩୬୬୪





## ପ୍ରବାଦ ପୁରୁଷ

**ଅନୁପମା ବିଶ୍ୱାଳ**

ପ୍ରବାଦ ପୁରୁଷ ଉତ୍କଳର ବାସ
ସ୍ୱାଭିମାନୀ ଶୁଭ୍ର ରସ
ମାଟିରୁ ଆକାଶ ଉଡାଇଛ ଯଶ
କର୍ତ୍ତବ୍ୟେ ହୋଇ ସରସ।
ମାଟିର ସେବକ ଜ୍ଞାନର ମହକ
ଜନତାର ସୁଚିନ୍ତକ
ପୋଛିଛ ଲୋତକ ଦେଖାଇ ଆଲୋକ
ରଖିଛ ଜାତିର ଟେକ।
ଗଢିଅଛ ଜାତି ଢ଼ାଳି ଦେଶ ପ୍ରୀତି
ନରଖି କର୍ମେ ବିରତି
ସାହସ ଶକତି ଗୋଟି ସ୍ୱଚ୍ଛ ମୋତି
ଆଦର୍ଶ ନ୍ୟାୟ ମୂରତି।
ଶୁଭ ଦୂରଦୃଷ୍ଟି ଦେଇଅଛି ଭେଟି
ନୂତନ କଳିଙ୍ଗ ସୃଷ୍ଟି
ଏଇ ପୁଣ୍ୟ ମାଟି ପ୍ରଶଂସା ସାଉଁଟି
ଦେଖିଲା ବିମାନ ଘାଟି।
ନିଜ ଉଦ୍ୟମରେ ରାଜ୍ୟ ପ୍ରଗତିରେ
ବଢ଼ିଛି ହାତ ଶ୍ରଦ୍ଧାରେ
ଭିନ୍ନ ସଂସ୍ଥାନରେ ସାଧନା ପଥରେ
ନାମ ବିଶ୍ୱ ଦରବାରେ।
ଏ ମାଟି ପବନ ଝୁରେ ରାତିଦିନ
କରି ତୁମ କୀର୍ତ୍ତି ଗାନ
ବିଜୁ ବାବୁ ଆହେ ଏଇ ମାଟି କହେ
ଧନ୍ୟ ତୁମେ ଧନ୍ୟ ଧନ୍ୟ।

ସମ୍ବଲପୁର
ମୋବାଇଲ୍‌:୭୯୭୮୫୬୮୩୨୨





## ହିନ୍ଦୁସ୍ତାନୀ ମୁଁ

**ଡଃ ନାରାୟଣ ଚନ୍ଦ୍ର ସେନାପତି**

ହିଂସା ଦ୍ୱେଷ ନାହିଁ ମନରେ ମୋହର
ହୃଦୟରେ ନାହିଁ ଗ୍ଲାନି
ସେଥିପାଇଁ ପରା ସଭିଏଁ କୁହନ୍ତି
ମୁହିଁ ସଚ୍ଚା ହିନ୍ଦୁସ୍ଥାନୀ।

ହୀନତ୍ୱକୁ ଦୁରୁ ଘୃଣା କରେ ମୁହିଁ
ଉଚ୍ଚ ମୋର ଅଭିଳାଷା
ସେଥିପାଇଁ ପରା ଗୋଡାଏ ମୋ ପଛେ
ସେନେହ ପ୍ରୀତି ପ୍ରଶଂସା।

ଯେଉଁ ମାଟିରେ ମୁଁ ନେଇଛି ଜନମ
ସିଏ ସରଗ ସମାନ
ସେଥିପାଇଁ ପରା ଗରବେ ମୁଁ କହେ
ଜୟ ମାଆ ହିନ୍ଦୁସ୍ଥାନ।

ମୋ ପାଶେ ଅଚିହ୍ନା ଭେଦ ଭାବ ଛଳ
ଭାଇ ଚାରା ମୋ ପ୍ରକୃତି
ହିନ୍ଦୁସ୍ଥାନୀ ମୁହିଁ ଭକତି ସମ୍ମାନେ
ମଣେ ମୁଁ ମଣିଷ ଜାତି।
ପରଉପକାର ଅତିଥି ସତ୍କାର
ମୋ ହିନ୍ଦୁସ୍ଥାନ ଗହଣା

କୃତଜ୍ଞ ହୋଇ ମୁଁ ନିଃସ୍ୱାର୍ଥ ହୃଦୟେ
ଦିଏ ପ୍ରେମର ପାଉଣା।
ହିନ୍ଦ୍ ଉପସାଗର କୂଳରେ ମୋ ଘର
ସାଗର ମୋହର ଗୁରୁ
ଋଣୀ କରି ଦିଅ ଋଣୀ ହୁଅ ନାହିଁ
ଶିଖିଛି ତାହା ପାଖରୁ।

ଶିଖିଛି ମୋ ଦେଶୁ ଜାତି ଧର୍ମ ବର୍ଣ୍ଣ
ସବୁ ମୋ ପାଇଁ ସମାନ
ସେଥିପାଇଁ ପରା ପିତା ମାତା ଗୁରୁ
ଅତିଥି ମୋ ଭଗବାନ।

ଜୟ ହିନ୍ଦ୍ ନାରା ଆହୁରି ବି କେତେ
ସ୍ମରଣ କରେ ଅତୀତ
ଦେଶପ୍ରେମୀ ଜାତିପ୍ରେମୀଙ୍କୁ ଭାଳି ମୁଁ
ଛାତିକୁ କରେ ଶକତ।

ମୋ ହିନ୍ଦୁସ୍ଥାନର ଶିଶୁ ଠାରୁ ବୃଦ୍ଧ
ସ୍ୱାଭିମାନର ସମ୍ରାଟ
ଏ ରକ୍ତ କେବେବି ଭୀରୁତା ଶିଖିନି
ବଞ୍ଚି ରହିବା ପର୍ଯ୍ୟନ୍ତ।

ମୋ ଦେଶର କଳା ସାହିତ୍ୟ ସଂସ୍କୃତି
ଶିକ୍ଷା ଶିଳ୍ପ କୁ ଦେଖିଲେ
ଛାତି ଫୁଲେଇ ମୁଁ କହେ ହିନ୍ଦୁସ୍ଥାନୀ
ସ୍ୱର୍ଗ ମର୍ତ୍ତ୍ୟ ଓ ପାତାଳେ।

ହିନ୍ଦୁସ୍ଥାନୀ ମୁଁ ହାରିବା ଶିଖିନି
ଯାଉ ପଛେ କଟି ଶୀର
ଗର୍ବରେ କହିବି ଦେଖ ହେ ବିଶ୍ୱ
ସ୍ୱଚ୍ଛ ଆମ ଏ ସଂସ୍କାର।

ଜମ୍ବୁରା, କେନ୍ଦୁଝର



## ହୋଲି ଆସିଛି

**ଶାଶ୍ୱତୀ ହୋତା**

ଗୋଟିଏ ପାପୁଲିରେ ପାପୁଲାଏ
ସୂର୍ଯ୍ୟର ସୁନେଲି ରଙ୍ଗ
ଅନ୍ୟ ପାପୁଲିରେ ପୂର୍ଣ୍ଣିମା ଜହ୍ନର
ରୂପେଲି ରଙ୍ଗ ଭରି
ଭୋରରୁ କେହି ଜଣେ ଅଗଣାରେ
ଠକ୍ ଠକ୍ କବାଟ ବାଡେଉଛି....।।
ଦୋଳ ପୂର୍ଣ୍ଣିମାର ଶ୍ୟାମଲ ରଙ୍ଗରେ
ରଙ୍ଗେଇ ହୋଇ
ହେଇ ଦେଖ ହୋଲି ଆସିଛି ।।

ମାଁ କୁ ଖୋଜି ପାଇଥିବା ଶିଶୁଟିଏ ଭଳି
ବାତ୍ସଲ୍ୟ,ମମତାର ରଙ୍ଗରେ ଯୁତୁବୁତୁ
ଆଖିରେ ଅସୁମାରୀ ଆଶା
ମନରେ ଆନନ୍ଦର ଲହରୀ ଭରି
ହେଇ ଦେଖ ହୋଲି ଆସିଛି ।।

ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ର ଟିଏ ଭଳି
ଆତ୍ମଭିମାନ ଓ ଉତ୍ସାହ ରଙ୍ଗରେ
ଆଚ୍ଛାଦିତ
ଛାତିରେ ଅସରାଏ ଆହ୍ଲାଦ
ଓ ସ୍ୱପ୍ନ ସାକାର କରି ପାରିଥିବାର
ଏକ ଅଦ୍ଭୁତ ପ୍ରକାଶରେ ନିଜକୁ ଘେରି
ହେଇ ଦେଖ ହୋଲି ଆସିଛି।।

ଶୂନ୍ୟ ପଥରେ ,ପଥିକର ସାଥିଟିଏ
ହୋଇ
କୋରା ଆକାଶ ଛାତିରେ ଇନ୍ଦ୍ରଧନୁ
ବୋଳି
ପ୍ରକୃତିର ସିନ୍ଥିକୁ ଲାଲ ରଙ୍ଗରେ ସଜେଇ
ହେଇ ଦେଖ ହୋଲି ଆସିଛି ।।

ସାଗୁନଭାଡ଼ି, ନୂଆପଡ଼ା



## ଯୁଦ୍ଧ ଏକ ବିକୃତ ଭାବନା

**ପ୍ରତିଭା ଦାଶ**

ମନର ଯୁଦ୍ଧ ହେଉ ବା
ଦେଶ ଦେଶ ମଧ୍ୟରେ ଯୁଦ୍ଧ ହେଉ
ସବୁଥିରେ କ୍ଷତି ମଣିଷକୁ ହିଁ
ସହିବାକୁ ପଡିବ
ଉଭୟେ ମଣିଷର ଉନ୍ନତି,
ସ୍ୱଚ୍ଛଳ ଜୀବନଧାରଣ ପାଇଁ
ପ୍ରତିରୋଧକ ସାଜେ ।

ସମ୍ପତ୍ତି , ଲୋଭ , ଅହଂକାର
ନିଜର ସୀମାକୁ ବଢ଼ାଇବାର ଲାଳସା
ହିଁ ଏହି ଯୁଦ୍ଧର ମୂଳ କାରଣ
ନିଜ ନିଜର ପ୍ରାଧାନ୍ୟ ରଖୁଥିବା
ନିଜକୁ ମହାନ ଭାବୁଥିବା ଦେଶ
ନିଜସ୍ୱ ସ୍ୱାର୍ଥ ପାଇଁ
ନୀରିହ ଲୋକଙ୍କ ଜୀବନ ସହ
ଖେଳୁଛନ୍ତି ।


ମନରେ ନାହିଁ ଟିକିଏ ମଧ୍ୟ
ତାଙ୍କ ପାଇଁ ପଶ୍ଚାତାପ
ଅଛି କେବଳ ଜିଣିବାର ଆଶା ଓ ଆକାଂକ୍ଷା
ସେଥିରେ ଯିଏ ବଳିଦାନ
ଦେଉନା କାହିଁକି
ପାଠ ପଢ଼ି ବିଜ୍ଞ ହେଲେ ବି
ମନ ଓ ହୃଦୟରେ ସେମାନେ ଅଜ୍ଞ ।

କ'ଣ ବା ମିଳୁଛି
ଏଇ ବାହ୍ୟ ଚାକଚକ୍ୟରୁ
ଦୁଇ ଦେଶ ମଧ୍ୟରେ ଥିବା ପାଚେରୀ
ହଟିଗଲେ
ସେମାନେ ଦୁଇ ଦେଶର ମୁଖ୍ୟ ହୋଇ
ପାରନ୍ତି
ହେଲେ ସାଧାରଣ ଜନତା
ଯିଏ ନିଜର ସ୍ୱାମୀ, ପୁତ୍ର, ଭାଇକୁ
ହରେଇଛି
ତାଙ୍କ ଆଖିରେ ସର୍ବଦା
କୁକୁରଠୁ ବି ହୀନ ହୋଇଯାଆନ୍ତି ।

ଯୁଦ୍ଧ ଏକ ମାନବର ବିକୃତି ଭାବନା
ପୃଥିବୀର ଉନ୍ନତି ପରିବର୍ତ୍ତେ
ଆର୍ଥନୈତିକ ଅସୁବିଧା ସହ
ଲୋକଙ୍କ ମଧ୍ୟରେ ଆତଙ୍କ ଖେଳି ଯାଏ
ନା ସେମାନେ ଶାନ୍ତିରେ ରହିପାରନ୍ତି
ନା ଏକ ସୁସ୍ଥ ପରିବେଶ ମିଳିପାରେ ।

ମଣିଷ ଚିନ୍ତାଧାର ବଦଳାଇ
ଶାନ୍ତିପୂର୍ଣ୍ଣ ଭାବେ ରହିଲେ
ପୃଥିବୀର ସମସ୍ତେ ସୁଖ, ଶାନ୍ତି, ସ୍ୱଚ୍ଛଳରେ
ରହିପାରିବେ ।

ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ଡୁମେରପାଣି, ନୂଆପଡ଼ା





# ସିଡିଓ ଓ ପିଡିଙ୍କ ବିକାଶ କାର୍ଯ୍ୟର ସମୀକ୍ଷା



**ବିଷମକଟକ,୨୫।୩ (ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲାର ମୁଖ୍ୟ ବିକାଶ ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅକ୍ଷୟ ଖେମୁଣ୍ଡୁ ଆଜି ବିଷମକଟକ ବ୍ଲକ ମଧ୍ୟରେ ଚାଲୁଥିବା ବିଭିନ୍ନ ବିକାଶ କାର୍ଯ୍ୟର ସମଗ୍ର ସମୀକ୍ଷା କରିଛନ୍ତି। ବ୍ଲକ ସମ୍ମେଳନ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ସେ ଯୋଜନାଭିତ୍ତିକ ଭାବରେ କାର୍ଯ୍ୟର ପ୍ରଗତି ଓ ରୂପାୟନ ସ୍ଥିତିର ସମୀକ୍ଷା କରିଥିଲେ। ସମୀକ୍ଷା ହୋଇଥିବା ମୁଖ୍ୟ ଯୋଜନାମାନଙ୍କ ମଧ୍ୟରେ (ଏମଜିଏନଆରଇଜିଏ/ ଭିଭି-ଗ୍ରାମ-ଜି), ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମଏୱାଇ), ଏଜିୱାଇ, ବିଜିବିଓ, କେକେବିକେୱାଇ, ଏସଏଫସି, ସିଏଫସି ସହିତ ଅନ୍ୟାନ୍ୟ ରାଜ୍ୟ ଓ କେନ୍ଦ୍ର ପ୍ରଯୋଜିତ ଯୋଜନା ମାନ ରହିଥିଲା। ବିଶେଷକରି ପିଏମ-ଜନମନ, ଏଜିୱାଇ, ପିଏମଏୱାଇ ଓ ଏମଜିଏନଆରଇଜିଏ ଯାହା ଗ୍ରାମୀଣ ଉନ୍ନତିର ମୂଳ ଆଧାର ଭାବେ ଚିହ୍ନଟ କରାଯାଇଛି ଏବଂ ଯାହା ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କର ଏକ ଅଭୁତ ପ୍ରୟାସ, ତାହା ସମୀକ୍ଷା ବୈଠକରେ ଶୀର୍ଷ ପ୍ରାଥମ୍ୟ ଦିଆଯାଇଥିବା କୁହାଯାଉଛି ଓ ସମୀକ୍ଷା ପରେ ଶ୍ରୀ ଖେମୁଣ୍ଡୁ ଭାତପୁର ପଞ୍ଚାୟତ ଠାରୁ ଚାଟିକୋଣା ଓ ବିଷମକଟକ ପଞ୍ଚାୟତ ପର୍ଯ୍ୟନ୍ତ ପ୍ରାୟ ୪୦ କିଲୋମିଟର ଅଞ୍ଚଳରେ ବ୍ୟାପକ କ୍ଷେତ୍ର ବୁଲି ଯଥା ସ୍ଥିତି ପରୀକ୍ଷା କରିଥିଲେ। ସ୍ୱଳ୍ପ ସମୟରେ ଏତେ ବିଶାଳ ଅଞ୍ଚଳକୁ ପରିଦର୍ଶନ କରି ସେ ଭୌତିକ ଯାଞ୍ଚ ମାଧ୍ୟମରେ କାର୍ଯ୍ୟର ପ୍ରକୃତ ସ୍ଥିତି ନିରୀକ୍ଷଣ କରିଥିବା ସୂଚନା ରହିଛି ଓ ଏଥି ସହ ସେ ସ୍ଥାନୀୟ ଲୋକ ଓ ଅଧିକାରୀମାନଙ୍କ ସହିତ ଆଲୋଚନା କରି ବିକାଶ କାର୍ଯ୍ୟରେ କୌଣସି ବାଧା ଯେପରି ନ ହୁଏ ଏହା ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କର ଏହି ସକ୍ରିୟ ଅଭିମୁଖ୍ୟ ଶାସନ ବ୍ୟବସ୍ଥାର ପାରଦର୍ଶିତା ଓ ଦାୟିତ୍ୱବୋଧକୁ ଆହୁରି ଶକ୍ତିଶାଳୀ କରିଥିବା ବିଷମକଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପଟନାୟକ ପ୍ରକାଶ କରିଛନ୍ତି। ଏହା ସହିତ, ଆଗକୁ ହେବାକୁ ଥିବା ଜନଗଣନା କାର୍ଯ୍ୟକ୍ରମ ସମ୍ପର୍କରେ ସେ ଅଧିକାରୀମାନଙ୍କ ପ୍ରଶିକ୍ଷଣ ଓ ପ୍ରସ୍ତୁତି ବୃଦ୍ଧି ନେଇ ମଧ୍ୟ ଆଲୋଚନା କରିଥିବା ଜଣାପଡ଼ିଛି।

ଚାଲିଛି ମାଫିଆଙ୍କ ରାଜ୍

# ନଦୀ ପେଟ ଚିରି ଲୁଟ୍ ହେଉଛି ବାଲି

## ଦୁର୍ବଳ ହେଉଛି ନଦୀ ବନ୍ଧ



**ବରୀ,୨୫।୩ (ସଂଚାର ବ୍ୟୁରୋ):** ଅଞ୍ଚଳରେ ବଢ଼ିବାରେ ଲାଗିଛି ବାଲି ମାଫିଆଙ୍କ ରାଜ୍। ସରକାର ଓ ପ୍ରଶାସନକୁ ମାଫିଆଙ୍କର ଭୟ ନାହିଁ। ବରୀ ବଜାର ଦେଇ ତହସିଲ ଅଫିସ ଆଗରେ ବାଲି ଚୋରା ଚାଲାଣ କରୁଛନ୍ତି। ବିଂଝାରପୁର ମୁଖ୍ୟ ରାସ୍ତାରେ ଲୋକ ମାନଙ୍କ ଯାତାୟାତ ନିମନ୍ତେ ନୂଆ ନଈ ଶାଖା ବାଲୁଙ୍ଗାପାଟିଆ ନାଳ ଉପରେ ଏକ ସେତୁ ନିର୍ମାଣ କରାଯାଇଛି। ସେତୁର ଯେଉଁ ପିଲର୍ ରହିଛି ତାର ଶହେ ମିଟର ଭିତରେ ବାଲି ଉଠିଲେ ସେତୁ ପ୍ରତି ବିପଦ ରହିଛି। କିନ୍ତୁ ସେତୁ ନିକଟରୁ ପ୍ରତିଦିନ ଶହ ଶହ ଟ୍ରିପ୍ ଚୋରା ବାଲି ଚାଲାଣ ହେଉଛି।

ଯାହା ସେତୁର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ବାବଦରେ ଜଣାଇଲେ ପରେ ବି ବରୀ ତହସିଲଦାର ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି। ସେତିକିରେ ଅଟକିନାହାନ୍ତି ମାଫିଆ, ନିଜ ସ୍ୱାର୍ଥ ହାସଲ କରିବା ପାଇଁ ବାଲୁଙ୍ଗାପାଟିଆ ନଦୀ ବନ୍ଧକୁ କାଟି ଦେଇଛନ୍ତି। ଯାହାକୁ ନେଇ ରତଳାଙ୍ଗ, ମଠସାହି ଆଦି ଅଞ୍ଚଳରେ ବନ୍ୟା ଆଶଙ୍କା ନେଇ ଭୟଭୀତ ଅବସ୍ଥାରେ ଅଛନ୍ତି ଲୋକେ। ପୁଣି କଟାଯାଇଥିବା ବନ୍ଧ ନିକଟରେ ଜଳ ସମ୍ପଦ ବିଭାଗର କାର୍ଯ୍ୟାଳୟ ରହିଛି। ଯେଉଁଥିରେ ଅଧିକାଂଶ ସମୟରେ ତାଲା ଝୁଲୁଥାଏ। ଅଧିକାରୀମାନେ ବି କାର୍ଯ୍ୟାଳୟକୁ ଆସୁନଥିବା ଅଭିଯୋଗ ହୋଇଛି। ସରକାରୀ କାର୍ଯ୍ୟାଳୟ ନିକଟରେ ଚାଲିଥିବା ବେଆଇନ ଚାଲାଣ ଉପରେ ବାବୁଙ୍କ ନଜର କେମିତି ପଡୁନି? ନା ମାଫିଆଙ୍କ ସହ ବାବୁଙ୍କର ରହିଛି ଭିତିରି ବୁଝାମଣା? ଏମିତି ତମାମ ପ୍ରଶ୍ନ ଉଙ୍କି ମାରୁଥିବା ବେଳେ କଟା ଯାଇଥିବା ନଦୀ ବନ୍ଧକୁ ତୁରନ୍ତ ମରାମତି କରିବା ସହିତ ମାଫିଆଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

# ଜିଲ୍ଲାସ୍ତରୀୟ ରକ୍ତହୀନତା ସଚେତନତା ସ୍ୱାସ୍ଥ୍ୟ ଶିବିର



**ବଲାଙ୍ଗିର,୨୫।୩ (ସଂଚାର ବ୍ୟୁରୋ):** ଜିଲ୍ଲା ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ, ବାଣୀନିକେତନ, ରୋଡରେ ଆଜି ଜିଲ୍ଲା ସ୍ତରୀୟ ଏକଦିବସୀୟ ରକ୍ତହୀନତା ସଚେତନତା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଉଚ୍ଚଶିକ୍ଷା ବିଭାଗ, ଓଡିଶା ସରକାରଙ୍କ ସହଯୋଗରେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ବଲାଙ୍ଗିରର ମିଳିତ ଆନୁକୁଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଦଶଟି ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ଛାତ୍ରୀ ଓ କାର୍ଯ୍ୟକ୍ରମ ଅଧିକାରୀବୃନ୍ଦ ଯୋଗଦାନ କରିଥିଲେ। ଏହି ଅବସରରେ ଆୟୋଜିତ ଏକ ସାଧାରଣ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ପ୍ରଦୀପ କୁମାର ଷଡଙ୍ଗୀ ସଭାପତିତ୍ୱ କରିଥିବା ବେଳେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ତଥା ଜାତୀୟ ସେବା ଯୋଜନାର ଜିଲ୍ଲା ସଂଯୋଜକ ଡକ୍ଟର ବଂଶୀଧର ଦୀପ ମୁଖ୍ୟଅତିଥି, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ଅଜିତ କୁମାର ଭୋଇ ସମ୍ମାନୀତ ଅତିଥି, ଆଗଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡକ୍ଟର ଧୀରେନ୍ଦ୍ର କୁମାର ମେହେର ମୁଖ୍ୟବକ୍ତା ଭାବରେ ଯୋଗଦାନ କରି ରକ୍ତହୀନତାର କାରଣ ଓ ନିରାକରଣ ସଂପର୍କରେ ବକ୍ତବ୍ୟ ରଖିଥିଲେ। ସଭାକୁ ଅଧ୍ୟାପକ ଡକ୍ଟର ଲିଙ୍ଗରାଜ ମେହେର ସଂଯୋଜନା କରିଥିବା ବେଳେ ମହାବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ଦୈତାରୀ ଶବର ସ୍ୱାଗତ ଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶେଷରେ ଛାତ୍ରୀ ମାମୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଢିଙ୍କିଆରୁ ରାଜଭବନ ଯିବେ ଆନ୍ଦୋଳନକାରୀ



**ପାରାଦ୍ୱୀପ,୨୫।୩ (ସଂଚାର ବ୍ୟୁରୋ):** ଜେଏସଡବ୍ଲ୍ୟୁ କମ୍ପାନୀ ବିରୋଧରେ ଆନ୍ଦୋଳନ ହେବ ଜୋରଦାର। ଢିଙ୍କିଆରୁ ଚାଲି ଚାଲି ରାଜଭବନ ଯିବେ ଆନ୍ଦୋଳନକାରୀ। ଏଭଳି ଆଜି କଡା ଚେତାବନୀ ଦେଇଛନ୍ତି ଏରସମା ବ୍ଲକ ଚାରି ନମ୍ବର ଜିଲ୍ଲାପରିଷଦ ସଭ୍ୟ ପିନାକୀ ନାରାୟଣ ଦାସ। କମ୍ପାନୀ ନିର୍ମାଣାଧୀନ ଅଞ୍ଚଳରେ ହରିଣ ମାରି ଦିଆଯାଇଥିବା ବେଳେ ଏନେଇ ସ୍ଥାନୀୟ ଅଭୟଚାନ୍ଦପୁର ଥାନା ରେ ଏତଲା ଦିଆଯାଇଥିଲେ ମଧ୍ୟ ମାମଲା ରୁଜୁ କରୁନାହିଁ ପୋଲିସ। ଦିର୍ଘ ଦିନ ହେବ ସ୍ଥାନୀୟ ବାଲିତୁଠ ନିକଟରେ ପୋଲସ ଫାଣ୍ଡି ପ୍ରତିଷ୍ଠା ପାଇଁ ଦାବି ହୋଇଥିବା ବେଳେ ସେଠାରେ ପ୍ରତିଷ୍ଠା ନକରି କମ୍ପାନୀ ଫାଟକ ପାଖରେ ହେଉଛି ପୋଲିସ ଫାଣ୍ଡି। ପରିବେଶ ମଞ୍ଜୁରୀ ସଙ୍କ୍ରାନ୍ତୀୟ ମାମଲା କଟକ ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଥିବାବେଳେ ଏପଟେ ହଜାର ହଜାର ଗଛ କଟାଯିବା ଓ ବାଲି ଲୁଟ ହେବା ବଡ ପରିତାପର ବିଷୟ। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଜିଲ୍ଲା ପ୍ରଶାସନ ପକ୍ଷରୁ କିଛି ପଦକ୍ଷେପ୍ଣ ନିଆଯାଉନାହିଁ। ଯାହାର ପ୍ରତିବାଦ ସ୍ୱରୂପ ଢିଙ୍କିଆର ଫୁଲଖାଇ ମନ୍ଦିର ପାଖରୁ ଭୁବନେଶ୍ୱର ରାଜଭବନ ଚାଲି ଚାଲି ଯାଇ ରାଜ୍ୟପାଳଙ୍କୁ ଦେଖା କରିବେ ଆନ୍ଦୋଳନକାରୀ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବାଲିତୁଠ କଦମ୍ବ ମଠ ଠାରେ ଜିଲ୍ଲାପରିଷଦ ସଭ୍ୟ ପିନାକୀ ନାରାୟଣ ଦାସ ପ୍ରକାଶ କରିଛନ୍ତି।

# ସ୍କୁଲରେ ବିଂଶତମ ବାର୍ଷିକ ଉତ୍ସବ



**ବୈଶିଙ୍ଗା,୨୫।୩ (ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ୍ ଅନ୍ତର୍ଗତ ନଡପୁର ଗ୍ରାମ ପଞ୍ଚାୟତ ଅଧିନସ୍ଥ ଖୁଣ୍ଟାରେ ନାଇସ ପବ୍ଲିକ ସ୍କୁଲରେ ବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଅଧ୍ୟକ୍ଷ ଡଃ ଅରୁଣ କୁମାର ସେନାପତିଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ନୃତ୍ୟ ପରିବେଷଣ କରାଯାଇ ଅତିଥି ବୃନ୍ଦଙ୍କୁ ସ୍ୱାଗତ କରାଯାଇଥିଲା। ସନ୍ତୋଷ କୁମାର ଖଣ୍ଡା ମଞ୍ଚ ପରିଚାଳନା କରିଥିଲେ, ବିଦ୍ୟାଳୟର ପୁରୋଧା ନିତ୍ୟାନନ୍ଦ ସାହୁ ବିଦ୍ୟାଳୟର କାର୍ଯ୍ୟକଳାପ ବର୍ଣ୍ଣନା କରିଥିଲେ। ମୁଖ୍ୟ ଅତିଥି ଭାବରେ ତୁଷାର କାନ୍ତ ମହାପାତ୍ର ଅଧ୍ୟକ୍ଷ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗରୁଡ଼ ବସା, ମୁଖ୍ୟ ବକ୍ତା - ରଜତ କୁମାର ଦାଶ ପ୍ରଧାନ ଶିକ୍ଷକ ଆଶ୍ରମ ସ୍କୁଲ ରାଇକମା, ସମ୍ମାନୀୟ ଅତିଥି ସଞ୍ଜୁକ୍ତା ଜୀ ପ୍ରାକ୍ତନ ଅଧକ୍ଷା ବେତନଟୀ ମହାବିଦ୍ୟାଳୟ, ଚିନ୍ମୟୀ ମହାପାତ୍ର ପ୍ରଧାନଶିକ୍ଷୟତ୍ରୀ ନଡପୁର ଉଚ୍ଚବିଦ୍ୟାଳୟ, ବିଷ୍ଣୁଚରଣ ସାହୁ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ, ହରିଶ ଚନ୍ଦ୍ର ନନ୍ଦଗୋସ୍ୱାମୀ ବରିଷ୍ଠ ସାମ୍ବାଦିକ, ସନ୍ତୋଷ କୁମାର ପାଣି ଅବସର ପ୍ରାପ୍ତ ଅଧ୍ୟାପକ, ସୁବାସ ଚନ୍ଦ୍ର ମହାପାତ୍ର ଅଧ୍ୟାପକ ମହାତ୍ମା ଗାନ୍ଧୀ ମହାବିଦ୍ୟାଳୟ ଯୋଗଦେଇଥିଲେ। ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜଳ କାମନା କରିବା ସହିତ କଠୋର ପରିଶ୍ରମ କରି କର୍ତ୍ତବ୍ୟ ନିଷ୍ଠା ଦ୍ୱାରା ନିଜର ଲକ୍ଷ୍ୟ ହାସଲ କରିବାପାଇଁ ପରାମର୍ଶ ଦେଇଥିଲେ। ଛାତ୍ର ଛାତ୍ରୀ ଶିକ୍ଷକ ଓ ଅଭିଭାବକ ମଧ୍ୟରେ ସମନ୍ୱୟ ରହିଲେ ଛାତ୍ର ଛାତ୍ରୀ ଭବିଷ୍ୟତରେ ଭଲ ମଣିଷ ହୋଇପାରିବେ ବୋଲି ଅତିଥି ବୃନ୍ଦ ମତବ୍ୟକ୍ତ କରିବା ସହିତ ପ୍ରତିଯୋଗୀ ମାନଙ୍କୁ ପ୍ରମାଣ ପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ।

# କାର୍ ଧକ୍କାରେ କଲେଜ ଛାତ୍ରୀଙ୍କ ମୃତ୍ୟୁ



**ବାଲିକୁଦା,୨୫।୩(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ନିକଟରେ ଆଜି ଏକ ଶୋଚନୀୟ ସଡ଼କ ଦୁର୍ଘଟଣା ଘଟିଯାଇଛି। ଏକ ଦ୍ରୁତଗାମୀ କାର୍ ଧକ୍କାରେ ଜଣେ କଲେଜ ଛାତ୍ରୀଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି। ମୃତ ଛାତ୍ରୀଜଣକ ହେଉଛନ୍ତି ଡିଅସାହି କାଦୁଅପଡ଼ା ଗାଦିବ୍ରହ୍ମ ମହିଳା ମହାବିଦ୍ୟାଳୟର ତୃପ୍ତିମୟୀ ସାହୁ।ସୂଚନା ଅନୁଯାୟୀ, ତୃପ୍ତିମୟୀ ନିଜ ଘର ଅଳସୁଧା ଅଭିମୁଖେ ଯାଉଥିବା ସମୟରେ ଜିଲ୍ଲାପାଳଙ୍କ ବାସଭବନ ନିକଟରେ ଏକ ବେପରୁଆ ଭାବେ ଆସୁଥିବା କାର୍ ତାଙ୍କୁ ସମ୍ମୁଖରୁ ଶକ୍ତ ଧକ୍କା ଦେଇଥିଲା। ଧକ୍କା ଏତେ ଭୟଙ୍କର ଥିଲା ଯେ, ତୃପ୍ତିମୟୀଙ୍କର ସେଠାରେ ହିଁ ପ୍ରାଣବାୟୁ ଉଡ଼ିଯାଇଥିଲା। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଜଗତସିଂହପୁର-ଜୟପୁର ମୁଖ୍ୟରାସ୍ତାର ଖେରସ ନିକଟରେ ଉତ୍ତେକ୍ତ ଲୋକମାନେ ରାସ୍ତା ଅବରୋଧ କରି ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଫଳରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଘଟଣାସ୍ଥଳରେ ଜଗତସିଂହପୁର ସଦର ଥାନା ପୋଲିସ ପହଞ୍ଚି ଉତ୍ତେକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛି। ଦୁର୍ଘଟଣା ଘଟାଇଥିବା କାର୍ ଓ ଚାଳକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ଦେଶୀ ମଦ ଚାଲାଣ ବେଳେ ଚଢ଼ାଉ, ଜଣେ ଗିରଫ

**ଜୟପୁର,୨୫।୩ (ସଂଚାର ବ୍ୟୁରୋ):** ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ଆଜି ଚଢ଼ାଉ କରି ଜଣେ ଅଭିଯୁକ୍ତ କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବଡ ଓଜେଇ ଗ୍ରାମର ଲକ୍ଷ୍ମଣ ନାୟକ। ସୁଚନା ଅନୁଯାଇ ଏକ ସ୍କୁଟି ରେ ଦେଶି ମଦ ଜୟପୁର ସହରକୁ ଚାଲାଣ ହେଉଥିବା ସୁଚନା ପାଇ ଅବକାରି ଥାନା ଆଜି ପାଞ୍ଜିଆଗୁଡା ରାସ୍ତାରେ ଚଢ଼ାଉ କରିଛି। ଚଢ଼ାଉ କରି ୧୮ ଲିଟର ଦେଶି ମଦ ଓ ସ୍କୁଟି ଗାଡି କୁ ଜବତ କରି ଅଭିଯୁକ୍ତ କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୁଚନା ଦେଇଛନ୍ତି।

# ମଝିପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ସୁବର୍ଣ୍ଣପୁର,୨୫।୩ (ସଂଚାର ବ୍ୟୁରୋ):** ସୋନପୁର ସହରର ମଝିପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ-୨୦୨୬ ବିଦ୍ୟାଳୟ ପରିଚାଳନା କମିଟୀ ସଭାପତି ଶ୍ରୀମତୀ ସଂଯୁକ୍ତା ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ସୋନପୁର ପୌର ପରିଷଦର ପୁର୍ବତନ ନଗରପାଳ ତଥା କାଉନ୍‌ସିଲର ଶ୍ରୀ କଇରୁ ସ୍ୱାଇଁ ମୁଖ୍ୟ ଅତିଥି ଏବଂ ଶ୍ରୀ ବୁଦ୍ଧଦେବ ସା, ସି.ଆର୍.ସି.ସି., ଗଡ଼ଭିତର ମୁଖ୍ୟବକ୍ତା ଭାବରେ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀମତୀ ମିନାକ୍ଷୀ ନାଏକ ବାର୍ଷିକ ବିବରଣୀ ପଠନ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ଶ୍ରୀମତୀ ଜୟଶ୍ରୀ ପଧାନ ସଭାମଂଚ ପରିଚାଳନା କରିଥିଲେ। ଚଳିତ ବର୍ଷ ବିଦ୍ୟାଳୟର ବିଜ୍ଞାନ ପ୍ରଦର୍ଶନୀ, ଗଣିତ ମେଳା, ମାତୃଭାଷା ଦିବସ ସମତେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥ୍ ପୁରସ୍କାର ପ୍ରଦାନ କରିଥିଲେ। ସଭା ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ନାଚ, ଗୀତ ପରିବେଷଣ କରାଯାଇଥିଲା। ଉତ୍ସବରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ମମତା ଶତପଥ, ଗୀତାଞ୍ଜଳୀ ତାଣ୍ଡି ଏବଂ ଶ୍ରୀମତୀ ଅଞ୍ଜଳୀ ମାହାଣା ସହଯୋଗ କରି ଉତ୍ସବକୁ ସଫଳ କରିଥିଲେ।

# ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ଦୁଇ ଦିନିଆ ତାଲିମ୍ ଶିବିର ଅନୁଷ୍ଠିତ



**ସୁବର୍ଣ୍ଣପୁର,୨୫।୩ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଜୟ କୁମାର ସାହୁ, ପିଡି ମୃତ୍ତିକା ସଂରକ୍ଷଣ ବିଭାଗ ର କିଶୋର ଚନ୍ଦ୍ର ବେହେରା, ବଲାଙ୍ଗୀର ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରଫୁଲ୍ଲ କହଁର, ସୋନପୁର ବ୍ଲକ ର ଅତିରିକ୍ତ ମତ୍ସ୍ୟ ଅଧିକାରୀ ତ୍ରିଲୋଚନ ସେଠୀ, ଉଲୁଣ୍ଡା ବ୍ଲକ ଅତିରିକ୍ତ ମତ୍ସ୍ୟ ଅଧିକାରୀ, ଶ୍ରବଣ କହଁର, ଅତିରିକ୍ତ ମତ୍ସ୍ୟ ଫାର୍ମର ଅଧିକାରୀ ଚିତ୍ତରଞ୍ଜନ ରାଉତ ଉପସ୍ଥିତ ଥିଲେ। ସୋନପୁର ଓ ଉଲୁଣ୍ଡା ବ୍ଲକ ରୁ ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା ମତ୍ସ୍ୟ ଚାଷୀ ଙ୍କୁ ଦୁଇ ଦିନ ଧରି ମତ୍ସ୍ୟ ଚାଷ ଉପରେ ତାଲିମ ଦେବାର କାର୍ଯ୍ୟ କ୍ରମ ଆଜି ଶୁଭାରମ୍ଭ ହୋଇଛି। ପୋଖରୀରେ କିପରି ମାଛ ଚାଷ କରି ରୋଜଗାରକ୍ଷମ ହୋଇପାରିବେ ତା ଉପରେ ତାଲିମ ଦିଆଯାଇଥିଲା। ପୋଖରୀ, ଗାଡ଼ିଆ, ରେ କି ପ୍ରକାର ମାଛଚାଷ କଲେ ଉନ୍ନତ ମାନର ମାଛ ହୋଇପାରିବ ବୋଲି ଅଧିକାରୀ ମାନେ ତାଲିମ ଦେଇଥିଲେ। ସଫଳ ମହିଳା ଚାଷୀ ମାନେ ନିଜ ନିଜ ର ଅନୁଭୂତି ବର୍ଣ୍ଣନା କରିଥିଲେ। ତାଲିମ ଶିବିର କୁ ପୂର୍ଣ୍ଣେନ୍ଦୁ ପଣ୍ଡା ସଂଯୋଜନା କରିଥିଲେ। ମତ୍ସ୍ୟ ବିଭାଗ ର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ମେଧାବୀ ଛାତ୍ରଛାତ୍ରୀଙ୍କୁ ବୃତ୍ତିରାଶି ଓ ପ୍ରମାଣପତ୍ର ପ୍ରଦାନ




**ବେତନଟୀ,୨୫।୩ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ବେତନଟୀ ସଠିଲୋସ୍ଥିତ ସ୍ୱର୍ଗତ ଶ୍ରୀ ବାଞ୍ଛାନିଧି ରଥ ଓ ସ୍ୱର୍ଗତ ଶ୍ରୀମତୀ ଶୈଳବାଳା ରଥଙ୍କ ସ୍ମୃତିରେ ତାଙ୍କ ସୁପୁତ୍ର ବେତନଟୀର ପୂର୍ବତନ ବିଦ୍ୟୁତ୍ ବିଭାଗ ଅଧିକାରୀ ଶ୍ରୀ ତିର୍ଥବାସୀ ରଥ ଏବଂ ପୁତ୍ରବଧୂ ସ୍ନେହଲତା ରଥ ନିଜ ସପରିବାରଙ୍କର ସହଯୋଗ ତଥା ଉପସ୍ଥିତିରେ ବୁଧବାର ଦିନ ତୃତୀୟ ଓ ପଞ୍ଚମ ଶ୍ରେଣୀର ଚଳିତ ବର୍ଷ ବେତନଟୀ ବ୍ଲକ ଟପ୍ପର ମେଧାବୀ ଛାତ୍ରଛାତ୍ରୀଙ୍କୁ ବୃତ୍ତିରାଶି, ପ୍ରମାଣ ପତ୍ର ଓ ପଦକ ପ୍ରଦାନ କରାଯାଇଛି । ୧୯୯୬ମସିହାରୁ ଆରମ୍ଭ ହୋଇଥବା ଏହି ବୃତ୍ତି ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବେତନଟୀ ବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କର, ସମ୍ମାନୀୟ ଅତିଥି ଭାବେ ବରିଷ୍ଠ ନାଗରିକ ସଂଘର ସମ୍ପାଦକ ଜୟନ୍ତ କୁମାର ପଟ୍ଟନାୟକ, ବ୍ଲକ୍ ଅତିରିକ୍ତ ଶିକ୍ଷା ଅଧିକାରିଣୀ ଅପର୍ଣ୍ଣା ସାହୁ, ବରିଷ୍ଠ ଡକ୍ଟର ସୁଶୀଲ ଘୋଷଙ୍କ ସମେତ ମେଧାବୀ ଛାତ୍ରଛାତ୍ରୀ, ସେମାନଙ୍କ ଅଭିଭାବକ ଉପସ୍ଥିତରହି ନିଜ ନିଜର ବକ୍ତବ୍ୟ ରଖିଥିଲେ । ତୀର୍ଥବାସୀଙ୍କ ବାପା ସ୍ୱର୍ଗତ ବାଞ୍ଛାନିଧ୍ ରଥ ବେତନଟୀ ବ୍ଲକ୍‌ର ସ୍କୁଲ ଇନ୍ସପେକ୍ଟର ଥିଲେ ତତସହିତ ମା' ସ୍ୱର୍ଗତ ଶୈଳବାଳା ରଥ ବେତନଟୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ରହିଥିଲେ । ପିଲାଙ୍କ ମନରେ ପାଠପଢ଼ା ପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସେମାନଙ୍କ ସ୍ମୃତିରେ ଏହି ପ୍ରୋତ୍ସାହନ ରାଶି ଦିଆଯାଉଥିବା ତୀର୍ଥବାସୀ ସୂଚନା ଦେଇଛନ୍ତି। ଏବର୍ଷ ମଧ୍ୟ ବୃତ୍ତି ରାଶି ବଢ଼ାଇଥିବା ସୂଚନା ଦେଇଥିଲେ।

# ବ୍ଲକସ୍ତରୀୟ ଜନଶୁଣାଣି ଶିବିର

**ସୁବର୍ଣ୍ଣପୁର,୨୫।୩ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ସଦର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ ରେ ମହାତ୍ମା ଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ର ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି ଜନ ଶୁଣାଣି କମିଟି ର ଅଧକ୍ଷ ତଥା ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାର, ଜିଲ୍ଲା ପରିଷଦ ସୁବର୍ଣ୍ଣପୁର ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ମେହେର ଯୋଗ ଦେଇ ଉଦଘାଟନ କରିଥିଲେ, ଅନ୍ୟତମ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷ ପ୍ରହଲ୍ଲାଦ ନାଏକ, ଜନ ଶୁଣାଣି କମିଟି ର ସଦସ୍ୟ ଗୋବିନ୍ଦ ମହାରଣା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରତୀକ କର, ଏ ଇ ଇ ବୈଜନ୍ତୀ କର୍ଣ୍ଣ ଉପସ୍ଥିତ ଥିଲେ, ବିଗତ ଅପ୍ରେଲ ରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଛଅ ମାସରେ ହୋଇଥିବା କାର୍ଯ୍ୟ ଗୁଡିକର ସମୀକ୍ଷା କରାଯାଇ ତାହାର ଫଳାଫଳ ବ୍ଲକ ସାମାଜିକ ସମୀକ୍ଷକ ଦ୍ୱାରା ଉପସ୍ଥାପନା କରାଯଇଥିଲା, କାର୍ଯ୍ୟକ୍ରମ କୁ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସୋନାଲି ଦାସ ସଂଯୋଜନା କରିଥିବା ବେଳେ ଯୋଜନା ସହ ସମ୍ପୃକ୍ତ ଅଧିକାରୀ, ଅଣକୁଶଳୀ ଶ୍ରମିକ ମାନେ ଉପସ୍ଥିତ ଥିଲେ।

# ମା' ସୁରେଶ୍ୱରୀଙ୍କ ବଗଳାମୁଖୀ ବେଶର ତାନ୍ତ୍ରିକ ମହିମା



**ସୁବର୍ଣ୍ଣପୁର,୨୫।୩ (ସଂଚାର ବ୍ୟୁରୋ):** ଚୈତ୍ର ନବରାତ୍ରର ସପ୍ତମ ଦିବସରେ ସୁବର୍ଣ୍ଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ସୁରେଶ୍ୱରୀ ବଗଳାମୁଖୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ଏହି ପବିତ୍ର ଅବସରରେ ମନ୍ଦିର ପରିସରରେ ଭକ୍ତମାନଙ୍କର ବ୍ୟାପକ ଭିଡ଼ ଦେଖିବାକୁ ମିଳିଥିଲା ଏବଂ ସମଗ୍ର ପରିବେଶ ଭକ୍ତିମୟ ଓ ଆଧ୍ୟାତ୍ମିକ ମାହୋଲରେ ମୁଗ୍ଧ ହୋଇଯାଇଥିଲା। ବଗଳାମୁଖୀ ବେଶ ଦଶମହାବିଦ୍ୟାମାନଙ୍କ ମଧ୍ୟରୁ ଗୋଟିଏ ଶକ୍ତିରୂପ ଭାବେ ପରିଚିତ, ଯାହାକୁ ଶତ୍ରୁନିବାରଣ ଓ ଅସତ୍ୟର ଦମନର ପ୍ରତୀକ ଭାବେ ପୂଜା କରାଯାଏ। ପୌରାଣିକ କଥାନୁସାରେ, ସଂସାରରେ ଭୟାବହ ଝଡ଼ ଓ ବିପର୍ଯ୍ୟୟ ସୃଷ୍ଟି ହେବା ସମୟରେ ଦେବତାମାନେ ମା'ଙ୍କୁ ଆହ୍ୱାନ କରିଥିଲେ। ମା' ବଗଳାମୁଖୀ ଅବତାର ଗ୍ରହଣ କରି ଏହି ଅଶାନ୍ତିକୁ ଶାନ୍ତ କରିଥିବା ବିଶ୍ୱାସ ରହିଛି। ଆଉ ଗୋଟିଏ ପ୍ରଚଳିତ କାହାଣୀ ଅନୁଯାୟୀ, 'ମଦନାସୁର' ନାମକ ଦାନବ ତାଙ୍କର ଅପାର ଶକ୍ତିରେ ଦେବତାମାନଙ୍କୁ ଉତ୍ପୀଡ଼ନ କରୁଥିବାବେଳେ, ମା' ବଗଳାମୁଖୀ ତାଙ୍କ ଜିହ୍ୱାକୁ ଧରି ତାଙ୍କ ଶକ୍ତିକୁ ନିର୍ବଳ କରିଦେଇଥିଲେ। ଏହା ଅସତ୍ୟ ଓ ଅଧର୍ମ ଉପରେ ସତ୍ୟର ବିଜୟକୁ ପ୍ରତୀକାତ୍ମକ ଭାବେ ପ୍ରକାଶ କରେ। ଏହି ବେଶରେ ମା'ଙ୍କୁ ପୀତବର୍ଣ୍ଣ (ହଳଦିଆ) ପୋଷାକରେ ଅଳଙ୍କୃତ କରାଯାଇଥାଏ, ଯାହା ଶକ୍ତି, ଶାନ୍ତି ଓ ସଫଳତାର ପ୍ରତୀକ ଭାବେ ଗ୍ରହଣୀୟ। ଏହି ଦିନରେ ବିଶେଷ ପୂଜାର୍ଚ୍ଚନା, ମନ୍ତ୍ରୋଚ୍ଚାରଣ ଓ ହୋମ-ଯଜ୍ଞ ଆୟୋଜିତ ହୋଇଥିଲା। ଭକ୍ତମାନଙ୍କ କହିବା ଅନୁଯାୟୀ, ମା'ଙ୍କର ଏହି ବଗଳାମୁଖୀ ବେଶର ଦର୍ଶନ ଓ ଉପାସନା କରିଲେ ଶତ୍ରୁବାଧା ଦୂର ହେବା ସହ ଜୀବନରେ ସଫଳତା ଲାଭ ହୁଏ। ଏହାକୁ ନେଇ ଭକ୍ତମାନଙ୍କ ମଧ୍ୟରେ ଗଭୀର ଆସ୍ଥା ସହ ବିଶେଷ ଉତ୍ସାହ ପ୍ରକାଶ ପାଇଥିଲା।

# ଜିଲ୍ଲା ଚିକିତ୍ସାଳୟରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ସହ ଯନ୍ତ୍ରପାତି ଲଗାଇବାକୁ ଦାବି

**ଜୟପୁର,୨୫।୩ (ସଂଚାର ବ୍ୟୁରୋ):** ଜୟପୁର ଉପ ଜିଲାପାଳ ଙ୍କ କାର୍ଯ୍ୟାଳୟରେ ଜିଲା ଚିକିତ୍ସାଳୟରେ ଲାଗି ରହିଥିବା ସମସ୍ୟାର ସମାଧାନ କରିବାକୁ ଦାବି ପତ୍ର ପ୍ରଦାନ କରାଯାଇଛି। ଜୟପୁର ଉପ ଜିଲାପାଳ ଦାୟିତ୍ୱ ରେଥିବା ଆଇଟିଡିଏ ପିଏ ତୃପ୍ତି ବରାଇଙ୍କୁ ଆଜି ସମାଜ ସେବି ବି ହରିରାଓଙ୍କ ନେତୃତ୍ୱରେ ଗ୍ରାମବାସୀ ମାନେ ଦାବି ପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ଦୀର୍ଘ ବର୍ଷ ପରେ ଜୟପୁର ଠାରେ ଏକ ଉନ୍ନତ ଧରଣର ମୋଡିକାଲ ଖୋଲାଯାଇଛି। ଯାହାଫଳରେ ସମଗ୍ର କୋରାପୁଟ ଜିଲାର ଜନ ସାଧାରଣ ଏବଂ ଆଖ ପାଖ ଜିଲାର ଲୋକ ମାନେ ମଧ୍ୟ ଉତ୍ତମ ଚିକିତ୍ସା ପାଇବାର ଆଶା କରିଥିଲେ। ଏ ଦୁର ସ୍ଥାନରୁ ଆଉ ରେଫର ହୋଇ ଯିବାକୁ ପଡ଼ିବ ନାହିଁ। କିନ୍ତୁ ବର୍ତ୍ତମାନ ସ୍ଥିତିରେ ସମଗ୍ର ଜନସାଧାରଣ ହତାଶ ହୋଇ ପଡ଼ିଛନ୍ତି। ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ବରିଷ୍ଠ ବିଶେଷଜ୍ଞ ଡାକ୍ତର ନାହାଁନ୍ତି। କେତେକ କନିଷ୍ଠ ଡାକ୍ତରଙ୍କୁ ନେଇ ଚିକିତ୍ସାଳୟ ଚାଲିଛି। ଯାହା ଦ୍ୱାରା ଗୁରୁତ୍ୱ ପୁର୍ଣ୍ଣ ରୋଗି, ଦୁର୍ଘଟଣା ଗ୍ରସ୍ତ ରୋଗି ମାନେ ଚିକିତ୍ସା ପାଇବାରୁ ବଞ୍ଚିତ ହୋଉଛନ୍ତି। ଓ ଚିକିତ୍ସାଳୟ ତରଫରୁ କୋରାପୁଟ ସ୍ଥିତ ଶହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଉଛି।

# ୪ଦଫା ଦାବି ନେଇ କଂଗ୍ରେସର ଜିଲ୍ଲା ବନ୍ଦ ପାଳନ

**ମାଲକାନଗିରି,୨୫।୩ (ସଂଚାର ବ୍ୟୁରୋ):** ମାଲକାନଗିରି ଜିଲା କଂଗ୍ରେସ କମିଟି ତରଫରୁ ବୁଧବାର ୧୨ ଘଣ୍ଟିଆ ଜିଲା ବନ୍ଦ ପାଳନ କରାଯାଇଛି। ୪ ଦଫା ଦାବି ନେଇ ଏହି ବନ୍ଦ ଡାକରା ପାଳନ କରାଯାଇଥିବା ବେଳେ ଏଥିମଧ୍ୟରୁ ଧାନମଣ୍ଡି ଆରମ୍ଭ ହୋଇ ଆଜକୁ ପ୍ରାୟ ୩ ମାସରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ବହୁ ଚାଷୀଙ୍କ ଧାନମଣ୍ଡିରେ ପଡ଼ିରହିଛି। ଏତଦ୍ୱ୍ୟତୀତ ବହୁ ଚାଷୀଙ୍କ ଟୋକନ ଆସିବା ସତ୍ତ୍ୱେ ସରକାର ଧାନ ଖରିଦ କରି ନ ଥିବାରୁ ଉକ୍ତ ଟୋକନର ସମୟସୀମା ମଧ୍ୟ ସରିଯାଇଛି। ଯାହାଫଳରେ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେବଳ ଏତିକି ନୁହେଁ ବର୍ତ୍ତମାନ ଅଦିନିଆ ବର୍ଷା ଯୋଗୁଁ ବହୁଚାଷୀଙ୍କ ଧାନ ନଷ୍ଟ ହେବାରେ ଲାଗିଛି। ତେଣୁ ଚାଷୀମାନଙ୍କୁ ଅଦିନିଆ ବର୍ଷା ଜନିତ କ୍ଷୟକ୍ଷତି ପ୍ରଦାନ, ମଣ୍ଡିରୁ ସମସ୍ତ ଧାନ ସରକାର ଖରିଦ କରିବା ପାଇଁ ଦାବି ହୋଇଛି। ସେହିପରି ବର୍ତ୍ତମାନ ଜିଲାକୁ ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ, ଗ୍ୟାସ ସିଲିଣ୍ଡରର ଅଭାବ ଦେଖିବାକୁ ମିଳିଛି। ଯାହାଫଳରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ତୁରନ୍ତ ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ ଓ ଗ୍ୟାସ ସିଲିଣ୍ଡର ଯୋଗାଇ ଦିବାଯିବାକୁ ଦାବି ହେଉଛି। ସରକାର ଚାଷୀମାନଙ୍କ ଖାଲି ବସ୍ତା ବାବଦକୁ ଟଙ୍କା ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଥିଲେ ସୁଦ୍ଧା ଆଜକୁ ତିନିବର୍ଷ ବିତି ଯାଇଥିଲେ ମଧ୍ୟ ଖାଲି ବସ୍ତା ବାବଦକୁ ଚାଷୀଙ୍କୁ ବକେୟା ଟଙ୍କା ଯୋଗାଇ ଦିଆଯାଇନାହିଁ।

# ସ୍କୁଲ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ ପାଇଁ ନିମନ୍ତ୍ରଣ ପତ୍ର



**ଦିଗପହଣ୍ଡି,୨୫।୩ (ସଂଚାର ବ୍ୟୁରୋ):** ୨୦୨୬-୨୭ ଶିକ୍ଷାବର୍ଷ ପ୍ରାରମ୍ଭରେ ଶିଶୁବାଟିକା ଓ ପ୍ରଥମ ଶ୍ରେଣୀ ନାମଲେଖା ପାଇଁ ସାନଖେମୁଣ୍ଡି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍କୁଲ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ନିମନ୍ତ୍ରଣ ପତ୍ର ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଅଧିନରେ ଜାତୀୟ ଶିକ୍ଷାନୀତି ୨୦୨୦ ଅନୁସାରେ ଏହା କାର୍ଯ୍ୟକାରୀ ହେଉଛି। ସାନଖେମୁଣ୍ଡି ବ୍ଲକ ମହାନଳା ଗ୍ରାମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୋଷ୍ଠୀ ଶିକ୍ଷାଧିକାରୀ କୋରେଶୁ ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଡ଼ିଓ ଜିତେନ୍ଦ୍ର କୁମାର ମିଶ୍ର ଉପସ୍ଥିତ ରହି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ । ଏହାସହ ଘରକୁ ଘର ଯାଇ କୁନି କୁନି ଶିଶୁମାନଙ୍କୁ ଚକୋଲେଟ ଓ ଫୁଲ ଦେବା ସହ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପାଇଁ ଅଭିଭାବକମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ଆସନ୍ତା ଏପ୍ରିଲ ୨ ତାରିଖରେ ସମସ୍ତ ବିଦ୍ୟାଳୟରେ ଖଡ଼ି ଛୁଆଁ ଓ ନାମଲେଖା ଦିବସ ପାଳନ କରାଯିବ। ନୂତନ ଭାବେ ନାମ ଲେଖାଉଥିବା ପିଲାମାନଙ୍କୁ ପାରମ୍ପରିକ ରୀତିରେ ଫୁଲ ଓ ଚନ୍ଦନ ଦେଇ ସ୍ୱାଗତ କରାଯିବ।